DHARITRI — 51 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 28/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 273 | ମୂଲ୍ୟ ₹୭/-


# କଟକ ରେଳ ପ୍ଲାଟଫର୍ମ ଛାତ ଭୁଶୁଡ଼ିଲା



ରେଳ ଟ୍ରାକ୍ ଉପରକୁ ଭୁଶୁଡ଼ି ପଡ଼ିଥିବା କଟକ ରେଳଷ୍ଟେଶନ ୧ ନମ୍ବର ପ୍ଲାଟଫର୍ମ ଛାତ। (ଫଟୋ: ରାଜକିଶୋର ମହାନ୍ତି)

**କଟକ ରେଳଷ୍ଟେଶନର ବୁଧବାର ନବୀକରଣ କାର୍ଯ୍ୟପାଇଁ ପୁରୁଣା ନିର୍ମାଣ ଭଙ୍ଗା କାର୍ଯ୍ୟ ଚାଲିଥିବାବେଳେ ବଡ଼ ଅଘଟଣ ଘଟିଛି। ଅପରାହ୍ନ ପ୍ରାୟ ୩.୪୫ ସମୟରେ ୧ ନମ୍ବର ପ୍ଲାଟଫର୍ମର ୨ୟ ଗେଟ୍ ନିକଟରେ ଏକ ପୁରୁଣା କାନ୍ଥ ଧସି ପ୍ଲାଟଫର୍ମ ଛାତ ଉପରେ ପଡ଼ିଯାଇଥିଲା। ଫଳରେ ପ୍ଲାଟଫର୍ମ ଛାତର କିଛି ଅଂଶ ଭୁଶୁଡ଼ି ୧ ଓ ୨ ନମ୍ବର ଟ୍ରାକ୍ ଉପରେ ପଡ଼ିଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଭଙ୍ଗା କାର୍ଯ୍ୟରେ ପରିଚାଳନାଗତ ତ୍ରୁଟି କାରଣରୁ ଏଭଳି ହୋଇଥିବା ଜଣାପଡ଼ିଛି। ଅଘଟଣ ପରେ ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ରହଣିକୁ ବାତିଲ କରାଯାଇଛି। ବିଡ଼ମ୍ବନା ଯେ, ୧ ନମ୍ବର ପ୍ଲାଟଫର୍ମରେ ଭଙ୍ଗା କାର୍ଯ୍ୟ ଚାଲିଥିବାବେଳେ ଟ୍ରେନ୍ ଚଳାଚଳ ସେହି ଟ୍ରାକ୍‌ରେ ବନ୍ଦ କରାଯାଇ ନ ଥିଲା। ବନ୍ଦେ ଭାରତ ଏକ୍ସପ୍ରେସ୍ ସେହି ୧ ନମ୍ବର ପ୍ଲାଟଫର୍ମରେ ରହଣି ପରେ ପୁନର୍ବାର ଗନ୍ତବ୍ୟ ପଥରେ ହାଓଡ଼ା ଅଭିମୁଖେ ଯିବାର ମାତ୍ର ୧୦ ମିନିଟ ପରେ ଏହି ଘଟଣା ଘଟିଥିଲା। ବନ୍ଦେ ଭାରତ ଟ୍ରେନ୍ ଅଟକି ଥିବାବେଳେ ଯଦି ଏହା ଘଟିଥାନ୍ତା ତେବେ ବହୁ ଧନଜୀବନ ହାନି ଏଡ଼ାଇ ହୋଇ ନ ଥାନ୍ତା।**

**କଟକ,୨୭।୮ (କାର୍ତ୍ତିକ ସାହୁ)**

କଟକ ରେଳଷ୍ଟେଶନରେ ହଠାତ୍ ଏଭଳି ଘଟଣା ପରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ନବୀକରଣ କାର୍ଯ୍ୟବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ରେଳୱେ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଇଛି। ସୂଚନାନୁସାରେ, ଚେନ୍ନାଇର ନିର୍ମାଣକାରୀ ସଂସ୍ଥା ୟୁଆର୍‌ସି ଦ୍ୱାରା କଟକ ରେଳଷ୍ଟେଶନର ନବୀକରଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟ ସହ ପୁରୁଣା ନିର୍ମାଣଗୁଡ଼ିକ ଭଙ୍ଗାଯାଉଛି। ନିୟମିତ ଭାବେ ଏହି କାର୍ଯ୍ୟ ଯୋଜନାବଦ୍ଧ ଭାବେ ଚାଲିଛି। ହେଲେ ବୁଧବାର ଘଟିଥିବା ଅଘଟଣ ସମୟରେ ଯେତିକି ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ତାହା ପର୍ଯ୍ୟାପ୍ତ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କୁହନ୍ତି। ଏପରି କି ଘଟଣାସ୍ଥଳରେ ଉପସ୍ଥିତ ଜଣେ ଅଧିକାରୀ କୁହନ୍ତି, ଯେତିକି ଭାଙ୍ଗିବ ବୋଲି ଆକଳନ କରାଯାଇଥିଲା, ତା'ଠାରୁ ଢେର ଅଧିକ ଆପେଆପେ ଧସି ଯାଇଥିଲା। ☞ପୃଷ୍ଠା-୪

## ଲଘୁଚାପ: ୨ ଜିଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପଶ୍ଚିମ ଉତ୍ତର-ପଶ୍ଚିମ ମୁହାଁ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ଗୁରୁବାର ମାଲକାନଗିରି ଓ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ୨ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି।

### ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।


ପ୍ରତିଶ୍ରୁତି ଭୁଲନ୍ତି ନାହିଁ... ତା' ହେଲେ ପଲିସି ପ୍ରିମିୟମ୍‌କୁ କାହିଁକି ଭୁଲିବେ?



ଏଲ୍‌ଆଇସି ଅଫ୍ ଇଣ୍ଡିଆ ପ୍ରସ୍ତୁତ କରୁଛି ସ୍ପେଶାଲ ରିଭାଇଭାଲ୍ କ୍ୟାମ୍ପେନ୍ ବିଳମ୍ବିତ ଦେୟ ଉପରେ ରିହାତି ସହିତ ।

ଅବଧି: 18/08/2025 ଠାରୁ 17/10/2025 ପର୍ଯ୍ୟନ୍ତ

ଶୀଘ୍ର! ଏହି ସୁଯୋଗକୁ ହାତଛଡ଼ା ହେବାକୁ ଦିଅନ୍ତୁ ନାହିଁ ।
ନିଜର ବୀମା ସୁରକ୍ଷାକୁ ପୁନର୍ବାର ହାସଲ କରିବା ତଥା ନିରବଚ୍ଛିନ୍ନ ଭାବେ ତାହାର ଲାଭକୁ ପ୍ରାପ୍ତ କରିବାର ସୁଯୋଗ ।

| ସମୁଦାୟ ପ୍ରାପ୍ୟ ପ୍ରିମିୟମ୍ | % ବିଳମ୍ବିତ ଦେୟରେ ରିହାତି | ରିହାତିର ସର୍ବାଧିକ ସୀମା* |
|---|---|---|
| ₹1,00,000 ପର୍ଯ୍ୟନ୍ତ | 30% | ₹3000 |
| 1,00,001ଠାରୁ 3,00,000 ପର୍ଯ୍ୟନ୍ତ | 30% | ₹4000 |
| 3,00,001 ଓ ତଦୂର୍ଦ୍ଧ୍ୱ | 30% | ₹5000 |

*ନିୟମ ଓ ସର୍ତ୍ତାବଳୀ ଲାଗୁ
ପଲିସି ପାଇଁ ପୈଠ କରାଯାଇ ନ ଥିବା ପ୍ରଥମ ପ୍ରିମିୟମ୍ ତାରିଖଠାରୁ 5 ବର୍ଷ ମଧ୍ୟରେ ତାହାକୁ ପୁନଃ ସକ୍ରିୟ କରାଯାଇପାରିବ ।
ଦୟାକରି ନିଜର ନିକଟତମ ଏଲ୍‌ଆଇସି ଶାଖା କିମ୍ବା ଏଜେଣ୍ଟଙ୍କ ସହ ଯୋଗାଯୋଗ କରନ୍ତୁ । ଆମ ସହ ଜଡ଼ିତ ହୋଇ ରହନ୍ତୁ । ଏଲ୍‌ଆଇସିରେ ନିଜର ମୋବାଇଲ ନମ୍ବର, ଇମେଲ୍, ଏନ୍‌ଇଏଫ୍‌ଟି ଓ ପ୍ୟାନ୍ ନମ୍ବର ଅପ୍‌ଡେଟ୍ କରନ୍ତୁ ।

ଡାଉନ୍‌ଲୋଡ୍ କରନ୍ତୁ ଏଲ୍‌ଆଇସି ମୋବାଇଲ୍ ଆପ୍ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827 | IRDAI Regn No.: 512
ଅଧିକ ସୂଚନା ପାଇଁ ନିଜର ଏଜେଣ୍ଟ/ନିକଟତମ ଏଲ୍‌ଆଇସି ଶାଖା ସହିତ ଯୋଗାଯୋଗ କରନ୍ତୁ କିମ୍ବା ନିଜ ସହରର ନାମ SMS କରନ୍ତୁ 56767474କୁ
ଆମକୁ ଫଲୋ କରନ୍ତୁ: LIC India Forever | ଆମର ହ୍ୱାଟ୍‌ସଆପ୍ ନଂ.: 8976862090 'Hi' କୁହନ୍ତୁ
ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ: ଆଇଆର୍‌ଡିଏଆଇ ବୀମା ପଲିସି ବିକ୍ରୟ କରିବା କିମ୍ବା ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ ଭଳି ଗତିବିଧିରେ ସଂଶ୍ଳିଷ୍ଟ ନୁହେଁ । ଏପରି ଫୋନ୍ କଲ୍ ପ୍ରାପ୍ତ କରୁଥିବା ଜନସାଧାରଣଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବା ଲାଗି ଅନୁରୋଧ କରାଯାଉଛି । ଆଶଙ୍କାଗତ କାରକ, ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ସୂଚନା ପାଇଁ, ଦୟାକରି ବିକ୍ରି ଚୂଡ଼ାନ୍ତ କରିବା ପୂର୍ବରୁ ସୂଚନା ପୁସ୍ତିକାକୁ ଧ୍ୟାନପୂର୍ବକ ପଢ଼ିନିଅନ୍ତୁ ।
LIC — ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ — LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/MI/2025-26/15/Ori


# ଅନ୍ନଦାତାଙ୍କ ଉନ୍ନତିରେ ହିଁ ପ୍ରଗତି ସମ୍ଭବ: ମୁଖ୍ୟମନ୍ତ୍ରୀ

### ୫୧ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ମିଳିଲା ସିଏମ୍ କିଷାନ ଅର୍ଥ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୨୭।୮ (ରବିନାରାୟଣ ଜେନା)**

ଚଳିତବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଜଣେହେଲେ ଚାଷୀ ଯେପରି ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି। ଅନ୍ନଦାତାଙ୍କ ବିନା ଉନ୍ନତିରେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ କୃଷି ବିଭାଗ ପକ୍ଷରୁ ବୁଧବାର ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସିଏମ୍ କିଷାନ ତୃତୀୟ କିସ୍ତିରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି



ଆଲୋକ ଆରାଧେ



ବି.ଏମ୍. ପାଞ୍ଚୋଲି

**ନୂଆଦିଲ୍ଲୀ,୨୭।୮(ପି.ଟି.)**

ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଆଲୋକ ଆରାଧେ ଏବଂ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ବୁଧବାର ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ମିଳିଛି। ସୁପ୍ରିମକୋର୍ଟ କଲେଜିୟମ୍ ସୋମବାର ସେମାନଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆର୍ଯ୍ୟ ଥିଲେ ବଣିକ


DADLS-47



|| ନୂଆଁଖାଇ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)



ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।
ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା "ନୂଆଁଖାଇ ତିହାର୍" ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।
ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0977/2526

## ସଂକ୍ଷେପରେ

### ଗାଜାରେ କ୍ଷୁଧା: ଦିନକରେ ୧୦ ମୃତ

ଗାଜା ସିଟି,୨୭।୮

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଗତ ୨୪ ଘଣ୍ଟା ମଧ୍ୟରେ କ୍ଷୁଧାରେ ୨ ପିଲାଙ୍କ ସମେତ ୧୦ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଗାଜାରେ କ୍ଷୁଧାଜନିତ ମୋଟ ମୃତ୍ୟୁସଂଖ୍ୟା ୩୧୩ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୯ ଜଣ ଛୋଟ ପିଲା। ଏହି ସମୟ ମଧ୍ୟରେ ସହାୟତା ପାଇଁ ଯାଉଥିବା ୧୮ ଜଣଙ୍କ ସମେତ ମୋଟ ୭୫ ଜଣ ପାଲେଷ୍ଟିନୀୟ ଇସ୍ରାଏଲୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଖାନ୍ ୟୁନିସ୍‌ରେ ଥିବା ହସ୍ପିଟାଲକୁ ପ୍ରତିଦିନ କୁପୋଷଣ ମାମଲା ଆସୁଥିବା ଏହାର ନିର୍ଦ୍ଦେଶକ କହିଛନ୍ତି। ଅତ୍ୟଧିକ କୁପୋଷଣ ରୋଗୀଙ୍କ ଚିକିତ୍ସା ଡାକ୍ତରମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

### ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୬ ମୃତ

ପାଲ୍‌ଘର,୨୭।୮

ମହାରାଷ୍ଟ୍ର ପାଲ୍‌ଘର ଜିଲାର ଭିରାରଠାରେ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ବର୍ଷକର ଶିଶୁକନ୍ୟା ଓ ୧୧ ବର୍ଷର ବାଳକ ରହିଛନ୍ତି। ଭଗ୍ନାବଶେଷ ତଳେ ଅଧିକ ମୃତଦେହ ରହିଥିବା ଆଶଙ୍କା କରାଯାଉଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଠାଟି ଭୁଶୁଡ଼ି ପାଖରେ ଥିବା ଅନ୍ୟ ଏକ ଘର ଉପରେ ପଡ଼ିଥିଲା। ବସାଇ ଭିରାର ମ୍ୟୁନିସିପାଲ୍ କର୍ପୋରେଶନ୍‌ର ଅଭିଯୋଗକ୍ରମେ ପୋଲିସ ବିଲ୍ଡରଙ୍କୁ ଗିରଫ କରିଛି। ବିଲ୍ଡିଂଟି ବେଆଇନ ଥିଲା ବୋଲି ମ୍ୟୁନିସିପାଲ କର୍ପୋରେଶନ୍‌ର ଜଣେ ମୁଖପାତ୍ର କହିଛନ୍ତି।

### ବାଇକ୍‌ରେ ରିଲ୍ ଶୁଟିଂ ବେଳେ ଦୁର୍ଘଟଣା: ୨ ଛାତ୍ରଙ୍କ ମୃତ୍ୟୁ

ପାଟନା,୨୭।୮

ବିହାରର ମୁଙ୍ଗେର ଜିଲାରେ ଦଶମ ଶ୍ରେଣୀର ୩ ଛାତ୍ର ବାଇକ୍‌ରେ ରିଲ୍ ଶୁଟିଂ କରୁଥିବାବେଳେ ଛିଡ଼ାହୋଇଥିବା ଏକ ବସ୍‌କୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ତୃତୀୟ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୦ ନମ୍ବର ଜାତୀୟ ରାଜପଥ ନିକଟ ବରିୟାରପୁର ସୁଲତାନଗଞ୍ଜରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ନାମ ଶୁଭମ ଏବଂ ଆନନ୍ଦକୁମାର ହୋଇଥିବାବେଳେ ଆହତ ସୋନୁ କୁମାର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

**ଦିଲ୍ଲୀରେ ଆଜି**




ନୂଆଦିଲ୍ଲୀରେ ବୁଧବାର ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍-୨୦୨୫ର ଜର୍ସି ଲଞ୍ଚ୍ ଅବସରରେ ଏମ୍‌ପି ତଥା ଏହାର ବ୍ରାଣ୍ଡ୍ ଆମ୍ବାସାଡର କଙ୍ଗନା ରାଣାଓ୍ୱତ୍‌ଙ୍କ ସହ ପିସିଆଇ ଅଧ୍ୟକ୍ଷ ଦେବେନ୍ଦ୍ର ଝାଝାରିଆ। ନିକଟରେ ଉପସ୍ଥିତ ପାରା ଆଥଲେଟ୍ସ ପ୍ରୀତି ପାଲ, ଧରମବୀର, ପ୍ରଣବ ସୁରମା ଓ ଅନ୍ୟମାନେ। (ଫଟୋ- ଚମନ ଗୌତମ)

## ୫୦% ଟ୍ରମ୍ପ୍ ଟାରିଫ୍ ଲାଗୁ

# ଭାରତ ଖୋଜୁଛି ବିକଳ୍ପ ବଜାର





ୱାଶିଂଟନ୍/ନୂଆଦିଲ୍ଲୀ,୨୭।୮(ରଏଟର୍ସ/ପି.ଟି.)

ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଭାରତୀୟ ଆମଦାନୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତିରିକ୍ତ ୨୫% ଟାରିଫ୍ ସହ ନୂଆଦିଲ୍ଲୀ ଉପରେ ମୋଟ ୫୦% ଶୁଳ୍କ ବୁଧବାରଠାରୁ ଲାଗୁ ହୋଇଛି। ଟ୍ରମ୍ପ୍ ଭାରତ ଉପରେ ଘୋଷଣା କରିଥିବା ପାଲଟା ଶୁଳ୍କ ୨୦୨୫ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ୨୭ ତାରିଖ ଭାରତୀୟ ସମୟ ପୂର୍ବାହ୍ନ ୯ଟା ୩୧ ମିନିଟ ପରେ ଆମେରିକାକୁ ପ୍ରବେଶ କରୁଥିବା ପଣ୍ୟସାମଗ୍ରୀ ଦୁଇଗୁଣା ଟିକସ ବୋଝ ସହିବା ଆରମ୍ଭ କରିଛି। ଏଥିଯୋଗୁ ଭାରତୀୟ ରପ୍ତାନି ଓ ନିଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଭାରତ ନିଜ ପସନ୍ଦ ମୁତାବକ ଉତ୍ସରୁ ଶକ୍ତି କ୍ରୟ ଜାରି ରଖିବ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ଆମେରିକା ଏହି ଦଣ୍ଡାତ୍ମକ ଟାରିଫ୍‌ର ପୁନର୍ବିଚାର କରିବ ବୋଲି ଭାରତ ଆଶାବାଦୀ ଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୫୦ ପ୍ରତିଶତ ଟାରିଫ୍ ଯୋଗୁ ବାର୍ଷିକ ପ୍ରାୟ ୬୦ ବିଲିୟନ୍ ଡଲାରର କ୍ଷତି ହେବାକୁ ଥିବାବେଳେ ଏହାର ଭରଣା ପାଇଁ ମଧ୍ୟ ଭାରତ ଯୋଜନା କରିଛି। ତଦନୁସାରେ ପ୍ରାରମ୍ଭିକ ସ୍ତରରେ ଟେକ୍ସଟାଇଲ ଉତ୍ପାଦ ସମେତ ଅନ୍ୟ ସାମଗ୍ରୀଗୁଡ଼ିକୁ ୪୦ ଦେଶକୁ ରପ୍ତାନି କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଛି।

### ନୂଆଦିଲ୍ଲୀର ମୁକାବିଲା ରଣନୀତି

ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ମତରେ ୨୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ସହ ଭାରତର ବାଣିଜ୍ୟିକ ସମ୍ପର୍କ ରହିଥିବାବେଳେ ରପ୍ତାନିରେ ବିବିଧତା ବଜାୟ ରଖିବା ପାଇଁ ଅନ୍ୟ ୪୦ ଦେଶ ସହିତ କାରବାର ବୃଦ୍ଧି ଯୋଜନା କରାଯାଇଛି। ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ଅଷ୍ଟ୍ରେଲିଆ, ବେଲ୍‌ଜିୟମ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ସ୍ପେନ୍, ଦକ୍ଷିଣ କୋରିଆ, ତୁର୍କୀ, ନେଦରଲାଣ୍ଡ୍ସ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବ୍ରିଟେନ୍। ଭାରତର ରପ୍ତାନି ଟାର୍ଗେଟରେ ଥିବା ଏହି ୪୦ ରାଷ୍ଟ୍ରକୁ ୫୯୦ ବିଲିୟନ୍ ଡଲାର ଟେକ୍ସଟାଇଲ ଓ ଆପାରେଲ ପଠାଗଲେ ନୂଆଦିଲ୍ଲୀକୁ ନିଜ ମାର୍କେଟ ଶେୟାର ତ୍ୱରାନ୍ୱିତ କରିବା ପାଇଁ ସୁଯୋଗ ମିଳିବ। ଏକ୍ସପୋର୍ଟ ପ୍ରମୋଶନ୍ କାଉନ୍‌ସିଲ୍ସ (ଇପିସି) ବିବିଧକରଣ ରଣନୀତିର ମେରୁଦଣ୍ଡ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। ଏଥିସକାଶେ ସୁରଟ, ପାନିପଥ, ତିରୁପୁର ଓ ଭଦୋହିରୁ ଉଚ୍ଚଚାହିଦାଯୁକ୍ତ ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ପଠାଇବା ପାଇଁ ଚିହ୍ନଟ କରାଯିବ। ଇପିସିଗୁଡ଼ିକ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ମଧ୍ୟ ଭାଗନେଇ ବ୍ରାଣ୍ଡ୍ ଇଣ୍ଡିଆ ଅଧୀନରେ ନିର୍ଦ୍ଦିଷ୍ଟ ଅଭିଯାନ ଚଳାଇବେ। ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ବଳରେ ରପ୍ତାନି ବୃଦ୍ଧି ସହ ଜରୁରୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

### ସର୍ବାଧିକ ପ୍ରଭାବିତ କ୍ଷେତ୍ର

ଟ୍ରମ୍ପ୍‌ଙ୍କ ୫୦% ଟାରିଫ୍ ଯୋଗୁ ଆମେରିକାରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ସେହି ଦେଶରେ ମହଙ୍ଗା ହେବ। ଏଥିଯୋଗୁ ଭାରତର ଟେକ୍ସଟାଇଲ୍ସ ଓ କପଡ଼ା, ଜେମ୍ସ ଓ ଜୁଏଲେରି, ମାଛ ଓ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ, ଚମଡ଼ା ଓ ଜୋତା, ପ୍ରାଣୀ ଉତ୍ପାଦ, କେମିକାଲ୍ସ, ଇଲେକ୍ଟ୍ରିକାଲ ଓ ମେକାନିକାଲ ମେଶିନାରି ଭଳି ଘରୋଇ ସେକ୍ଟରଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

ଭାରତୀୟ ଜେମ୍ସ ଆଣ୍ଡ୍ ଜୁଏଲେରିର ସବୁଠୁ ବଡ଼ କ୍ରେତା ହେଉଛି ଆମେରିକା। କେବଳ ଗତବର୍ଷ ଭାରତ ଆମେରିକାକୁ ୮୭,୬୦୦ କୋଟି ଟଙ୍କାର ଏଭଳି ସାମଗ୍ରୀ ରପ୍ତାନି କରିଥିଲା। ଟ୍ରମ୍ପ୍‌ଙ୍କ ଟାରିଫ୍ ଘୋଷଣା ପରେ ଡାଇମଣ୍ଡ ପଲିଶିଂର ଗ୍ଲୋବାଲ ହବ୍ ସୁରଟରେ ଏହାର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଲାଣି। ଗତବର୍ଷ ଭାରତ ଆମେରିକାକୁ ୨୨,୮୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥିବାବେଳେ ଟେକ୍ସଟାଇଲ୍ସ କ୍ଷେତ୍ରରେ ୨ ବିଲିୟନ୍ ଡଲାର ରପ୍ତାନି ହୋଇଥିଲା। ସେହିପରି ୨୦୨୪ରେ ଅଟୋ ସେକ୍ଟରରେ ଆମେରିକାକୁ ଭାରତ ୫୮,୦୦୦ କୋଟି ଟଙ୍କାର ରପ୍ତାନି କରିଥିଲା। ଗତବର୍ଷ ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଔଷଧର ମୂଲ୍ୟ ଥିଲା ୩୧,୬୨୬ କୋଟି ଟଙ୍କା। ଏସବୁକୁ ଦୃଷ୍ଟିରେ ରଖି ଭାରତ ବର୍ତ୍ତମାନ ବିକଳ୍ପ ବଜାର ଖୋଜିବା ଆରମ୍ଭ କରିଛି।

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ଜାଳିଦେଲେ କନ୍‌ଷ୍ଟେବଲ

**ଗୁରୁତର ଅବସ୍ଥାରେ ଦିଲ୍ଲୀ ସ୍ଥାନାନ୍ତର**

ନୂଆଦିଲ୍ଲୀ,୨୭।୮

ଯୌତୁକ ବିବାଦକୁ ନେଇ ଉତ୍ତରପ୍ରଦେଶ ଆମ୍ରୋହା ଜିଲାର ଜଣେ ପୋଲିସ କନ୍‌ଷ୍ଟେବଲ୍ ମଙ୍ଗଳବାର ତାଙ୍କ ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ମହିଳା ଜଣକ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଥିବାବେଳେ କନ୍‌ଷ୍ଟେବଲ ଗିରଫ ହୋଇଛନ୍ତି। ଇକାଉନା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସ ଥିବା ସ୍ତ୍ରୀ ପାରୁଲଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଦିଲ୍ଲୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କନ୍‌ଷ୍ଟେବଲଙ୍କ ପରିବାର ସଦସ୍ୟ ଫେରାର ହୋଇଯାଇଛନ୍ତି। ଉତ୍ତରପ୍ରଦେଶ ପୋଲିସରେ ହେଡ୍ କନ୍‌ଷ୍ଟେବଲ ଥିବା ଦେବେନ୍ଦ୍ରଙ୍କର ନିକଟରେ ବରେଲିକୁ ବଦଳି ହୋଇଥିଲା। ସେ ସପ୍ତାହେ ଛୁଟି ନେଇ ଘରକୁ ଆସିଥିବାବେଳେ ଯୌତୁକ ଦାବିରେ ସ୍ତ୍ରୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ ବୋଲି ପୋଲିସ କହିଛି। ଦେବେନ୍ଦ୍ରଙ୍କ ସମେତ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

### ପିଏମ୍ ସ୍ୱନିଧି ଯୋଜନାର ପୁନର୍ଗଠନ, ସମ୍ପ୍ରସାରଣକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୮

ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର ଆତ୍ମନିର୍ଭର ନିଧି (ପିଏମ୍ ସ୍ୱନିଧି) ଯୋଜନାର ପୁନର୍ଗଠନ ସହ ୨୦୩୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହାର ସମ୍ପ୍ରସାରଣକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏବାବଦରେ ୭,୩୩୨ କୋଟି ଟଙ୍କା ବ୍ୟୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରାସ୍ତାପାର୍ଶ୍ୱ ଉଠାଦୋକାନୀମାନଙ୍କ ପାଇଁ ଋଣ ସୀମା ୧୦ ହଜାରରୁ ୧୫ ହଜାର ଟଙ୍କା, ଦ୍ୱିତୀୟ ପର୍ଯ୍ୟାୟରେ ୨୦ ହଜାରରୁ ୨୫ ହଜାର ଟଙ୍କା ଏବଂ ତୃତୀୟ ପର୍ଯ୍ୟାୟରେ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଦ୍ୱିତୀୟ ଋଣ ଠିକ୍ ସମୟରେ ପରିଶୋଧ କରିଥିବା ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟ ବଢ଼ାଇବା ଏବଂ ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପାଇଁ ୟୁପିଆଇ ଲିଙ୍କ୍‌ଯୁକ୍ତ ରୁପେ କ୍ରେଡିଟ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଖୁଚୁରା ଏବଂ ପାଇକାରୀ କାରବାର ଉପରେ ଡିଜିଟାଲ ପେମେଣ୍ଟ କରିବାକୁ ଚାହୁଁଥିବା ଦୋକାନୀମାନଙ୍କୁ ୧,୬୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ପୂର୍ବରୁ ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୈଧ ଥିବା ଉକ୍ତ ପୁନର୍ଗଠିତ ଯୋଜନାରେ ୫୦ ଲକ୍ଷ ନୂଆ ଉଠାଦୋକାନୀଙ୍କ ସମେତ ୧,୧୫ କୋଟି ହିତାଧିକାରୀଙ୍କୁ ଉପକୃତ କରାଇବାକୁ ଲକ୍ଷ୍ୟ ରଖାଯାଇଛି।

## ୨୫ ବର୍ଷ ପରେ ସ୍ୱର ଫେରାଇଲା ଏଆଇ

ଲଣ୍ଡନ

ବ୍ରିଟେନ୍‌ର ଉତ୍ତର ଲଣ୍ଡନରେ ରହୁଥିବା ସାରାହ ଏଜେକିଲ (୫୫) ୨୫ ବର୍ଷ ତଳେ ମୋଟର ନ୍ୟୁରନ୍ ରୋଗରେ ପୀଡିତ ହୋଇ କଥା କହିବା ଶକ୍ତି ହରାଇଥିଲେ। ନିକଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାହାଯ୍ୟରେ ସେ ନିଜ ସ୍ୱରକୁ ଫେରିପାଇଛନ୍ତି।

୨୦୦୦ରେ ସାରାହ ମୋଟର ନ୍ୟୁରନ୍ ରୋଗରେ ପୀଡିତ ହେବା ପରେ ତାଙ୍କ ସ୍ନାୟୁଗୁଡ଼ିକ କାମ କରିବା ବନ୍ଦ କରିଦେଇଥିଲା। ସାରାହଙ୍କ ସହ ଠିକ୍ ଏହିପରି ହୋଇଥିଲା ଏବଂ ସେ କଥା କହିବା ଶକ୍ତି ହରାଇବା ସହ ଚଲାବୁଲା କରିବାକୁ ଅକ୍ଷମ ହୋଇଥିଲେ।


ସାରାହଙ୍କ ସ୍ୱର ଫେରାଇ ଆଣିବା ପାଇଁ ବୈଜ୍ଞାନିକମାନେ ଏଆଇର ସାହାଯ୍ୟ ନେଇଥିଲେ। ପ୍ରଥମେ ବୈଜ୍ଞାନିକମାନେ ସାରାହଙ୍କ ପରିବାରଠାରୁ ତାଙ୍କର ଏକ ୩ ଦଶନ୍ଧି ପୁରୁଣା ୮ ସେକେଣ୍ଡର କ୍ଲିପ୍ ନେଇଥିଲେ। ଉକ୍ତ କ୍ଲିପ୍‌ରୁ ସାରାହଙ୍କ ସ୍ୱର ନମୁନାକୁ ପୃଥକ୍ କରିବା ପାଇଁ ବୈଜ୍ଞାନିକମାନେ ଏକ ଏଆଇ ଟୁଲ୍ସର ବ୍ୟବହାର କରିଥିଲେ। ଏଆଇ ସାରାହଙ୍କ ସ୍ୱରକୁ ଅନୁଧ୍ୟାନ କରି ଏକ ସଫ୍ଟୱେର୍ ସାହାଯ୍ୟରେ ତାଙ୍କ ସ୍ୱରକୁ ଠିକ୍ ଭାବରେ ନକଲ କରିଥିଲା। ସମ୍ପ୍ରତି ସାରାହ ଏକ ବିଶେଷ ପ୍ରକାରର କମ୍ପ୍ୟୁଟରର ସାହାଯ୍ୟ ନେଉଛନ୍ତି, ଯେଉଁଥିରେ ସେ ତାଙ୍କ ଆଖିର ଇଙ୍ଗିତରେ ଟାଇପ୍ କରିପାରୁଛନ୍ତି ଏବଂ ଏଆଇ ସାରାହଙ୍କ ଦ୍ୱାରା ଲିଖିତ ଶବ୍ଦଗୁଡ଼ିକୁ ତାଙ୍କ ସ୍ୱରରେ ଠିକ୍ ଭାବେ ପଢ଼ି ଅନ୍ୟମାନଙ୍କ ସହ କଥା ହୋଇପାରୁଛି। ଏହି କୌଶଳ ସାହାଯ୍ୟରେ ସମ୍ପ୍ରତି ସାରାହ ଯେକୌଣସି ବ୍ୟକ୍ତିଙ୍କ ସହ ନିଜ ସ୍ୱରରେ କଥା ହୋଇପାରୁଛନ୍ତି।



ସାରାହ ଏଜେକିଲ

## ବିପଦ ସଙ୍କେତ ଉପରେ ଝେଲମ୍

# ଜମ୍ମୁ ବର୍ଷା ମୃତ୍ୟୁସଂଖ୍ୟା ୪୧



ଝେଲମ୍ ନଦୀ ବନ୍ୟାରେ ଏକ କାଠ ପୋଲ ଭାଙ୍ଗିଯାଇଛି।

ଜମ୍ମୁ/ଶ୍ରୀନଗର,୨୭।୮

ଜମ୍ମୁ-କଶ୍ମୀରରେ ୨ ଦିନ ହେଲା ପ୍ରବଳ ବର୍ଷା ଲାଗିରହିବା ଫଳରେ ବୁଧବାର ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୈଷ୍ଣୋଦେବୀ ତୀର୍ଥଯାତ୍ରା ମାର୍ଗରେ ଭୂସ୍ଖଳନ ଯୋଗୁ ମୃତ୍ୟୁ ଘଟିଛି। ଜମ୍ମୁରେ ପ୍ରବାହିତ ନଦୀଗୁଡ଼ିକରେ ବନ୍ୟା ଆସିଥିବାବେଳେ ଅନନ୍ତନାଗ ଓ ଶ୍ରୀନଗରରେ ଝେଲମ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଅନେକ ଜନବସତିରେ ପାଣି ପଶିଛି। ହଠାତ୍ ବନ୍ୟା ଯୋଗୁ ବହୁସଂଖ୍ୟାରେ ବ୍ରିଜ୍ ସମେତ ସରକାରୀ ଭିତ୍ତିଭୂମି, ବ୍ୟବସାୟିକ ପ୍ରତିଷ୍ଠାନ ଓ ଘର କ୍ଷତିଗ୍ରସ୍ତ ହୋଇଛି। ତଳିଆ ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଲଗାଣ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ୫୮ଟି ଟ୍ରେନ୍ ବାତିଲ ହେବା ସହ ୬୪ଟି ଟ୍ରେନ୍‌ର ଗତପଥକୁ କାଟଛାଣ୍ଟ କରାଯାଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଜମ୍ମୁରୁ ଶ୍ରୀନଗର ଯାଇ ବ୍ୟକ୍ତିଗତ ଭାବେ ସ୍ଥିତି ସମୀକ୍ଷା କରୁଛନ୍ତି। ଅପ୍ଟିକାଲ ଫାଇବର ନଷ୍ଟ ହେବା କାରଣରୁ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ ଥିବାବେଳେ ବୁଧବାର ନେଟ୍‌ୱର୍କ ପୁନଃସ୍ଥାପନ ହୋଇଛି।

କେବଳ ବୈଷ୍ଣୋଦେବୀ ଭୂସ୍ଖଳନରେ ୩୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟୂନ ୨୦ ଜଣ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାଟି ଅତଡ଼ା ତଳେ ଆହୁରି କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ବୈଷ୍ଣୋଦେବୀ ପୀଠକୁ ଯାତ୍ରା ବନ୍ଦ ରହିଛି। ଉଧାମପୁରରେ ୨୪ ଘଣ୍ଟାରେ ୬୨୯.୪ ମି.ମି. ବର୍ଷା ହୋଇଛି, ଯାହାକି ୨୦୧୯ରେ ହୋଇଥିବା ରେକର୍ଡର ପାଖାପାଖି ୨ ଗୁଣା। ୨୦୧୯ ଜୁଲାଇ ୩୧ରେ ଉଧାମପୁରରେ ୩୪୨ ମିଲିମିଟର ବର୍ଷା ହୋଇଥିଲା। ଗତ ୨୪ ଘଣ୍ଟାରେ ଜମ୍ମୁରେ ୩୮୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

### ଉତ୍ତର ଭାରତରେ ୧୨ ବର୍ଷରେ ସର୍ବାଧିକ ବର୍ଷା

ନୂଆଦିଲ୍ଲୀ,୨୭।୮

ଉତ୍ତର ଭାରତରେ ଗତ ୧୨ ବର୍ଷ ମଧ୍ୟରେ ଚଳିତ ବର୍ଷ ସର୍ବାଧିକ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକଠାରୁ ୨୧ ପ୍ରତିଶତ ଅଧିକ। ୨୦୧୩ରେ ସର୍ବାଧିକ ବର୍ଷା ଯୋଗୁ କେଦାରନାଥରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା। ଚଳିତ ମାସରେ ଉତ୍ତରଭାରତରେ ଭୀଷଣ ବୃଷ୍ଟିପାତ ସଂଖ୍ୟା ସର୍ବାଧିକ ରହିଛି। ଅଗଷ୍ଟ ୨୫ ସୁଦ୍ଧା ୨୧ଟି ଭୀଷଣ ବର୍ଷା ଘଟିଲାଣି, ଯାହା ଗତବର୍ଷ ତୁଳନାରେ ୫୦% ଅଧିକ। ଗତବର୍ଷ ଅଗଷ୍ଟରେ ଏଭଳି ୧୪ ଥର ପ୍ରବଳ ବର୍ଷା ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ୨୦୪.୫ ମି.ମି.ରୁ ଅଧିକ ବର୍ଷା ହେଲେ ଏହାକୁ ଅତ୍ୟଧିକ ପ୍ରବଳ ବୃଷ୍ଟିପାତ ଭାବେ ରେକର୍ଡ କରାଯାଇଥାଏ।

### ପଞ୍ଜାବରେ ବନ୍ୟା: ସ୍କୁଲରେ ଫସିଛନ୍ତି ୪୦୦ ଛାତ୍ରୀଛାତ୍ର

ଗୁରଦାସପୁର,୨୭।୮

ପଞ୍ଜାବର ଗୁରଦାସପୁରରେ ବନ୍ୟା ଯୋଗୁ ଡାବୁରିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ୪୦୦ ଛାତ୍ରୀଛାତ୍ର ଓ ଶିକ୍ଷକ ଫସିରହିଛନ୍ତି। ସ୍କୁଲ ବିଲ୍ଡିଂର ତଳମହଲା ବନ୍ୟା ପାଣିରେ ୪ ଫୁଟ୍ ବୁଡ଼ିରହିଥିବାରୁ ପିଲାମାନେ ପ୍ରଥମ ମହଲାରେ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ସେନା ଯବାନଙ୍କୁ ମୁତୟନ କରାଯାଇଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ରାଜ୍ୟର ସମସ୍ତ ସ୍କୁଲ୍‌କୁ ୩୦ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ସୀମାନ୍ତ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଥିବାରୁ ଅମୃତସର, ପଠାନକୋଟ୍, ଗୁରଦାସପୁର ଏବଂ ତରନତାରନରେ ବନ୍ୟା ଦେଖାଦେଇଛି। ରାବି ନଦୀରେ ବନ୍ୟା ଯୋଗୁ ପାକିସ୍ତାନ କର୍‌ତାରପୁରସ୍ଥିତ ଗୁରୁଦ୍ୱାରା ଦର୍ବାର ସାହିବ ୭ ଫୁଟ୍ ପାଣିରେ ବୁଡ଼ିରହିଛି।

# ଜଣଙ୍କୁ ନୁହେଁ, ଗଣଙ୍କୁ ଗୁରୁତ୍ୱ ଦିଅନ୍ତୁ ନବୀନ: ବଦ୍ରି

## ପାଣ୍ଡିଆନଙ୍କ ବିରୋଧରେ ବିକ୍ଷୋଦଗାର

ଭୁବନେଶ୍ୱର,୨୭।୮
(ରବିନାରାୟଣ ଜେନା)



ବଦ୍ରି ନାରାୟଣ ପାତ୍ର

ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି)ର ପରାଜୟ ପରେ ଦଳରେ ବିଶୃଙ୍ଖଳା ଲାଗିରହିଛି। କେତେବେଳେ ପ୍ରତ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରକୁ ବରିଷ୍ଠ ନେତା ଅଙ୍ଗୁଳି ଉଠାଉଛନ୍ତି ତ ଆଉ କେତେବେଳେ ପରୋକ୍ଷରେ ବାଣ ମାରୁଛନ୍ତି। ନିକଟରେ ନବୀନବାବୁ ଅସୁସ୍ଥ ହେବା ପରେ ଦଳର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାକ୍ଷାତ୍ ଅବସରରେ ତାଙ୍କୁ ଅବରୋଧ କରାଯିବା ପ୍ରସଙ୍ଗକୁ ବହୁ ବରିଷ୍ଠ ବିଜେଡି ନେତା ହଜମ କରିପାରୁନାହାନ୍ତି। ରାଜନୀତିରୁ ସନ୍ନ୍ୟାସ ନେଇଥିବା ଭୈରବ କାର୍ତ୍ତିକ ପାଣ୍ଡିଆନଙ୍କୁ ଦଳର ସଭାପତି ଗୁରୁତ୍ୱ ଦେଉଥିବାରୁ ତାଙ୍କୁ ନେଇ ଏବେ ଚର୍ଚ୍ଚା ଜୋର୍‌ଧରିଛି। ଏପରିକି ଦଳ ବିଭାଜନ ଆଡ଼କୁ ମୁହାଁଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଏହି ପ୍ରସଙ୍ଗରେ ପୂର୍ବରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପ୍ରଶ୍ନ ଉଠାଇଥିବାବେଳେ ବୁଧବାର ଗଣେଶ ଚତୁର୍ଥୀରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ବଦ୍ରି ନାରାୟଣ ପାତ୍ର ନବୀନଙ୍କୁ ତେର୍ଛା ବାଣ ମାରିଛନ୍ତି। ସେ କହିଛନ୍ତି, ସାଧାରଣ ନିର୍ବାଚନରେ ନବୀନ ଲୋକ ତଥା ଭୋଟରଙ୍କୁ ଗୁରୁତ୍ୱ ଦେଲେନାହିଁ ବୋଲି ଦଳର ପରାଜୟ ହେଲା। ଗଣତନ୍ତ୍ରରେ ଲୋକମାନେ ହେଲେ ସର୍ବେସର୍ବା। ସେମାନଙ୍କୁ ନେଇ ଦଳ ଆଗକୁ ବଢ଼ିବା କଥା। ମାତ୍ର ନବୀନ ବାବୁ ଗଣଙ୍କୁ ନୁହେଁ, ଜଣଙ୍କୁ ଗୁରୁତ୍ୱ ଦେଉଛନ୍ତି, ଯେଉଁଥିପାଇଁ ଖାଲି ବରିଷ୍ଠ ନେତା ନୁହନ୍ତି, ତୃଣମୂଳସ୍ତରର ଲୋକେ ମଧ୍ୟ ଅସନ୍ତୁଷ୍ଟ ହେଉଛନ୍ତି। ସାଧାରଣ ନିର୍ବାଚନ ବେଳେ କିଛି ଲୋକଙ୍କ ମତ ଅନୁକୂଳ ହେଲାନି। ଲୋକେ ଯେମିତି ଚାହୁଁଥିଲେ ସେମିତି ହେଲାନି, ଯାହା ଫଳରେ ଲୋକେ ଓଲଟାଇଦେଲେ। ଲୋକ ହେଉଛନ୍ତି ଅଲ୍‌ଟିମେଟ୍ ଜଜ୍। ଭୋଟରମାନେ କ'ଣ କହୁଛନ୍ତି, ସେକଥା ଦଳର ସଭାପତି ଓ ନେତୃବୃନ୍ଦ ଜାଣିବାର ଆବଶ୍ୟକ ରହିଛି। ସେହି ଅନୁସାରେ ନିଜକୁ ପରିବର୍ତ୍ତନ କଲେ ଯାଇ ଦଳ ଆଗେଇପାରିବ। ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଯାଇ କେଉଁ ଦଳ ଆଗେଇପାରିନାହିଁ। ଶୀର୍ଷନେତୃତ୍ୱ ଆସ୍ଥା ସୃଷ୍ଟି କରିପାରୁ ନ ଥିବାରୁ ତଳସ୍ତରରେ କର୍ମୀ ଦଳ ଛାଡ଼ିବା ଆରମ୍ଭ କଲେଣି। ସମସ୍ତଙ୍କୁ ସବୁବେଳେ ସାଙ୍ଗରେ ନେଇ ଚାଲିବାର ରହିଛି, ତାହା ହିଁ ବୁଦ୍ଧିମାନ୍‌ର କାମ ହେବ।

ସେ ପୁଣି କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ, ଯାହାକୁ ନେଇ ସାରାଦେଶରେ ବେଶ୍ ଖ୍ୟାତି ରହିଛି। ଲୋକଙ୍କ ମତାମତକୁ ସବୁବେଳେ ସମ୍ମାନ ଦେଇ ନିଷ୍ପତ୍ତି ନିଆଯିବା କଥା। ହେଲେ ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ। ଏହି ଅବସରରେ ସେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, 'ଆଇ ଆମ୍ ଡାଉନ୍ ବଟ୍ ନଟ୍ ଆଉଟ୍' ଅର୍ଥ କ'ଣ ତାହା ମୁଁ ଜାଣେନାହିଁ। ତା'ର ଅର୍ଥ କ'ଣ ଯିଏ କହିଛନ୍ତି ସେ ବୁଝିଥିବେ ଏବଂ ଯାହାକୁ କୁହାଯାଇଛି ସେ ହିଁ ବୁଝିଥିବେ'। ସେ ପ୍ରସଙ୍ଗରେ ମୁଁ ପଶିବାକୁ ଚାହୁଁନାହିଁ।

ସେହିପରି ସୁଜାତା କାର୍ତ୍ତିକେୟନ ଦଳରେ ଏଣ୍ଟ୍ରି ହୋଇପାରନ୍ତି ପ୍ରଶ୍ନର ଉତ୍ତରରେ ବଦ୍ରି କହିଛନ୍ତି, ତାଙ୍କୁ ଦଳ ସ୍ୱାଗତ କରିବ। ବିଜେଡି ଏକ ସମୁଦ୍ର, ଅଧିକ ଲୋକ ଗ୍ରହଣ କରିବାକୁ କ'ଣ ଦଳରେ ଜାଗା ନାହିଁ କି? କିନ୍ତୁ କିଏ କିଭଳି ରହୁଛି, କିଏ କ'ଣ କରିବା କଥା କି ଦାୟିତ୍ୱ ନେବା କଥା ତାହା ସଭାପତି ଗୁରୁତ୍ୱ ଦେବାର ରହିଛି। ଦଳ ବଢ଼ିଲେ ବିବାଦ ବଢ଼ିବ, ଏହା କିଛି ନୂଆକଥା ନୁହେଁ। କିନ୍ତୁ କଥା ହେଉଛି ସମସ୍ତେ ନିଜ ସୀମା ଜାଣିବା ଦରକାର। ମୋର ଦାୟିତ୍ୱ କ'ଣ ତାହା ବୁଝିଲେ ହିଁ ସବୁ ଠିକ୍ ହେବ ଏବଂ ଦଳ ଶୃଙ୍ଖଳିତ ଭାବେ ଚାଲିବ। ଆଉ ଯଦି ସୀମା ଟପିବା ତାହାଲେ ଦ୍ୱନ୍ଦ୍ୱ ବଢ଼ିବ। ବର୍ତ୍ତମାନ ଯେଉଁ ଦ୍ୱନ୍ଦ୍ୱ ଉପୁଜିଛି, ସେଥିପାଇଁ ଦଳରେ ଯେଉଁମାନେ ବର୍ତ୍ତମାନ ଦାୟିତ୍ୱ ନେଉଛନ୍ତି ସେମାନେ ବୁଝିବା ଦରକାର। ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ତଳସ୍ତରରେ କେତେ ଗ୍ରହଣୀୟ ହେଉଛି, ତାହାର ସମୀକ୍ଷା କରିବା ଆବଶ୍ୟକ। ସବୁକଥାର ପରୀକ୍ଷା ଗ୍ରାଉଣ୍ଡଲେଭୁଲରେ ହେବା ଆବଶ୍ୟକ ବୋଲି ବଦ୍ରି କହିଛନ୍ତି।

# ସ୍ପାଏ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପଶିଲେ ଭକ୍ତ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପ୍ରଶାସନ

ପୁରୀ,୨୭।୮
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବଳୟ ଭେଦି ଜଣେ ବଙ୍ଗୀୟ ଭକ୍ତ ବୁଧବାର ସ୍ପାଏ କ୍ୟାମେରା ନେଇ ଫଟୋ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ଏହାକୁ ମିଶାଇ ୪ ଥର ଏଭଳି ଘଟିଲାଣି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ଅରୂପ ରାୟ (୩୧) ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ଦର୍ଶନ ପାଇଁ ଯିବାବେଳେ ସେ ଚଷମାସଂଯୁକ୍ତ ହିଡେନ୍ କ୍ୟାମେରା ଶ୍ରୀମନ୍ଦିରକୁ ନେଇ ପ୍ରବେଶ କରିଥିଲେ। ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରେ ସୁଟିଂ କରୁଥିବା ବେଳେ ମନ୍ଦିର ସୁରକ୍ଷା କର୍ମୀ ସନ୍ଦେହ କରିଥିଲେ। ଯାଞ୍ଚ ପରେ ସମ୍ପୃକ୍ତ ବ୍ୟକ୍ତି ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତର ଭିଜୁଆଲ ନେଉଥିବା ଜଣାପଡ଼ିଥିଲା। ସୁରକ୍ଷା କର୍ମୀମାନେ ତାଙ୍କୁ ପ୍ରଥମେ ଗାରଦ ଓ ପରେ ସିଂହଦ୍ୱାର ଥାନାକୁ ନେଇଥିଲେ। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ତାଙ୍କୁ ପଚରାଉଚରା କରାଯାଉଛି। ଏନେଇ ସିଂହଦ୍ୱାର ଥାନା ପକ୍ଷରୁ ଏକ କେସ୍ (ନଂ. ୧୩୧/୨୫) ରୁଜୁ ହୋଇଛି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଆଗରୁ ମଧ୍ୟ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରକୁ ଯିବା ପାଇଁ ଭକ୍ତଙ୍କୁ ବାରଣ ଓ ସଚେତନ କରାଯାଇଛି। ଷ୍ଟାଫ୍ ଓ ସମସ୍ତ କର୍ମଚାରୀଙ୍କୁ ଆଲର୍ଟରେ ରଖାଯାଇଥିଲା। ତେଣୁ ବୁଧବାର ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ଚଷମାରେ ସ୍ପାଏ କ୍ୟାମେରା ଲଗାଇ ଶ୍ରୀମନ୍ଦିରକୁ ଯାଇଥିବାବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ।

ଉଲ୍ଲେଖ ଥାଉକି, ଚଳିତ ବର୍ଷ ଜାନୁଆରୀ ୫ରେ ଡ୍ରୋନ ଏବଂ ୧୨ ତାରିଖରେ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରାଯିବା ଘଟଣାରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଥିଲା। ପରେ ଜାନୁଆରୀ ୧୯ରେ ଶ୍ରୀମନ୍ଦିର ଗର୍ଭଗୃହର ସମ୍ବେଦନଶୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଦେଖିବାକୁ ମିଳିଥିଲା। ବୃନ୍ଦାବନର ବାଙ୍କେ ବିହାରୀ ଅନନ୍ତ ନାମକ ବ୍ୟକ୍ତି ନିଜ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ଗର୍ଭଗୃହର ଭିଡିଓ ପ୍ରଘଟ କରିଥିବା ଦେଖିବାକୁ ମିଳିଥିଲା। ଏହି ୩ଟି ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା। କିନ୍ତୁ ୩ଟି ଘଟଣା ମଧ୍ୟରୁ କେବଳ ବାଙ୍କେ ବିହାରୀ ଅନନ୍ତ ଫେବୃଆରୀ ୧୯ରେ ସିଂହଦ୍ୱାର ଥାନାରେ ହାଜର ହୋଇଥିଲେ। ଅଦ୍ୟାବଧି ଉପରୋକ୍ତ ଘଟଣାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ଶ୍ରୀମନ୍ଦିର ଭିତରକୁ କ୍ୟାମେରାଯୁକ୍ତ ଚଷମା ପିନ୍ଧି ଭିଡିଓ ଉତ୍ତୋଳନ କରିବାର ଚେଷ୍ଟା ପୂର୍ବରୁ ପ୍ରାୟ ୩ଥର ହୋଇସାରିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ମଙ୍ଗଳବାର ନୂଆ ଏସ୍‌ପି ପ୍ରତୀକ ସିଂ କାର୍ଯ୍ୟରେ ଯୋଗଦାନ କରିଥିବାବେଳେ ଏହି ଘଟଣା ତାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାରମ୍ବାର ଶ୍ରୀମନ୍ଦିର ଭିଡିଓ ଓ ଫଟୋ ପ୍ରଘଟ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ଭାବାବେଗରେ ଆଘାତ ଲାଗୁଛି।



ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ବୁଧବାର ନୂଆଁଖାଇ ପର୍ବ ଉପଲକ୍ଷେ ସିଏମ୍ କିଷାନ ସହାୟତାର ତୃତୀୟ କିସ୍ତି ପ୍ରଦାନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ, ବିଭାଗୀୟ ସଚିବ ଏବଂ ଅନ୍ୟମାନେ।

# କୋଣାର୍କ ଢାଞ୍ଚାରେ ହେବ ମା' ତାରିଣୀଙ୍କ ପୀଠ ସୌନ୍ଦର୍ଯ୍ୟକରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୮
(ରବିନାରାୟଣ ଜେନା)



ଘଟଗାଁ ମା' ତାରିଣୀ ପୀଠ ମନ୍ଦିରର ବିଭିନ୍ନ ମଣ୍ଡପ, ବ୍ୟାଖାନ କେନ୍ଦ୍ର କୋଣାର୍କ ଢାଞ୍ଚାରେ ନିର୍ମାଣ କରାଯିବ। ଏହାସହ ମା'ଙ୍କ ପୀଠରେ ୩ ପଟୁ ରାସ୍ତା ସଂଯୋଗୀକରଣ ଓ ଉନ୍ନତୀକରଣ କରାଯିବ ବୋଲି ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ, ଘଟଗାଁ ମା' ତାରିଣୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୨୧୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ବୈଠକରେ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳର ବିକାଶ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା। ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାପଡ଼ିଛି, ମା'ଙ୍କ ମନ୍ଦିରକୁ ହରିଚନ୍ଦନପୁର ପଟୁ, କେନ୍ଦୁଝର ପଟୁ ଏବଂ ପାଣିକୋଇଲି ପଟୁ ତିନୋଟି ରାସ୍ତାର ବିକାଶ କରାଯିବ। ଏହି ତିନୋଟି ରାସ୍ତାରେ ପାର୍କିଂ, ଭୋଗ ଦୋକାନ ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ମଧ୍ୟ ଉପଲବ୍ଧ କରାଯିବ। ସମସ୍ତ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ। ମନ୍ଦିର ନିକଟରେ ଏକ ବଡ଼ ଯଜ୍ଞମଣ୍ଡପ ତଥା କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ। ମା'ଙ୍କ ମହିମା ଓ ମା'ଙ୍କ ପୀଠ ସ୍ଥାପନର କିମ୍ବଦନ୍ତୀକୁ ପ୍ରଦର୍ଶିତ କରିବା ପାଇଁ କୋଣାର୍କ ଢାଞ୍ଚାରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯିବ। ଏଥିସହ ମନ୍ଦିର ନିକଟରେ ପ୍ରସ୍ତାବିତ ଯାତ୍ରୀନିବାସର ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା।

ଉକ୍ତ ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପାଇଁ ୨୪୦ କୋଟି

## ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ

ଭୁବନେଶ୍ୱର,୨୭।୮(ଅନୁରାଧା ମହାରଣା)

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସମେତ ୩ଟି ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ପ୍ରଦାନ କରିଛନ୍ତି। ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମପଞ୍ଚାୟତ ଓ ବ୍ଲକ ପଞ୍ଚାୟତଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଦିଆଯାଇଛି। ଓଡ଼ିଶାକୁ ୨୪୦.୮୧୪୯ କୋଟି ଟଙ୍କା ଆବଣ୍ଟନ ହୋଇଛି। ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ ଏବଂ ୬୩ଟି ବ୍ଲକ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ମିଜୋରାମକୁ ୧୪.୨୭୬୧ କୋଟି ଏବଂ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆର୍‌ଏଲ୍‌ବି)/ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆର୍‌ଆଇ) ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଜାରି କରିବାକୁ ସୁପାରିସ କରିଥାନ୍ତି। ଗୋଟିଏ ବର୍ଷରେ ୨ଟି କିସ୍ତି ଆକାରରେ ଏହି ଆବଣ୍ଟିତ ଅନୁଦାନ ସୁପାରିସ କରାଯାଇଥାଏ। ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ୨୯ ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆର୍‌ଏଲ୍‌ବି/ପିଆର୍‌ଆଇ ଏହି ଅନୁଦାନ ବ୍ୟବହାର କରିବେ। ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବ ନାହିଁ। ମୌଳିକ ସେବା ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକୁ ଉପଯୋଗ କରାଯାଇପାରିବ। ପାନୀୟଜଳ, ସ୍ୱଚ୍ଛତା, ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା, ବିଶେଷକରି ମାନବ ମଳ ଓ ପଙ୍କ ପରିଚାଳନା ଆଦି ସାମିଲ ରହିଛି।

# ବଣାଇଁରେ ମହାବଳ



ବାଘର ପାଦଚିହ୍ନ।

ବଣାଇଁ,୨୭।୮(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଅଞ୍ଚଳକୁ ନିକଟରେ ବାମରା ବନଖଣ୍ଡରୁ ଏକ ରୟାଲ ବେଙ୍ଗଲ ଟାଇଗର (ମହାବଳ ବାଘ) ଚାଲିଆସିଥିବା ଦେଖିବାକୁ ମିଳିଛି। ଏହାର ପାଦଚିହ୍ନ ଏବଂ କ୍ୟାମେରାରୁ ମିଳିଥିବା ଫଟୋ ବାଘର ଉପସ୍ଥିତିକୁ ନିଶ୍ଚିତ କରୁଛି। ଏହା ବର୍ତ୍ତମାନ ସୋଲ ରେଞ୍ଜର ଜଙ୍ଗଲ ଓ ଏହା ଚାରିପାଖରେ ଚଳପ୍ରଚଳ କରୁଛି। ମହାବଳ ବାଘ ଖାଦ୍ୟ, ଆଶ୍ରୟ ଏବଂ ପ୍ରଜନନ ପାଇଁ ଏକ ଉପଯୁକ୍ତ ବାସସ୍ଥାନ ଖୋଜୁଥିବା ଅନୁମାନ କରାଯାଉଥିବା ବନ ବିଭାଗ ପକ୍ଷରୁ ପ୍ରେସ୍ ବାର୍ତ୍ତାରେ ସ୍ପଷ୍ଟ କରାଯାଇଛି। ଏଥିନେଇ ବନ୍ୟପ୍ରାଣୀଙ୍କ ଜୀବନକୁ ବିପଦରେ ପକାଉଥିବା କୌଣସି କାର୍ଯ୍ୟ ନ କରିବା ଯଥା ଜଙ୍ଗଲରେ ଫାଶ, ଜିଆଇ ତାର ଏବଂ ଜାଲ ଥିଲେ ତୁରନ୍ତ ହଟାଇବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରିଛି। ଏହାସହିତ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବିଭାଗ ତରଫରୁ କୁହାଯାଇଛି।

ବଣାଇଁ ବନଖଣ୍ଡର ଜଙ୍ଗଲଗୁଡ଼ିକରେ ମହାବଳ ବାଘ ପାଇଁ ଏକ ଉତ୍ତମ ବାସସ୍ଥାନ ଭାବରେ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ହେବା ଲାଗି ସମ୍ବଳ ରହିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ବଣାଇଁ ବନଖଣ୍ଡ ଅନ୍ତର୍ଗତ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଖଞ୍ଜାଯାଇଥିବା କ୍ୟାମେରାରେ ଅନୁରୂପ ଏକ ବିଶାଳକାୟ ମହାବଳ ବାଘର ଫଟୋ ଚିତ୍ର କଏଦ ହୋଇଥିଲା। ଏବେ ଅଞ୍ଚଳରେ ଅନ୍ୟ ଏକ ମହାବଳ ବାଘକୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିବା ଲାଗି ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଘଞ୍ଚ ଜଙ୍ଗଲ ଓ ଉପଯୁକ୍ତ ପରିବେଶ ବ୍ୟାଘ୍ର ଅଭୟାରଣ୍ୟ ପାଇଁ ପ୍ରକୃଷ୍ଟ ଥିବାରୁ ବଣାଇଁ ସମଗ୍ର ଓଡିଶାରେ ଏକମାତ୍ର ଉପଯୁକ୍ତ ବିକଳ୍ପ ଥିବା ଦର୍ଶାଇ ବୁଦ୍ଧିଜୀବୀ ଫୋରମ ବଣାଇଁ ବନଖଣ୍ଡର ତିନୋଟି ରେଞ୍ଜ ଗୁରୁଣ୍ଡିଆ, ଜର୍ଡା ଓ ସୋଲକୁ ନେଇ ଏକ ଅଭୟାରଣ୍ୟ ସ୍ଥାପନ କରାଯାଉ ବୋଲି ଦାବି କରିଛି।


# ସିଟି ଆଣ୍ଡ୍ ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ଗିରଫ

## ଘରୁ ମିଳିଲା ନଗଦ ୧.୪୫ ଲକ୍ଷ ଟଙ୍କା, ୨୨୨ ଗ୍ରାମ୍ ସୁନା

ଭୁବନେଶ୍ୱର,୨୭।୮
(ସତ୍ୟଜିତ୍ ରାଉତ)



ଗିରଫ ଆସିଷ୍ଟାଣ୍ଟ କମିଶନର ସରିତା ବାରିକ।



ତାଙ୍କ ଘରୁ ମିଳିଥିବା ଟଙ୍କା।

ବେକେରି ଶପ୍ ମାଲିକଙ୍କଠାରୁ ୨୫ ହଜାର ଲାଞ୍ଚ ନେବା ମାମଲାରେ ବାଣିଜ୍ୟକର ଏବଂ ଦ୍ରବ୍ୟ ସେବାକର ଭୁବନେଶ୍ୱର-୪ ମଣ୍ଡଳର ଆସିଷ୍ଟାଣ୍ଟ କମିଶନର ସରିତା ବାରିକଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ସରିତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସରିତାଙ୍କ ଘର ଯାଞ୍ଚରୁ ଲକ୍ଷାଧିକ ଟଙ୍କା ଓ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଠାବ ହୋଇଛି। ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର, ବାରିପଦା ଟାଉନସ୍ଥିତ ବୁଢ଼ିଖମାରୀ ଗ୍ରାମସ୍ଥିତ ପୈତୃକ ଘର ଓ ମଧୁସୂଦନ ନଗରସ୍ଥିତ ୟୁନିଟ-୪ ଫ୍ଲାଟ୍ ନଂ.୫୦ସ୍ଥିତ ଭଡାଘରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ତେବେ ତାଙ୍କ ଭଡାଘରୁ ନଗଦ ୧ ଲକ୍ଷ ୪୫ ହଜାର ଟଙ୍କା, ୨୨୨ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ବ୍ୟାଙ୍କ ଓ ଏଫ୍‌ଡି ଆଦିରେ ୬୦ ଲକ୍ଷ ଟଙ୍କାର ଜମାରାଶି ଥିବା ଜଣାପଡିଛି। ଏଥିସହ ସେଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର କ୍ରୟ ସମ୍ପର୍କୀୟ ରସିଦ୍ ଓ ରିଏଲ ଇଷ୍ଟେଟ୍‌ରେ ସମ୍ପତ୍ତି କ୍ରୟ ସମ୍ବନ୍ଧୀୟ ଦସ୍ତାବିଜ୍ ଆଦି ମିଳିଥିବାବେଳେ ଭିଜିଲାନ୍ସ ଏହାକୁ ଯାଞ୍ଚ କରୁଛି। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କ ପାଖରୁ ଆଉ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ସରିତାଙ୍କ ବିରୋଧରେ ଅଭିଯୋଗ ଆସୁଥିଲା ବୋଲି ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଏସ୍‌ପି ସରୋଜ ସାମଲ କହିଛନ୍ତି।

ସୂଚନାଯୋଗ୍ୟ, ଘାଟିକିଆର ବେକେରୀ ଶପ୍ (ସୁଜାତା ଫୁଡ୍ସ) ମାଲିକ ଅଜିତ କୁମାର ସୁବୁଦ୍ଧିଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷର ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ରିଭର୍ସାଲ ପାଇଁ ଟ୍ୟାକ୍ସ ଓ ଜରିମାନା ମିଶାଇ ୨.୨୭ ଲକ୍ଷ ଟଙ୍କାର ନୋଟିସ୍ ପଠାଯାଇଥିଲା। ଏପରିକି କିଛିଦିନ ତଳେ ଅଜିତଙ୍କୁ ସରିତା କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଥିଲେ। ସେ ସରିତାଙ୍କୁ ଭେଟି ଜରିମାନା କୋହଳ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଅଜିତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମଧୁସୂଦନନଗରସ୍ଥିତ ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ସାମ୍ନାରେ ଅଜିତଙ୍କଠାରୁ ସରିତା ତାଙ୍କ କାର୍ ଭିତରେ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୮/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜେକେଏମ୍ ଆୱାର୍ଡସ ଓଡ଼ିଶୀ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।

## କଟକ
- ବିକଚ ସାହିତ୍ୟ ସଂସଦ, ବଡ଼ମ୍ବା-ନରସିଂହପୁରର ୩୧ତମ ସ୍ୱନକ୍ଷେତ୍ର ଓ ନୂଆଖାଇ ଉତ୍ସବ, ସ୍ଥାନ: ଗ୍ରାମପଞ୍ଚାୟତ ହାଇସ୍କୁଲ, ରତାପାଟ, ବଡ଼ମ୍ବା, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଶରଧାପୁର ଫୁଟବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା

## ବାଲେଶ୍ୱର
- ଶିଶୁ ମନ୍ଦିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:କାଳାହି, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ଏନ୍‌ଏସି ଘୋଷଣା ଦାବିରେ ବିଜେଡିର ବନ୍ଦ ପାଳନ ଓ ପ୍ରତିବାଦ ସଭା, ସ୍ଥାନ: ଆଗରପଡ଼ା, ସମୟ: ସକାଳ ୬ଟା।
- ସିପିଆଇର ଜିଲା ସମ୍ମିଳନୀ, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ମୁଫତି ଆଜମଙ୍କ ୩୧ତମ ବାର୍ଷିକ ଉର୍ସ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ମିର୍ଜାପୁର ଖାନକା ହବିବିୟା କୁଦୁସିୟା, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚିତ୍ରଡ଼ା ଛଉ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ପ୍ରସିଦ୍ଧ କାଲୁଆ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୋଷାଣୀନୂଆଗାଁ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ରାଷ୍ଟ୍ରଭକ୍ତିର ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଗଣେଶ ପୂଜା ଉପଲକ୍ଷେ ବାଦିପାଲା, ସ୍ଥାନ:ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ:ଅପରାହ୍ନ ୫ଟା।

## ନୟାଗଡ଼
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ; ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା। ପାଲାର ପ୍ରଥମ ଥାକ, ସମୟ: ଅପରାହ୍ନ ୩ଟା ୩୦। ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ପର୍ଯ୍ୟାବରଣ ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଅମଳାଭଟା ଛକ ନିକଟ ଶ୍ରୀକ୍ଷେତ୍ର ଟାଉନଶିପସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣ, ଜେକେପୁର, ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର ପରିଷଦ ପୁରୁଷ କର୍ମଚାରୀ, ପରିଷଦ ବୃନ୍ଦ କଣ୍ଟ୍ରାକ୍ଟର ମଧ୍ୟରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଦୁର୍ଗାପୂଜା ଶୁଭ ଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଇଂରାଜୀ ଭାଷାରେ ଦକ୍ଷତା ହାସଲ ପାଇଁ କର୍ମଶାଳା, ସ୍ଥାନ: ଉମରକୋଟ ଆଦର୍ଶ ବିଦ୍ୟାଳୟ, ସମୟ ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବତ୍ରିଶ ସିଂହାସନ ପୀଠର ଦଶହରା ଲାଗି ମୃତ୍ତିକା ପୂଜା, ସ୍ଥାନ: ନନ୍ଦପୁର ଭିତରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପୌର ପ୍ରଶାସନ ପକ୍ଷରୁ ହର୍‌ଘର ତ୍ରିରଙ୍ଗା ସହ ୱାର୍ଡସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ନୂଆଁଖାଇ ଉପଲକ୍ଷେ ସମଲେଇଙ୍କଠାରେ ନବାନ୍ନ ନୀତି, ସ୍ଥାନ : ସମଲେଇ ମନ୍ଦିର, ସମୟ : ୧୦ଟା ୩୩।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ନବାନ୍ନ ନୀତି, ସ୍ଥାନ : ଦାନିପାଲି ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନ୍ତିମ ନୂଆଁଖାଇ ଭେଟ୍‌ଘାଟ , ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଚିତ୍ରୋତ୍ପଳା ମଣ୍ଡପ, ସମୟ : ରାତି ୭ଟା।
- ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ରାତି ୮ଟା।

## ରାଉରକେଲା
- ଯୁବ ସମାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧୬, ସମୟ: ସନ୍ଧ୍ୟା ୬ଟା।
- ଗଜାନନ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ନୂଆଁଖାଇ ମହୋତ୍ସବ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜଗନ୍ନାଥ ଓ ମା'ସମଲେଇଙ୍କ ଠାରେ ନବାନ୍ନ ଲାଗି, ସ୍ଥାନ: ରାଜବାଟୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ସମଲେଇ ମନ୍ଦିର, ସମୟ ପୂର୍ବାହ୍ନ ୧୦ଟା୩୫।
- ନୂଆଖାଇ ଭେଟ ଘାଟ, ଜୁହାର ଭେଟ, ନାଚଗାନା ଓ କୃଷ୍ଣ ଗୁରୁଭଜନ, ସ୍ଥାନ: ଅବନକେଲା ଗଣେଶ ପୂଜା ମଣ୍ଡପ,ସମୟ: ସନ୍ଧ୍ୟା ୬ଟା।
- ସାମୂହିକ ନୂଆଖାଇ,ସ୍ଥାନ: ଝୁରିମାଲ,ଲେଫ୍ରିପଡା,ସମୟ: ପୂର୍ବାହ୍ନ୧୧ଟାରୁ ଅପରାହ୍ନ୫ଟା।

## କଳାହାଣ୍ଡି
- ଦଧିବାମନ ମନ୍ଦିରରୁ ନବାନ୍ନ ପ୍ରସାଦର ଶୁଭାରମ୍ଭ, ସ୍ଥାନ: ଜୁନାଗଡ଼ ଦଧିବାମନ ମନ୍ଦିର, ସମୟ: ସକାଳ ୯ଟା ୪୮।
- ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ କେଲିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ନୂଆଖାଇ ଉତ୍ସବ,ସ୍ଥାନ:ମାଭୈରବୀ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସ,ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ:ଅପରାହ୍ନ ୩ଟା।

## ଦେବଗଡ଼
- ସାର୍ବଜନୀନ ଗଣେଶ ମେଳା, ସ୍ଥାନ:ଦେବଗଡ଼ ସହରସ୍ଥିତ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ସାର୍ବଜନୀନ ଗଣେଶ ମେଳା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ନବାନ୍ନ ଭୋଗ ପାଇଁ ଅଷ୍ଟଚଣ୍ଡୀଙ୍କ ପୀଠକୁ ପାହୁର ଯାତ୍ରା, ସ୍ଥାନ: ସୋନପୁର ସହର ସମଲେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ପାଢ଼ୀ ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: ନୂଆପଡ଼ା ସଦର ଫକୀର ହାଉସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦଣ୍ଡସେନା ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଯୋଶୀ ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ୧୧ଟା ୧୦।
- ଖଡିଆଳ ଗଡଜାତ ପକ୍ଷରୁ ନୂଆଖାଇ ଲଗ୍ନ ଧାର୍ଯ୍ୟ, ସମୟ: ସକାଳ ୯ଟା ୩୩ରୁ ପୂର୍ବାହ୍ନ ୧୧ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ରଙ୍କ ଶୁଭପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ସହକର୍ମୀଙ୍କ ସହାୟତାରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ।

**ବୃଷ** ରିପୁଭାବସ୍ଥ ଚନ୍ଦ୍ର ହେତୁ ନିଜ ପରିସରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସ୍ୱାସ୍ଥ୍ୟହାନି କାରଣରୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ପ୍ରତିବନ୍ଧକ ହେତୁ ବ୍ୟବସାୟକୁ ସଙ୍କୁଚିତ କରିନେବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତରେ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ବଳରେ କାମ ହାସଲ କରିବେ।

**ମିଥୁନ** ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ପାଇବା ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଉପର ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ। କୌଣସି ଜିନିଷ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ସାଧାରଣ କଥାରେ ମୁହଁ ଫେରାଇ ନେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ର ସମସ୍ୟାର ସରଳ ସମାଧାନ ହେତୁ ମାନସିକ ସ୍ଥିରତା ଆସିବ। ଶନି ଦୃଷ୍ଟ ମଙ୍ଗଳ ଯୋଗୁ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାର ଆଶା ରହିଛି। ବ୍ୟବସାୟ, ସଭାସମିତି, ବନ୍ଧୁଙ୍କସହ ଆଲୋଚନା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ସିଂହ** ବୁଧ ଓ ଶୁକ୍ରଙ୍କ ସଂଯୋଗ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ସହକର୍ମୀମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେବାର ସୁଯୋଗ ପାଇବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବାକୁ ବାଧ ହେବେ।

**କନ୍ୟା** ତୃତୀୟଷଷ୍ଠାଧିପଙ୍କ ସ୍ଥିତି କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସଭାସମିତିରେ ଅଥବା କୌଣସି ସିଦ୍ଧାନ୍ତ ନେବାରେ, ବନ୍ଧୁଙ୍କ ବିଚାର ଆପଣଙ୍କ ସପକ୍ଷରେ ରହିପାରେ। ବ୍ୟବସାୟରେ କ୍ଷତିର ଭରଣା କରି ଋଣ ପରିଶୋଧ କରିବେ। ବନ୍ଧୁଙ୍କ ସହ ଆଲୋଚନା କାଳରେ ନୀତିଗତ କାରଣରୁ ପ୍ରଶଂସିତ ହେବେ।

**ତୁଳା** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଆଜିର କାମ ପାଇଁ କିଛି ଅସୁବିଧା ହେବନାହିଁ। ଗୁରୁକୃପାରୁ ସହକର୍ମୀମାନଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ କରି ଦୁଶ୍ଚିନ୍ତାର ମାତ୍ରା କମିଯିବ। ପରିବାରର ବୟସ୍କ ବ୍ୟକ୍ତିମାନଙ୍କର ପରାମର୍ଶ ଅନୁଯାୟୀ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବିଛା** ରାଶ୍ୟାଧିପ ମଙ୍ଗଳ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଥିବାରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ମାନସିକ ଶାନ୍ତି ବ୍ୟାହତ ହେବ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିବେ। ପରିବହନ, ଏଜେନ୍ସିପ୍, ହୋଟେଲ, ଷ୍ଟେସନାରି ଓ ବିଦ୍ୟୁତ୍ ବ୍ୟବସାୟରେ ଉନ୍ନତି କରିବେ। ବିଳମ୍ବରେ ପ୍ରଶାସନିକ ସ୍ତରରେ ଏବଂ ପ୍ରକାଶନରେ ଶୁଭଫଳ ପାଇବେ।

**ଧନୁ** କର୍ମାଧିପ ରାଶିରେ ଥିବାରୁ ପରିସ୍ଥିତିର ତାଡ଼ନାରେ ସ୍ଥାନ ପରିବର୍ତ୍ତନ ଯୋଗ ରହିଛି। ଅବହେଳିତ କାମ ସକାଶେ ଅନୁତାପ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ବାଣିଜ୍ୟ, ସାଂଗଠନିକ କର୍ମ ସମ୍ପାଦନରେ ମୁଖ୍ୟଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**ମକର** ସପ୍ତମକେନ୍ଦ୍ରରେ ଶୁକ୍ରଙ୍କ ଯୋଗୁ ବନ୍ଧୁଙ୍କ ଆହ୍ୱାନ କ୍ରମେ ଦୂରଯାତ୍ରା କରିବା ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପିଲାଙ୍କ ଆଚରଣରେ ପରିବର୍ତ୍ତନଜନିତ ଦୁଃଖ ମନରେ ଆସିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଜିନିଷ ପ୍ରାପ୍ତି ହେତୁ ଖୁସି ହେବେ। ସାମାଜିକ କ୍ଷେତ୍ରରେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ଭଲ ଧାରଣା ହ୍ରାସ ପାଇପାରେ।

**କୁମ୍ଭ** ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା କମି ମନୋବଳ ବୃଦ୍ଧି ପାଇବ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ପ୍ରାୟୋଜିତ ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ପୂର୍ବ କଳହକୁ ମନେପକାଇ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି।

**ମୀନ** ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ ଆନୁଷ୍ଠାନିକ କାମରେ ବନ୍ଧୁମିଳନ ହେତୁକ ଆନନ୍ଦ ଲାଭ କରିବେ। ସରକାରୀ ସ୍ତରରେ ପାଇଥିବା ପ୍ରତିଶ୍ରୁତିର ସବୁଜସଙ୍କେତ ପାଇ ଆନନ୍ଦ ଅନୁଭବ କରିବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ମିତ୍ରବନ୍ଧୁମାନେ ଅସହଯୋଗ କରିପାରନ୍ତି।

ଆଜି ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବ, ଅଗଷ୍ଟ ୨୮ ତାରିଖ, ଭାଦ୍ରବ ଶୁକ୍ଳ ୫ମୀ ଗୁରୁବାର। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ଶ୍ରୀମନ୍ଦିରରେ ଋଷିପଞ୍ଚମୀ ଓ ଦାହଲୀଳା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନ ମନରେ କ୍ଷତ୍ର-ଦିବା ଘ.୦୮.୪୩ ମି. ଗତେ ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୩ମି. ଗତେ. ଘ.୦୭.୧୩ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୦୧.୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୧ମି. ଗତେ ଘ.୦୨.୫୪ମି. ମଧ୍ୟେ ରାହୁକାଳ।

# ଠିକାସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ : ବିଜେଡି

## କଟକ ରେଳଷ୍ଟେଶନ ପ୍ଲାଟ୍‌ଫର୍ମ ଛାତ ଭୁଶୁଡ଼ିବା ଘଟଣା

ଭୁବନେଶ୍ୱର,୨୭।୮ (ରବିନାରାୟଣ ଜେନା)

କଟକ ରେଳଷ୍ଟେଶନର ପ୍ଲାଟ୍‌ଫର୍ମ-୧ରେ ଥିବା ଛାତ ଭୁଶୁଡ଼ିପଡ଼ିବା ଦୁର୍ଭାଗ୍ୟଜନକ। ଏହି ଘଟଣାରେ ସଂପୃକ୍ତ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ଦୁର୍ଘଟଣା ଅଞ୍ଚଳ ଗସ୍ତକରି କଟକ-ଚୌଦ୍ୱାର ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ରେଲୱେ ଓ ଠିକାସଂସ୍ଥାର ଦାୟିତ୍ୱହୀନତା ଏବଂ ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି। କଟକ ଭଳି ବ୍ୟସ୍ତବହୁଳ ରେଳଷ୍ଟେଶନର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିବା ଫଳରେ ସାଧାରଣ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଥର ଗତିରେ ଚାଲୁଥିବା ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ରେଳ ମନ୍ତ୍ରଣାଳୟ ଧ୍ୟାନଦେବା ଆବଶ୍ୟକ। ଠିକାସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏଭଳି ଘଟିଛି। ଘଟଣାରେ ଜଣେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହାର ଯେଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ବିଭାଗ ସତର୍କ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କଟକ ମେୟର ସୁବାସ ସିଂ ଓ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଏହି ଗସ୍ତରେ ସାମିଲ ଥିଲେ।

# କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଗାଁକୁ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପରିବାରର ନିବେଦନ

ନିମାପଡ଼ା,୨୭।୮ (ବିଚିତ୍ରାନନ୍ଦ ସାହୁ)

କେରଳରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା ନିମାପଡ଼ା ବ୍ଲକ ବଡ଼ମାଛପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ମାଛପୁର ଗ୍ରାମର ବିଜୟ ନାୟକ (୪୮)। ସେ ଗତ ଦୁଇବର୍ଷ ହେଲା କେରଳର ଏକ ମାଛ ଫାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିବାରୁ ମଙ୍ଗଳବାର ସେ ନିଜ ଘରକୁ ଫେରୁଥିଲେ। ତେବେ ପାଲଘାଟ ଷ୍ଟେଶନ ନିକଟରେ

ତାଙ୍କ ଦେହ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ଷ୍ଟେଶନ କର୍ମଚାରୀ ଓ ପୋଲିସ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ନେଇ ତାଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବିଜୟଙ୍କ ମୃତଦେହକୁ କେରଳରୁ ଗ୍ରାମକୁ ଫେରାଇ ଆଣିବାକୁ ପିତା ହିନା ନାୟକ, ମାତା ସୁଲଭ ନାୟକ, ସ୍ତ୍ରୀ ପ୍ରମିଳା ନାୟକ, ଝିଅ ଲିଜା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ଭାଇ ଅଜୟ ନାୟକ, ଗ୍ରାମବାସୀ ପ୍ରତାପ ପରିଡା, ବଳରାମ ସାହୁ, ରାଧାକାନ୍ତ ପୃଷ୍ଟି, ବିପିନ ପ୍ରଧାନ, ପ୍ରଭାତ ପ୍ରଧାନ, କ୍ଷୀରୋଦ ଜେନା, ବାମଦେବ ପ୍ରଧାନ, ଅନ୍ନଦା ପ୍ରସାଦ ପୃଷ୍ଟି ପ୍ରମୁଖ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଆକୁଳ ନିବେଦନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିଜୟଙ୍କ ମୃତଦେହକୁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ସେ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଶ୍ରମ ବିଭାଗର ତିନିଜଣ ଅଧିକାରୀ ବିଜୟଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଗୁରୁବାର ବିଜୟଙ୍କ ମୃତଦେହ ତାଙ୍କ ଗ୍ରାମରେ ପହଞ୍ଚିବ ବୋଲି ପରିବାର ବର୍ଗଙ୍କ ସୂତ୍ରରୁ ଜଣାପଡ଼ିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାତ ଅଳସେ ନିଶ ବଙ୍କା,**
**ନିଶ କହେ ମତେ ଖଉରି ପକା ।**

ଏତେ ଅଳସୁଆ ଯେ ନିଜ ନିଶ ସଳଖ କରିବା ପାଇଁ ବେଳ ନ ପାଇବା। ଅଳସୁଆ ପାଇଁ ସବୁ ଭଲ କଥା ମନ୍ଦ ହୋଇଯାଏ। ପରୋକ୍ଷରେ ଅପଦାର୍ଥ ବ୍ୟକ୍ତି ଦ୍ୱାରା କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତରେ ନାହିଁ ଧନ,**
**ପୁଅ ବାହାକରି ମନ।**

ସାଧାରଣତଃ ବାହାପୁଆଣି କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରି ସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## କଟକ ରେଳ ...

ପୁରୁଣା ନିର୍ମାଣଗୁଡ଼ିକ ଦୁର୍ବଳ ହୋଇଥିବା କାରଣରୁ ଏଭଳି ହୋଇଛି। ତେବେ ପ୍ଲାଟଫର୍ମ ଭୁଶୁଡ଼ି ପଡ଼ିବା ପରେ ରାତି ୯ଟା ପର୍ଯ୍ୟନ୍ତ ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ଲାଟଫର୍ମ ଉପରୁ ସଫେଇ କାର୍ଯ୍ୟ ଚାଲିଥିଲା। ଏସମ୍ପର୍କରେ ସୂଚନା ପାଇବା ପରେ କଟକ ସଦର ବିଧାୟକ ପ୍ରକାଶ କୁମାର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପୋଲିସ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ସମେତ ଏନ୍‌ଡିଆରଏଫ୍ ଟିମ୍ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଲୱେ ଖୋର୍ଦ୍ଧାରୋଡ୍ ଡିଭିଜନର ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର ପ୍ରଦୀପ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଭଙ୍ଗା ଓ ସଫେଇ କାର୍ଯ୍ୟ ତଦାରଖ କରୁଛନ୍ତି।

## ଅନ୍ନଦାତାଙ୍କ ଉନ୍ନତିରେ ...

କୃଷକ ପରିବାର, ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡିବିଟି ମାଧ୍ୟମରେ ୧୦୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବାମାତ୍ରେ ଚାଷୀମାନଙ୍କ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାରକୁ ନେଇ ପ୍ରଥମ କ୍ୟାବିନେଟ୍‌ରେ ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ ଦେଇଥିଲେ। ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲା। କେବଳ ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତିକମ୍‌ରେ ୩୮ ହଜାର ଟଙ୍କା ଯୋଡ଼ି ହୋଇଛି। ଏଥିରେ ସୁଭଦ୍ରା ଯୋଜନାର ୧୦ ହଜାର ଏବଂ ପିଏମ୍ ଓ ସିଏମ୍ କିଷାନର ୧୦ ହଜାର ଟଙ୍କାକୁ ମିଶାଇଲେ ସେମାନଙ୍କ ବାର୍ଷିକ ଆୟ ଅତିକମ୍‌ରେ ୫୮ ହଜାର ଟଙ୍କା ବୃଦ୍ଧି ପାଇଛି। କାରଣ ପ୍ରତ୍ୟେକ ସୁଭଦ୍ରା ହିତାଧିକାରୀ ଚାଷୀ ପରିବାରର। ଏହା ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀର ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଭଳି ଯୋଜନା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ ଏବଂ ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲାରେ ୧ ଲକ୍ଷ ୬୦ ହଜାର ୮୭୪ କୁଇଣ୍ଟାଲର ପ୍ରାମାଣିକ ଆଳୁବିହନ ବଣ୍ଟନ କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଓୟୁଏଟିରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦ୍‌ଘାଟନ କରିଛନ୍ତି ଏବଂ କୃଷକ ପଞ୍ଜୀକରଣ ଅବଧି ବୃଦ୍ଧି ହେବ ବୋଲି କହିଛନ୍ତି।

ଉତ୍ସବରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ସାଧନ ନିମିତ୍ତ ସରକାର ଅଙ୍ଗୀକାରବଦ୍ଧ। ସମସ୍ତ ଅଭାବୀ ଚାଷୀକୁଳକୁ କିଛିଟା ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସିଏମ୍ କିଷାନ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଭଳି ଯୋଜନା। ସିଏମ୍ କିଷାନରେଅଧିକରୁଅଧିକଯୋଗ୍ୟଚାଷୀଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଚାଷୀମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନଧାରଣରେ ବିଶେଷ ଗୁରୁତ୍ୱ ବହନ କରୁଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଲକ୍ଷ ଲକ୍ଷ ଗୋପାଳକ ଭାଇଭଉଣୀଙ୍କ ମୁହଁରେ ହସ ଫୁଟାଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର(ଏକାମ୍ର) ବିଧାୟକ ବାବୁ ସିଂ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ସୁପ୍ରିମକୋର୍ଟରେ ୨ ...

ନାମ ସୁପାରିସ କରିଥିବାବେଳେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ବୁଧବାର ଘୋଷଣା କରିଛି। ସେମାନଙ୍କ ଶପଥ ଗ୍ରହଣ ପରେ ସୁପ୍ରିମକୋର୍ଟର ମୋଟ ବିଚାରପତି ସଂଖ୍ୟା ସିଜେଆଇଙ୍କୁ ମିଶାଇ ୩୪ରେ ପହଞ୍ଚିବ। ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ୨୦୩୧ ଅକ୍ଟୋବର ୨ରେ ଅବସର ନେବାକୁ ଥିବାବେଳେ ଏହା ପରେ ଜଷ୍ଟିସ୍ ପାଞ୍ଚୋଲି ଭାରତର ପ୍ରଧାନ ବିଚାରପତି ହେବେ। ସେ ୨୦୩୧ ଅକ୍ଟୋବର ୩ରୁ ୨୦୩୩ ମେ' ୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ତେବେ ଜଷ୍ଟିସ୍ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ନିମନ୍ତେ କଲେଜିୟମ୍‌ର ସୁପାରିସ୍‌କୁ ଜଷ୍ଟିସ୍ ବି.ଭି. ନାଗରତ୍ନା ବିରୋଧ କରିଥିଲେ। ପାଞ୍ଚୋଲିଙ୍କଠାରୁ ଅଧିକ ବରିଷ୍ଠ ବିଚାରପତି ବିଭିନ୍ନ ହାଇକୋର୍ଟରେ ଥିବା ସେ ଯୁକ୍ତି ଦର୍ଶାଇଥିଲେ। ୧୯୬୮ ମେ' ୨୮ରେ ଅହମଦାବାଦରେ ଜନ୍ମିତ ଜଷ୍ଟିସ୍ ପଞ୍ଚୋଲି ୨୦୧୪ ଅକ୍ଟୋବର ୧ରେ ଗୁଜରାଟ ହାଇକୋର୍ଟର ଅତିରିକ୍ତ ବିଚାରପତି ହେବା ସହ ୨୦୧୬ ଜୁନ୍ ୧୦ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୩ ଜୁଲାଇରେ ସେ ପାଟନା ହାଇକୋର୍ଟକୁ ବଦଳି ହେବା ପରେ ସେହିବର୍ଷ ମୁଖ୍ୟ ବିଚାରପତି ହୋଇଥିଲେ। ସେହିପରି ୧୯୬୪ ଏପ୍ରିଲ ୧୩ରେ ଜନ୍ମିତ ଜଷ୍ଟିସ୍ ଆରାଧେ ୨୦୦୯ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଅତିରିକ୍ତ ବିଚାରପତି ହେବା ସହ ୨୦୧୧ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୮ ମେ' ୧୧ରେ ସେ ଜମ୍ମୁ-କଶ୍ମୀର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହୋଇଥିଲେ। ସେହିବର୍ଷ ନଭେମ୍ବରରେ ସେ କର୍ଣ୍ଣାଟକ ହାଇକୋର୍ଟକୁ ବଦଳି ହେବା ସହ ୨୦୨୨ ଜୁଲାଇରେ ଉକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ଏହା ପରେ ସେ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଥିଲେ।

# ଆଜି ଗଣପର୍ବ ନୂଆଁଖାଇ | ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସକାଶେ ଉତ୍ସବ ମୁଖର ହୋଇଛି ପଶ୍ଚିମ ଓଡ଼ିଶା। ପୁରପଲ୍ଲୀରେ ମଧ୍ୟ ଉତ୍ସବର ପରିବେଶ। ଏଥିସହ ମନ୍ଦିର, ଦେବାଳୟ, ଦେବୀପୀଠଗୁଡ଼ିକୁ ଫୁଲରେ ସଜ୍ଜିତ ହୋଇଛି। ଇଷ୍ଟଦେବୀ ସମଲେଇଙ୍କ ପୀଠରେ ନିର୍ଦ୍ଧାରିତ ଲଗ୍ନାନୁସାରେ ନବାନ୍ନ ଭୋଗ ଲାଗିବ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ ଗତେ ୧୦ଟା ୫୫ ମିନିଟ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ଦେବୀ ସମଲେଇଙ୍କୁ ପ୍ରଥମେ ନବାହ୍ନ ଲାଗି ହେବ। ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟ ଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇ ପାରିବେ ବୋଲି ସ୍ଥିର ହୋଇଛି। ଏନେଇ ମୁଖ୍ୟ ପୂଜକ ଅମ୍ବିକାପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନଙ୍କ ପରିବାର ସଦସ୍ୟମାନେ ପ୍ରସ୍ତୁତ ହୋଇଛନ୍ତି।

ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସୁନ୍ଦରଗଡ଼ ଜିଲାର ଶିଖରବାସିନୀ ଓ ସମଲେଇ, ନୂଆପଡ଼ା ଜିଲାର ଟାନୱାନ କଣା ଭଇଁରା ଓ ସମଲେଇ, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ସମଲେଇ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ ଓ ବୌଦ୍ଧ ଜିଲାର ଭୈରବୀଙ୍କ ପୀଠରେ ମଧ୍ୟ ନୂଆଁଖାଇ ସକାଶେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ନୂଆଁଖାଇ ଭେଟ୍‌ଘାଟ ଲାଗି ସମ୍ବଲପୁର ସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟ, ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପ ସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡ଼ବଜାର ସମଲେଶ୍ୱରୀ ମଣ୍ଡପକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। କୃଷିଭିତ୍ତିକ ଗଣପର୍ବ ପାଳନ କରିବାକୁ ପଶ୍ଚିମ ଓଡିଶାବାସୀ ପ୍ରସ୍ତୁତ ହୋଇଛନ୍ତି।

-ରିପୋର୍ଟ: **ବି. ଶଙ୍କର,** ସମ୍ବଲପୁର


ଇଷ୍ଟ ଦେବୀ ମାଁ ସମଲେଇ

# କୋଶଲେଶ୍ୱରୀ ମହାଶକ୍ତି ପୀଠରେ ଅନନ୍ୟ ନୂଆଁଖାଇ

ଗଣପର୍ବ 'ନୂଆଁଖାଇ' ପାଖେଇ ଆସିଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ସନ୍ନିକଟ କୁମୁଡ଼ିପଦରସ୍ଥିତ ପ୍ରସିଦ୍ଧ କୋଶଲେଶ୍ୱରୀ ମହାଶକ୍ତି ପୀଠ ଚଳଚଞ୍ଚଳ ହୋଇଉଠେ। ସାଧାରଣତଃ ଭାଦ୍ରବ ଶୁକ୍ଳପକ୍ଷ ୫ମୀ ତିଥିରେ ନୂଆଁଖାଇ ପାଳନ କରାଯାଏ। ମାତ୍ର ଏହି ପୀଠରେ ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ତିଥିରେ 'ନବାନ୍ନ ଯଜ୍ଞ' ଏବଂ 'ଚରୁ ଅର୍ପଣ' ବିଧି ପାଳନ ନୂଆଁଖାଇର ଏକ ପ୍ରାଚୀନ ଲୁପ୍ତ ପରମ୍ପରା। ଏହି ପରମ୍ପରା ଉଦ୍ଧାର କରାଯାଇ ନୂଆଁଖାଇର ପ୍ରାଚୀନତା ଏବଂ ମୌଳିକତାକୁ ଅକ୍ଷୁଣ୍ଣ ରଖିବା ଲାଗି ପ୍ରୟାସ କରାଯାଉଛି। ଶାକ୍ତ ପରମ୍ପରା ଅନୁଯାୟୀ, ସପ୍ତପୁରୀ ଅମାବାସ୍ୟା ତିଥିରେ ଦେବୀ କୋଶଲେଶ୍ୱରୀଙ୍କୁ ସର୍ବପ୍ରଥମେ ନବାନ୍ନ ଅର୍ପଣ ପାଇଁ ଆବାହନ କରାଯାଇଥାଏ। କନ୍ଧାନ ଅଞ୍ଚଳର 'ଜାନି' (ଆଦ୍ୟ ପୂଜକ) ଶାବରୀ ତନ୍ତ୍ର ନବାନ୍ନ ମନ୍ତ୍ରରେ ଦେବୀ କୋଶଲେଶ୍ୱରୀଙ୍କୁ ଆମନ୍ତ୍ରଣ କରନ୍ତି। ଏହା ପୂର୍ବରୁ ଅନେକ ପ୍ରସ୍ତୁତି ସରିଥାଏ। ସପ୍ତପୁରୀ ଅମାବାସ୍ୟାରେ ଜାନି ଦେବୀଙ୍କୁ ଆବାହନ କରାଯାଏ। ଜାନି କହନ୍ତି, 'ହେ ମା' ତମେ ଆସ, ତମର ଶୁକ୍ଳପକ୍ଷ ଆସିଯାଉଛି। ସମସ୍ତେ ତୁମକୁ ନିମନ୍ତ୍ରଣ କରି ଗାଁ ଗାଁକୁ ନେବେ। ସମସ୍ତେ ତୁମ ଅପେକ୍ଷାରେ ଅଛନ୍ତି। ପ୍ରତିଟି ଗାଁରେ ଲୋକେ ନୂଆଁ ଲଗାଇ, ନୈବେଦ୍ୟ ଦେଇ ନବାନ୍ନ ଭକ୍ଷଣ କରିବେ।' ଦେବୀଙ୍କୁ ଏଇଭଳି ଆବାହନ କରିବା ଲାଗି ସକାଳେ ଜାନି ନିଜେ ଏକ ବାଉଁଶ ତିଆରି ନୂଆ ପର୍ଲାରେ ଫୁଲ, ବେଲପତ୍ର, ଅରୁଆ ଚାଉଳ, କ୍ଷୀର ଓ ସିନ୍ଦୂର ଧରି ପ୍ରଥମେ କ୍ଷେତକୁ ଯାଆନ୍ତି। ସେଠାରେ ମାଟି ମା' ଓ ଅନ୍ନଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଧାନ କିଆରିରୁ 'ଛେଚ୍‌କା ଧାନ' ସଂଗ୍ରହ କରନ୍ତି। ଘଣ୍ଟ, ଶଙ୍ଖଧ୍ୱନିରେ ସେହି ସ୍ଥାନ ପ୍ରକମ୍ପିତ ହୋଇଉଠେ। ଚଳିତବର୍ଷ ସପ୍ତପୁରୀ ଅମାବାସ୍ୟା ତିଥିରେ କୁମୁଡ଼ିପଦର କୋଶଲେଶ୍ୱରୀ ମହାଶକ୍ତି ପୀଠରେ ଏହି ପ୍ରାଚୀନ ଲୁପ୍ତ ପରମ୍ପରା ଅନୁଯାୟୀ ସର୍ବପୂଜାବିଧି ସମ୍ପନ୍ନ ହୋଇଛି। ଜାନି ବଳରାମ ମାଝି ସକାଳେ କ୍ଷେତକୁ ଯାଇ ପାରମ୍ପରିକ ପୂଜାର୍ଚ୍ଚନା କରି ଛେଚ୍‌କା ଧାନ ସଂଗ୍ରହ କରି ପୀଠକୁ ଆଣିଥିଲେ। ସେଇ ଛେଚ୍‌କା ଧାନରୁ ନବାନ୍ନ ଚରୁ ତିଆରି କରିଥିଲେ। ପରେ କୋଶଲେଶ୍ୱରୀ ମହାଶକ୍ତି ପୀଠ ମନ୍ଦିରରେ ଆରମ୍ଭ ହୋଇଥିଲା ନବାନ୍ନ ଯଜ୍ଞ ବା ଆବାହନ ପର୍ବ। ନବାନ୍ନ ମନ୍ତ୍ର ଉଚ୍ଚାରଣ କରି ପୂଜକ କ୍ଷମଦା ପ୍ରସନ୍ନ ମହାପାତ୍ର ହୋମଯଜ୍ଞ ପରିଚାଳନା କରିଥିଲେ। ପାଖରେ ବସି ଜାନି ବଳରାମ ହୋମାଗ୍ନିରେ ନବାନ୍ନ ଚରୁ ଅର୍ପଣ କରିଥିଲେ। ହୋମାଗ୍ନିର ଲେଲିହାନ ଶିଖାକୁ ଦେବୀଙ୍କ ଜିହ୍ୱା ବୋଲି ବିବେଚନା କରାଯାଏ।

ଲୋକ ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ଗୁରୁଜୀ ଡ. ଦୋଳଗୋବିନ୍ଦ ବିଶି କହିଛନ୍ତି, ପ୍ରାଚୀନ କାଳରେ ଶାବର ତନ୍ତ୍ରରେ ସପ୍ତପୁରୀ ଅମାବାସ୍ୟା ତିଥିରେ ଦେବୀ କୋଶଲେଶ୍ୱରୀଙ୍କୁ 'ଚରୁ ଅର୍ପଣ'ର ବିଧି ରହିଥିଲା। କାଳକ୍ରମେ ଦକ୍ଷିଣ କୋଶଳାଞ୍ଚଳରେ ଯେତେବେଳେ ସାଂସ୍କୃତିକ ବିଘଟନ ଘଟିଛି ଅନେକ ଶାସ୍ତ୍ର, ପୁରାଣ, ଗ୍ରନ୍ଥ ଓ ଲୋକ ଅନୁଷ୍ଠାନ ଲୋପ ପାଇଯାଇଛି। ପରବର୍ତ୍ତୀ ସମୟରେ ଏଭଳି ଅନେକ ଲୁପ୍ତ ପରମ୍ପରାର ଉଦ୍ଧାର କାର୍ଯ୍ୟ ହୋଇ ପାରିନାହିଁ। ଧୀରେ ଧୀରେ ମା' କୋଶଲେଶ୍ୱରୀ ମହାଶକ୍ତି ପୀଠ ସେ ଦାୟିତ୍ୱ ଗ୍ରହଣ କରିଛି। ଆମର ଯେତେ ଲୁପ୍ତ ପରମ୍ପରା ଓ ଲୋକ-ଅନୁଷ୍ଠାନ ରହିଥିଲା, ତାକୁ ଆମେ ବାର ମାସରେ ବିଭିନ୍ନ ସମୟରେ ପାଳନ କରିଆସୁଛୁ ବୋଲି ସେ କହିଛନ୍ତି। ସପ୍ତପୁରୀ ଅମାବାସ୍ୟା ତିଥିରେ ଇଷ୍ଟଦେବୀ ମା' କୋଶଲେଶ୍ୱରୀଙ୍କ ମହାଶକ୍ତି ପୀଠରେ ଏହି ନବାନ୍ନ ଯଜ୍ଞ ଏବଂ ଚରୁ ଅର୍ପଣ ପର୍ବ ନୂଆଁଖାଇର ପ୍ରାଚୀନତାକୁ ଉଜାଗର କରିଛି। ଆବହମାନ କାଳରୁ ଆଧୁନିକ ସମୟ ପର୍ଯ୍ୟନ୍ତ 'ନୂଆଁଖାଇ' କିଭଳି ଲୋକାନୁଷ୍ଠାନ ଭିତରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି, ସେନେଇ ବାସ୍ତବରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

-ରିପୋର୍ଟ: **ବୀରେନ୍ଦ୍ର କୁମାର ଝାଙ୍କର**
ବଲାଙ୍ଗୀର


ସପ୍ତପୁରୀ ଅମାବାସ୍ୟା ତିଥିରେ କୋଶଲେଶ୍ୱରୀ ମହାଶକ୍ତି ପୀଠରେ ନବାନ୍ନ ଯଜ୍ଞ ଓ ଚରୁ ଅର୍ପଣ ବିଧି ଚାଲିଛି।

# ନୂଆଁଖାଇର ଛୋଟ ଧାନ

*ଧାନ... ଧାନ... ଧାନ...*
*ବୋଲି ଯାହାକୁ କହି*
*ଧାନ ତ ନୁହଁ ସେ ଯେ*
*ଅମୃତ ମଣୋହି,*
*ଥୋକେ ଦେବତା ପ୍ରଶଂସା ଭଣନ୍ତି*
*ସ୍ୱର୍ଗର ବୀଜ ଏହି*
*ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...।*

ଲୋକମୁଖରେ ଧାନକୁ ଅମୃତ ବୋଲି କୁହାଯାଇଛି। ପ୍ରାଚୀନ ପରମ୍ପରାରେ ଯେପରି ପ୍ରଥମ ଶସ୍ୟକୁ ଦେବଦେବୀ, ମାଟି ଓ ପିତୃପୁରୁଷଙ୍କୁ ଅର୍ପଣ ବିଧି ରହିଛି ସେହିପରି ପଶ୍ଚିମ ଓଡ଼ିଶାର ନୂଆଁଖାଇରେ ଧାନକୁ ଅର୍ପଣ କରିବାର ବିଧି ରହିଛି। ଏହି କୃଷିଭିତ୍ତିକ ଗଣପର୍ବରେ ନୂଆ ଧାନରୁ ପ୍ରସ୍ତୁତ ଚୁରାକୁଁଡାରେ ଭୋଗ ଲାଗି ହୁଏ ଏବଂ କେତେକ ଗୋଷ୍ଠୀରେ ସମ୍ପୂର୍ଣ୍ଣ ନୂଆ ଧାନରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ନୂଆଁଖାଇ ସମୟରେ ପଶ୍ଚିମ ଓଡ଼ିଶାରେ ଛୋଟ ଧାନର ଦର ଓ ଚାହିଦା ଆକାଶଛୁଆଁ ହୋଇଥାଏ। ଯେଉଁ କେତେକ ଧାନ ନୂଆଁଖାଇ ସମୟରେ ମିଳିଥାଏ ତାହା ହିଁ ସଅଳ କିସମ ବା ଛୋଟ ଧାନ। ଏହି ଧାନ ସବୁ ପ୍ରାୟତଃ ୬୦ରୁ ୮୦ଦିନରେ ଅମଳ ହୋଇଥାଏ।

କରନୀ- ଏଇ କିସମ ଧାନ ମାଟିଆ ମିଶା ହାଲୁକା ଧୂସର ରଙ୍ଗର। ଆଉ ଗୋଟେ ହେଲା କୁସୁମା। କୁସୁମା କିସମ ଧାନର ରଙ୍ଗ ହାଲୁକା ଓ ଏହି ଧାନ ଅଗରେ ସୋଁକ୍ ଥାଏ। ଏହାର ଚାଉଳ ଆରିସା ପିଠା ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଇଥାଏ। ସରିଆଁ ଧାନରେ ଅଳ୍ପ ସୋଁକ୍ ଥିବାବେଳେ ଏହାର ଚାଉଳ ହାଲୁକା ନାଲି ରଙ୍ଗର ହୋଇଥାଏ। ନିଅଣ୍ଟିଆ ବା ସବୁ ସରି ଆସୁଥିବାବେଳେ ଏହା ମିଳୁଥିବାରୁ ସମ୍ଭବତଃ ଏହାର ନାମକରଣ ସରିଆଁ ହୋଇଛି। ସେହିପରି ବାଞ୍ଜିବୁଟା ଓ ପଥରି କିସମ ଧାନ ଉଚ୍ଚ ପଥୁରିଆ ଜମିରେ ହେଉଥିବାରୁ ଏହାର ନାମକରଣ ସେପରି ହୋଇଛି। ଏସବୁ ଧାନ ସହିତ ନୂଆଁଖାଇ ବେଳେ ଆଗରୁ ମିଳୁଥିବା ଧାନ ଭିତରେ ବଧିଆଁ, ବୁଢ଼ାଧାନ, ମୁରଡଣ ଧାନ ରହିଛି। ଏସବୁ ଲୁପ୍ତପ୍ରାୟ। ବାସ୍ନାସମ୍ପନ୍ନ କଳାଜିରା ବହୁତ ଛୋଟ ଓ କଳା ରଙ୍ଗର ଧାନ। ସମ୍ଭବତଃ ଷାଠିଏ ଦିନରେ ଅମଳ ହେଉଥିବା ସେଠାକ ନାମକ ଧାନ ବିରଳ ହୋଇପଡ଼ିଲାଣି। କଳାଜିରା ସହ ଚିଙ୍ଗେର ପରି ଧାନ ଏବେ ମିଳିବା ମୁସ୍କିଲ ହୋଇପଡ଼ିଛି।

ନୂଆଁଖାଇର ସମୟ ଚାଷୀ ପାଇଁ ନିଅଣ୍ଟିଆ ସମୟ। ଅଥଚ ଏହି ନିଅଣ୍ଟିଆ ସମୟରେ ବି ତା'ର ଆନନ୍ଦ ଓ ଉଲ୍ଲାସରେ ଛୋଟଧାନର ବଡ଼ ଭୂମିକା ରହିଛି। ଏହି ଛୋଟ ଧାନରୁ ଅନେକ ଲୁପ୍ତପ୍ରାୟ। ଏ ଦିଗରେ ବେସରକାରୀ ସ୍ତରରେ କିଛି ଉଦ୍ୟମ ହେଉଥିଲେ ବି କୃଷି ବିଭାଗ ନୀରବ ରହିଛି।

-ରିପୋର୍ଟ: **ଆଦିତେଶ୍ୱର ମିଶ୍ର**
କନ୍ଧମାଳ












ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା

-ଋଷି ପଞ୍ଚମୀ, ଗୁରୁପଞ୍ଚମୀ ବ୍ରତ, ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ



# ଆର୍ଯ୍ୟ ଥିଲେ ବଣିକ



ଦେବଦତ୍ତ ପଟ୍ଟନାୟକ

ଉପନିବେଶୀ ଐତିହାସିକମାନେ ଏକ ସିଦ୍ଧାନ୍ତକୁ ନେଇ ଯୁକ୍ତି ବାଢ଼ନ୍ତି ଯେ ଅଶ୍ୱାରୋହୀ ଗୌରବର୍ଣ୍ଣ ଲୋକେ( ଆର୍ଯ୍ୟ) ହରପ୍ପାର ସହରଗୁଡ଼ିକୁ ଧ୍ୱଂସକରି ଭାରତକୁ ଦଖଲ କରିଥିଲେ। ସେମାନେ ଭାରତର ମୂଳ ବାସିନ୍ଦା କଳାବର୍ଣ୍ଣର ଲୋକଙ୍କୁ ଦାସ ଭାବେ ରଖିଲେ। ଏହାକୁ ବିରୋଧ କରି ଅନ୍ୟ ଏକ ସିଦ୍ଧାନ୍ତରେ କୁହାଯାଇଛି ଯେ, ଆର୍ଯ୍ୟମାନେ ହେଉଛନ୍ତି ବାସ୍ତବରେ ଭାରତୀୟ ଏବଂ ସେମାନେ ଭାରତ ବାହାରକୁ ଯାଇ ବିଶ୍ୱର ବିଭିନ୍ନ ସ୍ଥାନରେ ସଭ୍ୟତା ଗଢ଼ିଛନ୍ତି। ଦେଖିବାକୁ ଗଲେ ଉଭୟ ସିଦ୍ଧାନ୍ତ ଭୁଲ୍। କେଉଁସବୁ ବିଷୟ ସେମାନଙ୍କୁ ଭାରତକୁ ଆସିବା କିମ୍ବା ଭାରତ ବାହାରକୁ ଯିବା ପାଇଁ ପ୍ରେରିତ କରିଥିଲା, ସେ ସମ୍ପର୍କରେ ଏହି ଦୁଇଟି ସିଦ୍ଧାନ୍ତରୁ କୌଣସି ଗୋଟିକରେ ବି ସ୍ପଷ୍ଟ କରାଯାଇନାହିଁ।

ଏବେ ସ୍ପଷ୍ଟ ଭାବେ ଜଣାପଡୁଛି, ଆର୍ଯ୍ୟମାନେ ଲୁହା ପାଇଁ ଭାରତ ଆସିଥିଲେ ଏବଂ ଏହା ବଦଳରେ ସେମାନେ ଘୋଡ଼ା ଦେଉଥିଲେ। ଆର୍ଯ୍ୟମାନେ ଆକ୍ରମଣକାରୀ କିମ୍ବା ପ୍ରବାସୀ ନ ଥିଲେ ; ସେମାନେ ଥିଲେ ବ୍ୟବସାୟୀ। ଅନେକେ ବଣିକ ଓ ନାବିକଙ୍କ ଭଳି ସେମାନଙ୍କର ଭାରତୀୟ ପତ୍ନୀ ଥିଲେ, ଯାହା ଫଳରେ ସେମାନଙ୍କ ଜିନ୍, ଭାଷା (ସଂସ୍କୃତ) ଏବଂ ପୁରୁଷପ୍ରଧାନ ସଂସ୍କୃତିର ପ୍ରସାର ଘଟିଥିଲା। ହିନ୍ଦୁ ପୁରାଣରେ ବର୍ଣ୍ଣନା କରାଯାଇଛି, ଅଶ୍ୱମୁଖୀ ବିଷ୍ଣୁ ବେଦ ଉଦ୍ଧାର କରି ତାହାକୁ ସୁରକ୍ଷିତ ରଖିବା ସକାଶେ ବ୍ରାହ୍ମଣଙ୍କୁ ଦେଇଥିଲେ। ଏଣୁ ୩୦୦୦ ବର୍ଷରୁ ଅଧିକ ସମୟ ହେଲା ଭାରତର ବ୍ରାହ୍ମଣମାନେ ବୈଦିକ ସ୍ତୋତ୍ରଗୁଡ଼ିକର ପ୍ରଚାର ପ୍ରସାର କରି ଆସିଛନ୍ତି ; ଯେଉଁଥିରେ ଘୋଡ଼ା, ରଥ ଏବଂ ବିଭିନ୍ନ ପଦାର୍ଥକୁ ନେଇ ନିର୍ମିତ ଧନୁ ସମ୍ପର୍କରେ ବହୁ ପୁରାତନ ବର୍ଣ୍ଣନା ଥିବା ଦେଖାଯାଏ (ଋଗ୍‌ବେଦ ୧.୧୬୩.୧୦ ଏବ ୧. ୬.୭୫.୨)। ବ୍ରାହ୍ମଣମାନେ ଏହି ବୈଦିକ ସ୍ତୋତ୍ରଗୁଡ଼ିକୁ ଅନନ୍ତ (ସନାତନ) ଏବଂ ଏହା ମଣିଷ ଦ୍ୱାରା ସୃଷ୍ଟି ହୋଇ ନ ଥିବା ମନେକରନ୍ତି। କିନ୍ତୁ ଏବେ ପୁରାତନ ଡିଏନ୍ଏ ଅନୁଧ୍ୟାନ, ପ୍ରତ୍ନତତ୍ତ୍ୱ ଏବଂ ଭାଷାବିଜ୍ଞାନରୁ ଜାଣିପାରୁଛୁ ଯେ ଏଭଳି ଭାବନା ସତ୍ୟ ନୁହେଁ।

ପାଖାପାଖି ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗର ଓ କାସ୍ପିଆନ ସାଗରର ଉତ୍ତରାଞ୍ଚଳ ଏବଂ ଉରାଲ ପର୍ବତମାଳାର ପଶ୍ଚିମରେ ଘୋଡ଼ା ପାଳନ କରାଯାଉଥିଲା। ପ୍ରଥମେ ବହୁ ଛୋଟ ଘୋଡ଼ା ପାଳନ କରାଯାଉଥିଲା। ଫଳରେ ତା'ଉପରେ ବସି ବୟସ୍କ ଯିବା ସମ୍ଭବ ନ ଥିଲା। ଏହା ଯୋଗୁ ସେହି ସମୟରେ ଅଖଚକ ଥିବା ରଥ ଉଦ୍ଭାବନ କରାଯାଇଥିଲା। ଏସବୁ ଦକ୍ଷିଣ



ରୁଷିଆ, ସିଣ୍ଟାସ୍ତା ସଭ୍ୟତା, ଉରାଲ ପର୍ବତମାଳାର ଉତ୍ତରଭାଗରେ ଥିବା ସମାଧି ବା କବର ସ୍ଥଳରୁ ମିଳିଛି ଏବଂ ଏଗୁଡ଼ିକ ଖ୍ରୀଷ୍ଟପୂର୍ବ ୨୦୦୦ର ବୋଲି ଜଣାପଡ଼ିଛି। ପ୍ରାୟ ଏହି ସମୟରେ, ଏସବୁ ସ୍ଥାନରେ ମଧ୍ୟ କାଠ ଓ ଅନ୍ୟାନ୍ୟ ପଦାର୍ଥକୁ ନେଇ ତିଆରି କରାଯାଇଥିବା ଧନୁ ଆବିଷ୍କାର କରାଯାଇଥିଲା। ଘୋଡ଼ା, ଧନୁ ଓ ରଥକୁ ନେଇ ଏକ ନୂଆ ସାମରିକ ଟେକ୍‌ନୋଲୋଜି ଖ୍ରୀଷ୍ଟପୂର୍ବ ୧୫୦୦ ବେଳକୁ ପୂର୍ବ ଦିଗରେ ଇଜିପ୍ଟ, ଉତ୍ତରରେ ସ୍କାଣ୍ଡିନେଭିଆ, ଚାଇନା ଏବଂ ପୂର୍ବଭାଗରେ ଭାରତକୁ ବ୍ୟାପିଥିଲା। ଘୋଡ଼ାପାଳକଙ୍କ ସହିତ ଏକ ନୂଆ ଭାଷା ମଧ୍ୟ ପ୍ରସାର ଲାଭ କରିଥିଲା।

ପୂର୍ବଭାଗକୁ ପ୍ରବାସନ ଯୋଗୁ କେବଳ ତୃଣଭୂମି ଅଞ୍ଚଳରେ ରହୁଥିବା ଯାଯାବର ଗୋଷ୍ଠୀର ପଶୁପାଳକଙ୍କଠାରେ ଦେଖିବାକୁ ମିଳୁଥିବା ଏକ ପ୍ରକାର ଜିନ୍ (ଯାହାକୁ ଏବେ ଆର୍‌ୱାନ ଏ-ଜେଡ୍୯୩ ନାମକରଣ କରାଯାଇଛି)ର ପ୍ରସାର ଘଟିଥିଲା। ଏହା କେନ୍ଦ୍ର ଏସିଆ, ଇରାନ ଓ ଭାରତର ବ୍ରାହ୍ମଣଙ୍କଠାରେ ଦେଖିବାକୁ ମିଳେ। ଯେଉଁମାନେ ଏହି ଜିନ୍‌କୁ ନେଇ ଆସିଥିଲେ ସେମାନେ ନିଜକୁ ଆର୍ଯ୍ୟ ବା ମହାନ୍ ବୋଲି କହୁଥିଲେ। ଭାରତରେ ମୌସୁମୀ ଜଳବାୟୁ ଘୋଡ଼ା ବଂଶବୃଦ୍ଧି ପାଇଁ ଅନୁକୂଳ ନ ଥିବା ଯୋଗୁ ଆର୍ଯ୍ୟମାନେ ଭାରତକୁ ଅଧିକରୁ ଅଧିକ ଘୋଡ଼ା ଆଣିବା ପାଇଁ କେନ୍ଦ୍ର ଏସିଆକୁ ବାରମ୍ବାର ଯାଉଥିଲେ। ସେତେବେଳର ଅଖ-ଚକଥିବା ରଥରେ ଘୋଡ଼ାମାନେ ଜଣେ ଚାଳକ ଓ ଧନୁର୍ଦ୍ଧାରୀଙ୍କୁ ଟାଣି ନେଇପାରୁଥିଲେ। ଏଭଳି ଛବି ଭଗବଦ୍ ଗୀତାରେ ବି ରହିଛି, ଯେଉଁଥିରେ କୃଷ୍ଣ ୪ଟି ଧଳା ଘୋଡ଼ାର ଲଗାମ ଧରିଥିବା ବେଳେ ଅର୍ଜୁନ ତାଙ୍କ ଗାଣ୍ଡିବ ଧନୁ ଧରି ଠିଆ ହୋଇଛନ୍ତି। ଉଭୟ ଶଙ୍ଖ ବଜାନ୍ତି। ଋଗ୍‌ବେଦରେ ଏହି ଶଙ୍ଖ ବିଷୟରେ କୌଣସି ଉଲ୍ଲେଖ ନାହିଁ, କିନ୍ତୁ ଅଥର୍ବ ବେଦରେ ଏହା ଅଛି।

ନିକଟରେ ତାମିଲନାଡୁର କିଲାଡିରେ ହୋଇଥିବା ଖନନରୁ ଲହାପଥରକୁ ତରଳାଇ ଲୁହା ବାହାର କରିବା ଟେକ୍‌ନୋଲୋଜିର ସନ୍ଧାନ ମିଳିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଟେକ୍‌ନୋଲୋଜି ଭାରତରେ ଦ୍ରାବିଡ଼ ଓ ମୁଣ୍ଡା ଭାଷାଭାଷୀ ଲୋକ ରହୁଥିବା ଅଞ୍ଚଳରେ ଆବିଷ୍କୃତ ହୋଇଥିଲା। ଲୁହା ପଥରରୁ ଲୁହା ବାହାର କରିବା ଲାଗି ଉଚ୍ଚ ତାପମାତ୍ରା ଦରକାର ପଡ଼େ। ଗୋଦାବରୀ ଅବବାହିକାର ବିଭିନ୍ନ ସ୍ଥାନରେ ରହିଥିବା ମାଟିଚୁଲା ସବୁର ସନ୍ଧାନ ମିଳିଛି ଏବଂ ଏଭଳି ଫାୟାର ଟେକ୍‌ନୋଲୋଜି ଉପରେ ଏକ ଦୀର୍ଘ ଅନୁଧ୍ୟାନ ଲୋଡ଼ା। ଏହାସହ ଆଣ୍ଟୋଲିଆ( ଆଧୁନିକ ତୁର୍କୀ), ଆଫ୍ରିକା(ବଣ୍ଟୁ ସମ୍ପ୍ରଦାୟ) ଓ ଭାରତରେ ପ୍ରଥମେ ଲୁହା ପଥରରୁ ଲୁହା ବାହାର କରାଯିବା ପଦ୍ଧତି ଆପଣାଯାଇଥିଲା ବୋଲି ଜଣାପଡ଼େ। ସମ୍ଭବତଃ ଏହି କାରଣରୁ ଲୁହା ନେବା ପାଇଁ ଆର୍ଯ୍ୟମାନେ ଅକ୍ସୁସ ନଦୀ ଅବବାହିକାରୁ ଦୁର୍ଗମ ଗିରିପଥ ଦେଇ ଭାରତକୁ ଆସିଥିଲେ।

ବହୁ ବିଳମ୍ବରେ ଘୋଡ଼ା ଭାରତକୁ ଆସିଥିଲା ଓ ପାଳନ କରାଯାଇଥିଲା। ୧୪୦୦ ଖ୍ରୀଷ୍ଟାବ୍ଦ ପରେ ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଏହା କରାଯାଉଥିଲା। ଏଣୁ ପାଖାପାଖି ୩୦୦୦ ବର୍ଷ ଧରି କେନ୍ଦ୍ର ଏସିଆରୁ ଘୋଡ଼ା ପାଳକମାନେ ଭାରତୀୟ ରାଜାମାନଙ୍କ ପାଇଁ ଘୋଡ଼ା ଆଣୁଥିଲେ। ରାଜାମାନେ ସେତେବେଳେ ନୂଆ ରାଜ୍ୟ ଜୟ କରିବା ପାଇଁ ଏହି ଘୋଡ଼ାକୁ ଯୁଦ୍ଧରେ ବ୍ୟବହାର କରୁଥିଲେ। ଏପରି କି ରାଜ୍ୟ ଦଖଲ ଉତ୍ସବରେ ସେମାନଙ୍କୁ ବଳି (ଅଶ୍ୱମେଧ)ଦେଉଥିଲେ। ବ୍ୟବସାୟୀମାନେ ଭାରତକୁ ଆକ୍ରମଣ କରିବା କିମ୍ବା ଭାରତକୁ ସ୍ଥାନାନ୍ତର ହେବାର କୌଣସି କାରଣ ନ ଥିଲା। ସେମାନେ କେବଳ ଭାରତରୁ କେନ୍ଦ୍ର ଏସିଆକୁ ଅଧିକ ଘୋଡ଼ା ଆଣିବା ଲାଗି ଯାଉଥିଲେ ; ଯେଉଁଠି ଘୋଡ଼ାପାଳନ ଓ ବଂଶବୃଦ୍ଧି କରାଯାଉଥିଲା।

–devduttofficial@gmail.com

# ନୂଆଁଖାଇ ଜୁହାର



ମୋହନ ଚରଣ ମାଝୀ

ଜୁହାର୍...

ଓଡ଼ିଶାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସାରା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ମା' ସମଲେଶ୍ୱରୀ, ମା' ସୁରେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ଲଙ୍କେଶ୍ୱରୀ, ମା' ବିନ୍ଧ୍ୟବାସିନୀ ତଥା ନୂଆଁଖାଇର ପବିତ୍ର ନବାନ୍ନ ଲାଗି ପରମ୍ପରା ସହ ଜଡ଼ିତ ସମସ୍ତ ଦେବୀମାନଙ୍କୁ କୋଟି କୋଟି ପ୍ରଣାମ। ମା' ତା'ର ପଣତକାନିରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ଘଣ୍ଟ ଘୋଡ଼ାଇ ରଖନ୍ତୁ। ସାରା ଦେଶ ଓ ସାରା ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ପ୍ରଗତିର ରାସ୍ତାରେ ଆଗେଇ ନିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଖାଲି କୃଷିର ମହିମା ମଣ୍ଡନ କରେ ନାହିଁ। ଏହା ସହ ଭାରତୀୟ ଅସ୍ମିତାର ପ୍ରମୁଖ ଅଙ୍ଗ– ପରିବାର, ପାରିବାରିକ ସଂସ୍କାର ତଥା ମିଳିମିଶି ସହାବସ୍ଥାନର ସାରା ବିଶ୍ୱକୁ କାଳଜୟୀ ବାର୍ତ୍ତା ପ୍ରଦାନ କରେ। ନୂଆଁଖାଇ ଶୁଭ ଅବସରରେ ଆମ ରାଜ୍ୟର ଚାଷୀଭାଇ ତଥା ଆମ ସଭ୍ୟତାର ମୂଳ ଆଧାର ପରିବାର ବ୍ୟବସ୍ଥା ଚିରସ୍ଥାୟୀ ହେଉ ଏବଂ ସାରା ରାଜ୍ୟର ସୁଖ, ଶାନ୍ତି ଓ ପ୍ରଗତିର ନୂଆ ଯୁଗରେ ସାଢ଼େ ଚାରି କୋଟି ଓଡ଼ିଆ ସାମିଲ ହୁଅନ୍ତୁ, ଏହା ହିଁ କାମନା।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ଯୋଜନା ଆଜି ଆମ ରାଜ୍ୟ ପାଇଁ ପ୍ରଗତିର ନୂଆ ରାସ୍ତା ଖୋଲିଛି। ମୋଦିଜୀ ତଥା ଡବଲ ଇଞ୍ଜିନ ସରକାରରେ ବିକାଶର ଅବଧାରଣା ବେଶ୍ ସ୍ପଷ୍ଟ।

୨୦୩୬ର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ୧୦୦ ବର୍ଷ ପୂର୍ତ୍ତି ହେଉ ଅଥବା ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି। ଆମର ଲକ୍ଷ୍ୟ, ୨୦୪୭ରେ ବିକଶିତ ଭାରତ ନିର୍ମାଣରେ ଓଡ଼ିଶା ପ୍ରମୁଖ ଭୂମିକା ନେବ। ସେଥିପାଇଁ ୨୦୩୬ର ଲକ୍ଷ୍ୟ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ୨୦୪୭ ଆଉ ମାତ୍ର ୨୦-୨୨ ବର୍ଷ ଏବଂ ୨୦୩୬ ମାତ୍ର ୧୦-୧୧ ବର୍ଷ ବାକି ଅଛି। ଦେଶର ଅମୃତକାଳ ପାଇଁ ଆଗାମୀ ଦୁଇ ଦଶନ୍ଧି ବେଶ୍ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆମ ଓଡ଼ିଆଙ୍କ ପାଇଁ ଏହି ଦୁଇ ଦଶନ୍ଧି ଭିତରୁ ପ୍ରଥମ ଦଶନ୍ଧି ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ଆଗାମୀ ଦଶବର୍ଷ ଯଦି ଓଡ଼ିଆ ଜାତି ତା'ର ନିଷ୍ଠା, ପରାକାଷ୍ଠା ସହିତ ସଠିକ ରାସ୍ତାରେ ସଠିକ ପଦକ୍ଷେପ ନିଏ, ତା' ହେଲେ ବିକଶିତ ଭାରତର ଆଧାରସ୍ତମ୍ଭ ହୋଇ ପାରିବ ଓଡ଼ିଶା। ମୋର ଦୃଢ଼ ବିଶ୍ୱାସ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା।

କ୍ଷେତରେ କୃଷି ହେଉ, ପଶୁପାଳନ ତଥା କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ କୃଷି ପ୍ରକ୍ରିୟାକରଣ ଶିଳ୍ପ, ଏସବୁର ସମାବେଶୀ ବିକାଶ ଓଡ଼ିଶାର ଆର୍ଥିକ ବିକାଶକୁ ଅନ୍ତର୍ଭୁକ୍ତୀକରଣର ରାସ୍ତାରେ ନେଇ ଅର୍ଥନୀତିର ସବୁଠାରୁ ବଡ଼ ବର୍ଗ କୃଷକଙ୍କୁ ସମୃଦ୍ଧ କରିବ।

ନୂଆଁଖାଇ ପୂର୍ବଦିନ ପବିତ୍ର ଗଣେଶ ଚତୁର୍ଥୀ। ମୁଁ ବହୁତ ଆନନ୍ଦିତ ନୂଆଁଖାଇର ଧାର୍ମିକ ଓ ସାମାଜିକ ଆନନ୍ଦ ଉତ୍ସାହର ପୂର୍ବ ଦିନ ବିଘ୍ନନାଶକ ଗଣପତିଙ୍କ ପବିତ୍ର ପୂଜା ଅବସରରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ସବୁ ପଞ୍ଜୀକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି।

ଏହି ଯୋଜନାରେ ବର୍ଷକୁ ଦୁଇ ଥର ଏବଂ ଥରକୁ ୨ ହଜାର ଟଙ୍କା ଭାବରେ ଚାଷୀଭାଇମାନଙ୍କୁ କୃଷି ସହାୟତା ପାଇଁ ମୋ ସରକାର ପ୍ରଦାନ କରିଆସୁଛି। ଗଣେଶ ଚତୁର୍ଥୀ ଅର୍ଥାତ୍ ଗତକାଲି ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରେରଣ କରାଯାଇଛି।

ରାଜ୍ୟର ୫୧ ଲକ୍ଷ ପରିବାର ପାଖରେ ୧୦୪୧ କୋଟି ଟଙ୍କାର ଆର୍ଥିକ ଶକ୍ତି କେବଳ ଚାଷୀମାନଙ୍କ ପରିବାରରେ ହସ ଫୁଟାଇବ ନାହିଁ ବରଂ ସାରା ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବ। ନୂଆଁଖାଇରେ ଆମର ଚାଷୀଭାଇଙ୍କ ପରିବାର ମୁହଁରେ ହସ ମୋ ଭଳି ସାଧାରଣ ଗରିବ ଓଡ଼ିଆ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ହିସାବରେ ଅନେକ ଆନନ୍ଦ ଦେଉଛି।

ଆମେ ଗତ ନିର୍ବାଚନ ସମୟରେ ଚାଷୀଭାଇମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ସେତେବେଳେ ଆମର ବିରୋଧୀମାନେ ଆମକୁ ଥଟ୍ଟା, ପରିହାସ କରୁଥିଲେ। କାରଣ ସେମାନଙ୍କର ବିକାଶର ଅବଧାରଣା ଏବଂ ଭାରତୀୟ ଜନତା ପାର୍ଟିର ବିକାଶର ଅବଧାରଣା ଭିତରେ ଆକାଶ ପାତାଳ ଫରକ। ଆମେ ଗାନ୍ଧୀ, ଗୋପବନ୍ଧୁ ଏବଂ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କର ଆର୍ଥିକ ବିକାଶ ମଡେଲର ପୂଜକ। ଆପଣମାନଙ୍କର ମନେଥିବ ବରଗଡ଼ ଜିଲାର ସୋହେଲାରେ ଚାଷୀମାନଙ୍କୁ ୧୦୦ ଟଙ୍କାର ବୋନସ ଦେବା ପାଇଁ ଜନସଭାରେ କିଏ ଘୋଷଣା କରିଥିଲେ ଏବଂ ଏହି ଅର୍ଥ ଯୋଗାଇବା ପାଇଁ କାହିଁକି ସେମାନେ ପଛେଇଲେ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମମାନବ ଦର୍ଶନ ଏବଂ ଅନ୍ତ୍ୟୋଦୟ ବିଚାରଧାରାର ଆମେ ନିଷ୍ଠାପର ପୂଜାରୀ। ଜନ ସଂଘ ଓ ପରେ ୧୯୮୦ରୁ ବିଜେପିର ରାଜନୈତିକ ଯାତ୍ରାର ଆଧାର ଅନ୍ତ୍ୟୋଦୟ। ଦୀନଦୟାଲଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ। ଆମ ଚାଷୀଙ୍କୁ ୮୦୦ ଟଙ୍କା ଦେବା ପାଇଁ ସମୟ ଲାଗେନି କିନ୍ତୁ ୧୦୦ ଟଙ୍କା ସାଧାରଣ ଗରିବ ଚାଷୀ ପରିବାରକୁ ଦେଇଦେଲେ ବିକାଶ କାମ ଗଡ଼ବଡ଼ ହୋଇଯିବ, ଏହା ଆମ ରାଜନୈତିକ ବିରୋଧୀଙ୍କ ବିଚାର।

ମୋର ପ୍ରିୟ ଓଡ଼ିଶାର ଚାଷୀ, ମହିଳା, ଯୁବକ ଓ ଗରିବମାନଙ୍କ ପାଖରେ ବିନମ୍ର କିନ୍ତୁ ବଜ୍ର ଶପଥ ଡବଲ ଇଞ୍ଜିନ ସରକାର ମୋଦିଜୀଙ୍କ ନେତୃତ୍ୱରେ ସାଧାରଣରୁ ସାଧାରଣ ଓଡ଼ିଆଙ୍କ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର। ଚାଷୀଙ୍କୁ ଆର୍ଥିକସ୍ତରରେ ସମୃଦ୍ଧ କରିବା ଆମର ଶପଥ।

ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷିନୀତି ଓ ଯୋଜନା ମାଧ୍ୟମରେ ଓଡ଼ିଶା ଭଳି ରାଜ୍ୟର ଚାଷୀଭାଇଙ୍କ ଅର୍ଥନୀତି ମଜଭୁତ ହେଉଛି। ମୋଦିଜୀଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ୍‌କେଏସ୍‌ୱାଇ-ଏଆଇବିପି ଅଧୀନରେ ଜଳସେଚନ ପ୍ରକଳ୍ପ, ମତ୍ସ୍ୟ ଏବଂ ପଶୁ ସମ୍ପଦ ଯୋଜନା ସମୂହ, କୃଷି ଉତ୍ପାଦକ ସଂଗଠନ ବା ଏଫ୍‌ପିଓ ମାଧ୍ୟମରେ କୃଷକଙ୍କ ଆର୍ଥିକ ବିକାଶ। ସମବାୟ ବିଭାଗକୁ ନୂଆରୂପରେ ଗଢ଼ି କୃଷି ଋଣ ଏବଂ ସମବାୟଭିତ୍ତିକ କୃଷି ନୂଆ ସମ୍ଭାବନା ସୃଷ୍ଟି କରିଛି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ତତ୍କାଳିକ ଏବଂ ଦୀର୍ଘମିଆଦୀ ଭିତ୍ତିରେ ଚାଷୀର ବିକାଶ ପାଇଁ ବଦ୍ଧ ପରିକର। ଦୀର୍ଘଦିନରୁ ପଡ଼ି ରହିଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ଅଧିକ ଗତିଶୀଳ କରିବା କାମରେ ଆମେ ଲାଗିଛୁ। କାରଣ ଜଳ ସେଚନ ବିନା ଉତ୍ପାଦନ ବଢ଼ାଇ ଚାଷୀଙ୍କ ରୋଜଗାର ଦ୍ରୁତ ବୃଦ୍ଧି ସମ୍ଭବ ନୁହେଁ। କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଶିଳ୍ପ, ଯୋଗାଣ ଶୃଙ୍ଖଳା ନେଟୱର୍କ ପାଇଁ କାର୍ଯ୍ୟରତ କୃଷକଙ୍କ ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା ଆମର ପ୍ରାଥମିକତା। ମଣ୍ଡି ବ୍ୟବସ୍ଥାର ଉନ୍ନତୀକରଣ, ମଣ୍ଡିଗୁଡ଼ିକୁ E-NAM ସହ ଯୋଡ଼ିବା ଗୋଦାମଘର, ବିଶ୍ରାମାଗାର ମାଧ୍ୟମରେ ମଣ୍ଡି ନବୀକରଣକୁ ଆମେ ଗୁରୁତ୍ୱ ଦେଉଛୁ। କୃଷି ଋଣ ଓ ଏହାର ସୁପରିଚାଳନାକୁ ଅଗ୍ରାଧିକାର ଦେଉଛୁ।

ଆମେ ରାଜ୍ୟର ୩ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କ ମତାମତ ଆଧାରରେ ୨୦୩୬ ଓ ୨୦୪୭ ପାଇଁ ଓଡ଼ିଶା ଭିଜନ ପ୍ରସ୍ତୁତି କରିଛୁ। ଆମର ଲକ୍ଷ୍ୟ ମୁଣ୍ଡ ପିଛା କୃଷକଙ୍କ ଆୟରେ ଓଡ଼ିଶା ଦେଶର ୫ ନମ୍ବର ସ୍ଥାନକୁ ଆସିବ। କୃଷି ରପ୍ତାନି ପାଇଁ ବଡ଼ ଯୋଜନାରେ ଆମେ କାର୍ଯ୍ୟରତ। ଚାଷଜମିର ୧୦୦ ପ୍ରତିଶତ ଡିଜିଟାଲ ମ୍ୟାପ ପ୍ରସ୍ତୁତ ଆମର ଯୋଜନା, ଯାହା ଆଧାରରେ ଚାଷଜମିର ନିରୀକ୍ଷଣ, ସବ୍‌ସିଡି ଓ ଅତିରିକ୍ତ ସେବା ଯୋଗାଣ ବ୍ୟବସ୍ଥାକୁ ପାରଦର୍ଶୀ କରାଯାଇ ପାରିବ। ପିଏମ୍ କୁସୁମ ଯୋଜନାରେ କୃଷି କ୍ଷେତ୍ରରେ ବିଜୁଳି ଆବଶ୍ୟକତା ସୌର ଶକ୍ତି ମାଧ୍ୟମରେ ମେଣ୍ଟାଇବା ପାଇଁ ଆମେ ଉଦ୍ୟମ କରୁଛୁ।

କୃଷି ଗବେଷଣା ଓ ଜ୍ଞାନ କୌଶଳକୁ ଚାଷୀଙ୍କ ପାଖକୁ ନେଇ ଚାଷୀଙ୍କୁ ସମୃଦ୍ଧ କରିବାରେ ସାରା ଦେଶରେ ଅଗ୍ରଣୀ ରାଜ୍ୟ ହେବା ଆମର ଲକ୍ଷ୍ୟ। ଚାଷ ଜମିର ମାଲିକାନା ମହିଳାଙ୍କ ନାମକୁ ଅଧିକ ମାତ୍ରାରେ ଆସୁ, ସେଥିପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିବୁ।

ପବିତ୍ର ନୂଆଁଖାଇରେ ମୋ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧ ପରିକର। ଏହି ବିଶ୍ୱାସ ରାଜ୍ୟର ଚାଷୀଭାଇମାନଙ୍କୁ ଦେବାକୁ ଚାହୁଁଛି। ମୁଁ ସ୍ପଷ୍ଟ, ଚାଷୀଭାଇଙ୍କର ଦ୍ରୁତ ଉନ୍ନତି ବିନା ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିବ ନାହିଁ। ମା' ସମଲେଇ ଆମ ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଦିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଆମ ଅସ୍ମିତାର ପରିଚୟ ଆମ ପରିବାର ବ୍ୟବସ୍ଥା। ନୂଆଁଖାଇର ଅନନ୍ୟ ଅଙ୍ଗ ପରିବାରରେ ଏକାଠି ହୋଇ ଭୋଜନ କରିବା ଓ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା। ଆଜି ଆଧୁନିକ ସମାଜର ପରିବାରର ଅବଧାରଣା ବଦଳୁଛି। ପାଶ୍ଚାତ୍ୟ ସଂସ୍କୃତିର ଛାପ ଆମ ଯୌଥ ପରିବାର ବ୍ୟବସ୍ଥା ଉପରେ ସଙ୍କଟ ଆଣି ଦେଉଛି। ବାପା-ମା'-ପିଲା କେବଳ ନୁହନ୍ତି, ଜେଜେ-ଜେଜେମା, ଦାଦା-ଖୁଡ଼ୀ ପ୍ରମୁଖ ସଂସ୍କୃତିରୁ ଆଧୁନିକ ସମାଜ ଦୂରାଉଛି। ବୋଧହୁଏ କାହିଁ କେଉଁ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ନୂଆଁଖାଇ ପରିକଳ୍ପନା କରିଥିବା ଯୋଗଜନ୍ମା ଓଡ଼ିଆମାନେ ନୂଆଁଖାଇରେ ପରିବାର ମେଳନ ପରମ୍ପରା ତିଆରି କରିଛନ୍ତି। ଓଡ଼ିଶାର ଏହି ଅନନ୍ୟ ସଂସ୍କୃତି ଓ ଅସ୍ମିତାର ଛାପ ସାରା ଦେଶ ଓ ବିଶ୍ୱକୁ ପ୍ରଭାବିତ କରୁ, ନୂଆଁଖାଇର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଶ୍ୱରୀଙ୍କ ପାଖରେ ଏହା ହିଁ ପ୍ରାର୍ଥନା।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ଚିତ୍ରକଳା ଓ ଜନଜାତି କଳାକୃତି



ଡା.ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ। ପ୍ରାଗୈତିହାସିକ ଯୁଗରୁ ଅଲତାମୀରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲସ୍‌କସ୍ ଗହ୍ୱର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ। ଏଥିରୁ ପ୍ରମାଣିତ ହୁଏ ଯେ, ଗହ୍ୱର ମଧ୍ୟସ୍ଥିତ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି। ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସମ୍ମିଶ୍ରଣରେ ଯେଉଁ ଉନ୍ନତ ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ। ଭାରତୀୟ ଚିତ୍ରକଳାରେ ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ଗୁଣାତ୍ମକ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା। କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହାର ସୂଚନା ମିଳେ। ପ୍ରାଗୈତିହାସିକ ଯୁଗର କେତେକ ରେଖାଚିତ୍ରର ସନ୍ଧାନ ଭାରତରେ ମିଳିଛି। ଏଥିରେ ଆଦି ମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିକୁ ଆସେ। ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପୀ ଭାରତରେ ପ୍ରଚଳିତ ହୋଇ ଏକ ଉଚ୍ଚମାନର କଳା ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ, ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁଦୂର ପ୍ରସାରୀ। ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣ ଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ। ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନାଦିଏ। ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲାର ମାଣିକଯୋଡ଼ା, ଉଷାକୋଠି, କଳାହାଣ୍ଡି ଜିଲାର ଗୁଡ଼ାହାଣ୍ଡି ଓ ବିକ୍ରମ ଖୋଲ ଅନ୍ୟତମ। ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ। ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ପରିପ୍ରକାଶ।

ଶିଳ୍ପୀଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଶିଳ୍ପୀ ଓ ଭାସ୍କରମାନେ ଆଦିବାସୀ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି। ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଜୀବନରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି।

ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ



ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ପୂଜିତ। ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ବହୁ ଶତବର୍ଷ ଧରି ପ୍ରଚଳନ ହୋଇଆସୁଛି। ଚିତ୍ରକଳା ମାଧ୍ୟମରେ କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ଲାଗି ସେମାନେ ବିଶେଷ ଆଗ୍ରହ ଦେଖାଇଥାନ୍ତି। ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମକିଙ୍କର ବେଜ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି। ଠିକ୍ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ଶସ୍ୟ ଅମଳର ନୃତ୍ୟ' ଚିତ୍ରଟି ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ 'ନବ ବସନ୍ତ' ଜଳରଙ୍ଗର ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତଯୌବନା ପ୍ରସ୍ଫୁଟିତ ପୁଷ୍ପକୁ ନିଜ ଗଭାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ। ସେହିପର ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଦୁଇ ରୂପ ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜ୍ଜି ଯାଇଛନ୍ତି। ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକାରମାନେ ସେମାନଙ୍କ ନିହାଣ ମୁନ ଓ ତୁଳୀ ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡ. ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଅନେକ ସାଙ୍କେତିକଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କୋଲ୍‌କାତା ଏକାଡେମୀ ଅଫ୍ ଫାଇନ୍ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡେମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଦର୍ଶିତ ହୋଇଛି। ସେହିପରି ଗ୍ରାଫିକ ପ୍ରିଣ୍ଟସ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରିଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି। ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ସେହିପରି ଭୁବନେଶ୍ୱରଠାରେ ୱାର୍କିଂ ଆର୍ଟିଷ୍ଟସ୍ ଆସୋସିଏଶନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ନିର୍ଦ୍ଦିଷ୍ଟ ସମୟରେ ଅନୁଷ୍ଠିତ ହୋଇଥାଏ। ଜନଜାତି ଜୀବନର ଏହି ଅମୃତମୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନୋମୁଗ୍ଧକର କଳାକୃତି ଯୁଗେ ଯୁଗେ ସ୍ମରଣୀୟ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ମୋ: ୯୪୩୭୨୪୨୩୧୭**

## ଏଇ ଭାରତରେ

ମହାରାଷ୍ଟ୍ରର ଆଦିତ୍ୟ ପିଙ୍ଗଲେ ସ୍କ୍ରାପରୁ ନିର୍ମାଣ କରିଥିବା ରୋବୋ କୀଟନାଶକ ସ୍ପ୍ରେରେ ସାହାଯ୍ୟ କରୁଛି। ଏହା ୧୬ ଲିଟର କୀଟନାଶକ ଏକାଥରକେ ନେଇ ପାରୁଛି। ଏହା ହାଲୁକା ଓ ଶସ୍ତା । ନାସିକ ଜିଲା ଅୱାନଖେଡ ଗାଁରେ ରହନ୍ତି ଆଦିତ୍ୟ। ତାଙ୍କୁ ବୟସ ଏବେ ୧୭। ସେ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ରିଚାର୍ଜଯୋଗ୍ୟ ବ୍ୟାଟେରିରେ ଚାଲୁଛି । ଏହାକୁ ମୋବାଇଲ ଦ୍ୱାରା ନିୟନ୍ତ୍ରଣ କରାଯାଇପାରୁଛି । ଆଦିତ୍ୟ କୃଷକ ପରିବାରର ପିଲା ହୋଇଥିବାରୁ ସେ ଏଭଳି ଏକ ରୋବୋ ନିର୍ମାଣ କରିବାକୁ ଉତ୍ସାହୀ ହୋଇଥିଲେ। ପରେ ସେ ସାଲାମ ମୁମ୍ବାଇ ଫାଉଣ୍ଡେଶନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ସେ ସେଠାରେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବାକୁ ପାଇଥିଲେ। ରୋବୋ ନିର୍ମାଣରେ ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ ସହଯୋଗ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୭୬

- ଉତ୍ତର ପ୍ରଦେଶ ବିଧାନସଭାରେ ଲୋକପକ୍ଷ ବ୍ୟବସ୍ଥାପକ ଦଳର ମୁଖ୍ୟ ସଚେତକ ଅସରାର ଅହମ୍ମଦଙ୍କ ଭାରତୀୟ କ୍ରାନ୍ତି ଦଳର ସମସ୍ତ ପଦପଦବୀରୁ ଇସ୍ତଫା।
- କମ୍ପାନୀଠାରୁ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହେବା ପରେ ହଲାଣ୍ଡ ରାଜକୁମାର ବର୍ନାଡ ଲକହିଡ ସୈନ୍ୟବାହିନୀର ଇନ୍ସପେକ୍ଟର ଜେନେରାଲ ପଦବୀରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ ବଞ୍ଚିବଇଁ
ମରଣୁ ବଳି ପର
ଜୀବନର ଭାର ବହି ।
ମରିବି ଯେବେ ଆଗ କେସନ ମୁଁ ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଶଦିଗ । –(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | | 4 | | 6 |
| | 7 | | | 8 | | | | 2 |
| | | | | 7 | | | | |
| | 5 | 6 | | 1 | | | | |
| | 9 | | | | 6 | 2 | | |
| 8 | | | | 9 | | | 4 | |
| 3 | | | 5 | | | | 6 | 4 |
| | 6 | | | | 1 | | 3 | |
| 9 | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 9 | 4 | 5 | 6 | 3 | 7 |
| 9 | 3 | 7 | 2 | 1 | 6 | 5 | 8 | 4 |
| 5 | 4 | 6 | 3 | 8 | 7 | 9 | 1 | 2 |
| 2 | 9 | 5 | 4 | 6 | 3 | 8 | 7 | 1 |
| 8 | 7 | 1 | 5 | 2 | 9 | 3 | 4 | 6 |
| 3 | 6 | 4 | 8 | 7 | 1 | 2 | 5 | 9 |
| 7 | 8 | 9 | 1 | 5 | 2 | 4 | 6 | 3 |
| 4 | 1 | 2 | 6 | 3 | 8 | 7 | 9 | 5 |
| 6 | 5 | 3 | 7 | 9 | 4 | 1 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବୁଲାକୁକୁରଙ୍କ ସଂଖ୍ୟା ବଢୁଛି

ମହାଶୟ,

ଗାଁ କିମ୍ବା ସହର ଯେଉଁଠି ଦେଖିବ ବୁଲା କୁକୁରଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ଚାଲିଛି। କୁକୁରମାନଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ରାସ୍ତାରେ ଏମାନଙ୍କର ମେଳି ଓ ମିଳିତ ବିକଟାଳ ରଡ଼ି ଜନଜୀବନକୁ ଅତିଷ୍ଠ କଲାଣି। ବୁଲା କୁକୁରମାନେ ବହୁ ସମୟରେ ପଥଚାରୀମାନଙ୍କୁ ଆକ୍ରମଣ କରି ଗୁରୁତର କରିଦେଉଛନ୍ତି। ଫଳରେ ଲୋକମାନେ ରାସ୍ତାରେ ଯିବାକୁ ଭୟ କଲେଣି। ଏତେ କୁକୁର ବୁଲୁଛନ୍ତି ଯେ ମଣିଷମାନଙ୍କ ପକ୍ଷରେ ଏମାନଙ୍କୁ ଖାଇବାକୁ ଦେବା ସମ୍ଭବ ନୁହେଁ। କୁକୁରଙ୍କ ବନ୍ଧ୍ୟାକରଣ ନ ହେବା ଫଳରେ ଏମାନଙ୍କ ସଂଖ୍ୟା ଯେପରି ଭାବେ ବଢ଼ି ଚାଲିଛି ତାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦିଲ୍ଲୀର ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏ ବିଷୟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଓଡ଼ିଶା ସରକାର ରାଜ୍ୟର ସହରଗୁଡ଼ିକରେ ବୁଲୁଥିବା କୁକୁରଙ୍କ ପାଇଁ କି ପଦକ୍ଷେପ ଗ୍ରହଣ କରିବେ ତାହାକୁ ଅପେକ୍ଷା।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବାହାନଗା ଜଗେଶ୍ୱରପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂଜା ପାଉଥିବା ଗଣେଶ ।



ଖଇରାରେ ଲିଜେଣ୍ଡ ଲାୟନ୍ସ କ୍ଲବ ଦ୍ୱାରା ପ୍ରସ୍ତୁତ ୧୦ଫୁଟ ଉଚ୍ଚର ମେଢ ।



ରାଇବଣିଆ ଅଞ୍ଚଳର ଖୁଆଡ଼ ଗୋପବନ୍ଧୁ ୟୁଥ୍ କ୍ଲବ୍ ପକ୍ଷରୁ ବାଲ୍ ଗଣେଶ ।

# ଏଫ୍‌ଏମ୍‌ୟୁରେ ଗଣେଶଙ୍କୁ ଆରାଧନା

**ବାଲେଶ୍ୱର,୨୭।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୁଧବାର ଶ୍ରୀଗଣେଶଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ବିଦ୍ୟା ଓ ବୁଦ୍ଧିଦାତା ବିଘ୍ନବିନାଶକ ଶ୍ରୀବିନାୟକଙ୍କ ପୂଜାର୍ଚ୍ଚନା ଯଥାବିଧି ସମ୍ପନ୍ନ ହୋଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ଲମ୍ବୋଦରଙ୍କ ଶିଳାମୂର୍ତ୍ତିକୁ ପୁଷ୍ପ, ପତାକା ଓ ଆଲୋକ ସଜାଣିରେ ସୁନ୍ଦର ଭାବେ ଅଲଙ୍କୃତ କରାଯାଇଥିଲା । ବୈଦିକ ମନ୍ତ୍ରପାଠ, ହୋମ-ଯଜ୍ଞ ଓ ପରମ୍ପରାଗତ ରୀତିନୀତି ଅନୁଯାୟୀ ସମଗ୍ର ପୂଜାକର୍ମ ସମ୍ପାଦିତ ହୋଇଥିଲା । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅଧ୍ୟାପିକାଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ଆଶିଷ ଲଭିଥିଲେ ।

ଚଳିତବର୍ଷର ପୂଜାର ମୁଖ୍ୟ ଆକର୍ଷଣ ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାପିତ ମୃଣ୍ମୟ ଓ ପରିବେଶ-ମିତ୍ର ଶିଳାମୂର୍ତ୍ତି କରାଯାଇଥିଲା । ସେଥିପାଇଁ, କେମିକାଲ୍ ରଙ୍ଗ ଓ ପରିବେଶକୁ ପ୍ରଦୂଷିତ କରୁଥିବା ପଦାର୍ଥରେ ନିର୍ମିତ ପ୍ରତିମା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରି ପରିବେଶ-ସଚେତନ ବିଶେଷତ୍ୱ ସହ ପର୍ବପାଳନର ନୂତନ ଚିନ୍ତନ ସୃଷ୍ଟି କରାଯାଇଥିଲା ।



ଏଫ୍‌ଏମ୍‌ୟୁରେ ଗଣେଶଙ୍କୁ ପୂଜା କରାଯାଉଛି ।

# ୧୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇଲେ ଗଣେଶ

### କ୍ଲବ ଆଟ୍ରାକ୍ସନର ନୂତନ ଚିନ୍ତାଧାରା: 'ଆମ ଭାଷା, ଆମ ସଂସ୍କୃତି'

**ବାଲେଶ୍ୱର, ୨୭।୮(ବାଞ୍ଛାନିଧି ଦେ)**




ବାଲେଶ୍ୱର ସହରରେ ବୁଧବାର ଅଗ୍ରପୂଜ୍ୟ ଗଣପତି ଦେବଙ୍କ ପୂଜାର୍ଚ୍ଚନା ୧୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମହାଆଡ଼ମ୍ବରରେ ପାଳିତ ହୋଇଛି । ଫକୀରମୋହନ ଗୋଲେଇଠାରେ ଲରି କ୍ଲବ ପକ୍ଷରୁ ୩୫ତମ ବାର୍ଷିକ ପୂଜା ପାଳନ କରାଯାଉଥିବା ବେଳେ ଫାଣ୍ଡି ଛକ, ଷ୍ଟେଶନ, ପୋଲିସ ଲାଇନ୍, ଆଇଟିଆଇ, ପଟୁଆଁପଦା, ଆଜିମାବାଦ, ଗଡ଼ଗଡ଼ିଆ, ହେମକାପଦା, ମୋତିଗଞ୍ଜ ବଜାର, ସିନେମା ଛକ, ଟାଉନହଲ୍, ସୁଏଲପୁର, ମାଣିଖମ୍ବ, ଗୋପାଳଗାଁ, ରାଣୀପାଟଣା, ନୂଆବଜାର, କଚେରୀ ରୋଡ୍ ଆଦି ସ୍ଥାନରେ ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି । ବିଶେଷ କରି କନଭେଣ୍ଟ ସ୍କୁଲ ରାସ୍ତାରେ ୨୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ତୋରଣ ସହ ଆକର୍ଷଣୀୟ ମୂର୍ତ୍ତି ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା ।

ଅପରପକ୍ଷରେ ପୁରୁଣା ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଆଟ୍ରାକ୍ସନ୍ କ୍ଲବ ପକ୍ଷରୁ ନିଆରା ଢଙ୍ଗରେ ନୂତନ ଚିନ୍ତାଧାରା ନେଇ ଆକର୍ଷଣୀୟ ପୂଜା ମଣ୍ଡପ ଓ ତୋରଣ ନିର୍ମାଣ ହୋଇଛି । ଭକ୍ତ, ଶ୍ରଦ୍ଧାଳୁ ଓ ଓଡ଼ିଆ ଭାଷାପ୍ରେମୀଙ୍କୁ ଏହା ଆକର୍ଷଣ କରୁଥିବା ପରିଲକ୍ଷିତ ହୋଇଛି । ଓଡ଼ିଆ ଭାଷାକୁ ଓଡ଼ିଶାର ଓଡ଼ିଆ ପିଲା ଏବେ ପାଶୋରି ଯାଉଥିବା ବେଳେ କ୍ଲବ ଆଟ୍ରାକ୍ସନ ଓଡ଼ିଆ ଭାଷା, ଓଡ଼ିଆ ଭାଷାର ମହାରଥୀ, ଭାଷା ଆନ୍ଦୋଳନର ଧ୍ୱଜାଧାରୀମାନଙ୍କ ପ୍ରତିଛବି ମଣ୍ଡପରେ ସ୍ଥାନିତ କରିବା ସହ ସେମାନଙ୍କର କବିତାର ପଂକ୍ତିକୁ ଉଲ୍ଲେଖ କରାଯାଇଛି । ଯାହାକୁ ଶ୍ରଦ୍ଧାଳୁମାନେ ଛିଡ଼ା ହୋଇ ଅପଲକ ନୟନରେ ପଢୁଥିବା ଲକ୍ଷ୍ୟ କରାଯାଇଛି । ଏଥିସହିତ ମଧୁସୂଦନ ରାଓଙ୍କ ରଚିତ ଛବିଳ ମଧୁ ବର୍ଣ୍ଣବୋଧର ଓଡ଼ିଆ ଅକ୍ଷର 'ଅ ଠାରୁ ଆରମ୍ଭ କରି କ୍ଷ' ପର୍ଯ୍ୟନ୍ତ ସମସ୍ତ ଅକ୍ଷରକୁ ତୋରଣରେ ଉଲ୍ଲେଖ କରାଯାଇଛି । ଯାହାକି ଓଡ଼ିଆ ଭାଷାପ୍ରେମୀମାନଙ୍କର ପିଲା ବେଳର ଚାଟଶାଳୀ ପାଠପଢ଼ା ଜୀବନକୁ ସ୍ମୃତିପଟରେ ମନେ ପକାଇ ଅମୋଦିତ ହେଉଥିବା ଲକ୍ଷ୍ୟ କରାଯାଇଛି । କ୍ଲବର ଉପଦେଷ୍ଟା ରିତିକ ଜୀ, ସଭାପତି ସିଦ୍ଧାନ୍ତ ମହାନ୍ତି, ସମ୍ପାଦକ ବିଶ୍ୱଜିତ ବେହେରାଙ୍କ କହିବା ଅନୁଯାୟୀ ୧୬ବର୍ଷରେ କ୍ଲବର ପୂଜା ପଦାର୍ପଣ କରିଛି । ଚଳିତବର୍ଷ ସମାଜକୁ ବାର୍ତ୍ତା ଦେବା ଏବଂ ଓଡ଼ିଆ ଭାଷାକୁ ଉଦ୍‌ଜୀବିତ କରିବା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି ।

# ଆସିପାରିଲାନି ମୂର୍ତ୍ତି, ବିଧିରେ ସମ୍ପନ୍ନ ହେଲା



ବିଘ୍ନେଶ୍ୱରଙ୍କୁ ନୌକାରେ ନିଆଯାଉଛି ।



ପାଣିଘେରରେ ବିଷ୍ଣୁପୁର ବିଦ୍ୟାଳୟ ।

**କାଳିପଦା, ୨୭।୮(ରାଜଶ୍ରୀ ପାଣିଗ୍ରାହୀ)**

ବିଘ୍ନେଶ୍ୱରଙ୍କ ପୂଜା ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ଯୋଗୁ ବାଲିଆପାଳ ବ୍ଲକର ଏକାଧିକ ବିଦ୍ୟାଳୟରେ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଠିକ୍ ଭାବେ ହୋଇପାରିନାହିଁ । କେଉଁଠି ବିଦ୍ୟାଳୟ ପରିସରରେ ୨ରୁ ୩ ଫୁଟ ବନ୍ୟା ପାଣି ଅଛି ତ କେଉଁଠି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ୧୦ଫୁଟ୍‌ରୁ ଅଧିକ ବନ୍ୟା ପାଣିଘେରରେ ରହିଛି । କିଛି ବିଦ୍ୟାଳୟର ଶିକ୍ଷକମାନେ ପାୱାର ବୋଟ୍ ସାହାଯ୍ୟରେ ବିଦ୍ୟାଳୟକୁ ଯାଇ ବିଧି ରକ୍ଷା କରିବା ପାଇଁ ଘଟଓ୍ୱୋଳନ କରି ପୂଜାର୍ଚ୍ଚନା କରିଥିବା ସୂଚନା ମିଳିଛି । ବର୍ଷକୁ ଥରେ ବିଦ୍ୟାଳୟ, ଏବଂ ବିଭିନ୍ନ ଅନୁଷ୍ଠାନରେ ବହୁ ଧୁମ୍‌ଧାମ୍‌ରେ ପାଳନ କରାଯାଏ ଗଣେଶଙ୍କ ପୂଜା । ଭୋଜି ଖାଇବା ଦୂରର କଥା ବିଦ୍ୟାଳୟକୁ ମଧ ଯାଇ ନ ପାରି ନିରାଶ ହୋଇଛନ୍ତି ଛାତ୍ରୀଛାତ୍ର । ବ୍ଲକର ସୁଙ୍ଗମୁହଁ, ବିଷ୍ଣୁପୁର, ରସଲପୁର, ଇକଡ଼ପାଳ, କୁହ୍ଲାଚଢ଼, ଲଖପାଳ, ରାଉତୁରାପୁର, ପାଳଚମ୍ପେଇ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତିରେ ଘଟଓ୍ୱୋଳନ କରି ବିଧି ରକ୍ଷା କରିବା ପାଇଁ ପୂଜା ହୋଇଥିବା ସୂଚନା ମିଳିଛି । କିଛି ବିଦ୍ୟାଳୟରେ ଯନ୍ତ୍ର ଚାଳିତ ବୋଟ୍ ବା ଡଙ୍ଗାରେ ବିଘ୍ନେଶ୍ୱରଙ୍କୁ ନେବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସୁବର୍ଣ୍ଣରେଖା ବନ୍ୟା ଛାତ୍ରୀଛାତ୍ରୀଙ୍କ ମୁହଁରୁ ହସ ଛଡାଇନେଇଛି ।

# ସରଶଂଖ ଶ୍ରୀ ହନୁମାନଙ୍କ ବାର୍ଷିକ ଉତ୍ସବ

**ସୋର, ୨୭।୮(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ସରଶଂଖ ଶ୍ରୀ ହନୁମାନଙ୍କର ଷଷ୍ଠ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୋମବାର ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ସକାଳେ କଳସ ଶୋଭାଯାତ୍ରା ଏବଂ ସଂକଳ୍ପ ଅନୁଷ୍ଠିତ ହୋଇଥିଲା । ଏହାପରେ ବାସ୍ତୁ ପୂଜା, ଗଣପତି ପୂଜା, ସୂର୍ଯ୍ୟପୂଜା, ବିଷ୍ଣୁ ପୂଜା, ବିଗ୍ରହ ସ୍ନାନ ଏବଂ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ଭାବେ ସୁଶାନ୍ତ କୁମାର ମିଶ୍ର, ବିଗ୍ରହ ପୂଜକ ଭାଗୀରଥି ମିଶ୍ର, ପୁସ୍ତକାଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଓ ନଟବର ମିଶ୍ର, ନୀତି ପୂଜକ ନବକିଶୋର ମିଶ୍ର ଓ ଚନ୍ଦ୍ରଶେଖର ପାଢୀ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା ।

# ବ୍ଲାଷ୍ଟିଂ ପଥର ନିଲାମ କଲେ ଏସ୍‌ଡିପିଓ

**ଖଇରା, ୨୭।୮(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ବଗେଇପୁର ମୌଜାର ୫୦ନମ୍ବର ପାଖ ଖଣିରେ ମଙ୍ଗଳବାର ରାତିରେ ବେଆଇନ ବ୍ଲାଷ୍ଟିଂ ସମ୍ପର୍କରେ ଖବରପାଇ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଖଣି ଅଧିକାରୀଙ୍କ ସହ ଖଣିରେ ପହଞ୍ଚି ଚଢାଉ କରିବା ସହ ଜବତ ପଥର ନିଲାମ କରିଛନ୍ତି । ଏହି ନିଲାମରେ ୫ଜଣ ଅଂଶ କରିଥିବା ବେଳେ ଡଗରପଡା ଗ୍ରାମର ଜନାର୍ଦ୍ଦନ ଦାସ ୩ଲକ୍ଷ ୨୪ହଜାର ୩୬୦ଟଙ୍କାରେ ଏହି ଜବତ ପଥର ନିଲାମ ନେଇଛନ୍ତି । ସେହିଭଳି ୪୮ନମ୍ବର ଖଣିରେ ବ୍ଲାଷ୍ଟିଂ ପାଇଁ ବିଛାଯାଇଥିବା ତାରକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ଚଢାଉରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ପର୍ଶୁରାମ ଜେନା, ନୀଳଗିରି ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଓ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ପ୍ରମୁଖ ସାମିଲ ଥିଲେ ।

# ଦେଢ଼ବର୍ଷର ଶିଶୁ ନିଖୋଜ, ଖୋଜୁଛି ଅଗ୍ନିଶମ ବିଭାଗ

**ବସ୍ତା(ହରିଶଙ୍କର ପାଢ଼ି)/ଗାନ୍ଧୀଛକ (ଦିଲୀପ ପଣ୍ଡା), ୨୭।୮**

ପ୍ରଖର ସ୍ରୋତରେ ଭାସିଯାଇ ଦେଢ଼ବର୍ଷର ଶିଶୁ ନିଖୋଜ ହୋଇଯାଇଛନ୍ତି । ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି ଜାରି ରହିଛି । ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ଥାନା ଦୁନ୍ଦ ନିକଟସ୍ଥ ଡୁବଡୁବି ନଦୀରେ ।

ସୂଚନା ଅନୁଯାୟୀ, ବସ୍ତା ଥାନା ଦରଡ଼ା ଗ୍ରାମର ପପୁ ସୋରେନ ତାଙ୍କ ଦେଢ଼ବର୍ଷର ଝିଅକୁ ନେଇ ପରିବାର ସହିତ ଦୁନ୍ଦ ଗ୍ରାମର ବନ୍ଧୁ ଘରକୁ ବୁଲିବା ପାଇଁ ଯାଇଥିଲେ । ନଦୀ ପାର୍ଶ୍ୱରେ ପିଲାଟି ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ନଦୀରେ ପଡ଼ିଯାଇ ନିଖୋଜ ହୋଇଯାଇଛି । ଖବର ପାଇ ବସ୍ତା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରୁଛି । ବର୍ତ୍ତମାନ ସୁଦ୍ଧା ପିଲାଟିର କୌଣସି ସନ୍ଧାନ ମିଳି ପାରିନାହିଁ ।

# 'ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

## ୧ ଟଙ୍କାରେ ପେଟପୂରା ମଧ୍ୟାହ୍ନଭୋଜନ



ଅତିଥିମାନେ ଖାଦ୍ୟ ପରିବେଷଣ କରୁଛନ୍ତି ।

**ବାଲେଶ୍ୱର,୨୭।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଯୁବଶକ୍ତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମିଶନ ପଡ଼ିଆ ପରିସରରେ 'ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରାଯାଇଛି । ପ୍ରତି ମାସ ଶେଷ ସୋମବାର ୧ ଟଙ୍କାରେ ପେଟ ପୂରା ମଧ୍ୟାହ୍ନଭୋଜନ ଦିଆଯିବ ଯୁବଶକ୍ତି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ସରକାରୀ ଉପ-ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଯୁବନେତା ବିକ୍ରମ ପଣ୍ଡା ଓ ସରୋଜ ଲେଙ୍କା ପ୍ରମୁଖ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ ।

୧ଟଙ୍କା ମୂଲ୍ୟରେ ମଧ୍ୟାହ୍ନଭୋଜନ ଖାଇବା ପାଇଁ ବହୁ ମହିଳାପୁରୁଷ, ଯୁବତୀଯୁବକ, ଗରିବ ଖଟିଖିଆ, ସାଧାରଣ ଲୋକେ ସାମିଲ ହୋଇଥିଲେ । ଯୁବଶକ୍ତି ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଓ ବିଭିନ୍ନ ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଛି । ମାନବ ଓ ପଶୁପକ୍ଷୀଙ୍କ ସେବା ପାଇଁ ଏହି ନୂତନ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି । ଏହି ୧ଟଙ୍କା ଗାଈଗୋରୁ, ପଶୁପକ୍ଷୀଙ୍କ ସେବାରେ ବ୍ୟୟ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି । ସଙ୍ଗଠନ ସଭାପତି ତପନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ବରିଷ୍ଠ ଖବରଦାତା ଅମୀୟ ମହାନ୍ତି, ଆଶ୍ରିତା ତରାଇ ଓ କର୍ମକର୍ତ୍ତା ଖାଦ୍ୟ ପରିବେଷଣ କରିଥିଲେ । ସଦସ୍ୟ କିରଣ କୁମାର ଦାସ, ସୁବାସ ଚନ୍ଦ୍ର ସୂତାର, ରଣଜିତ ଦାସ, ସୁଜିତ ତରାଇ, ଦେବାଶିଷ ମହାପାତ୍ର, ଆନନ୍ଦ ବେହେରା, ବଳରାମ ସାହୁ, କ୍ଷୀରୋଦ ଦାସ, କୌଶିକ ପଟ୍ଟନାୟକ, ଆଶିଷ ପର୍ଥୀ, ରାଜକୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଚାଷ ଜମି ଉପରେ ୭/୮ ଫୁଟ୍ ବନ୍ୟାଜଳ

**ବାଲିଆପାଳ, ୨୭।୮(ଗୋପାଳ ଚନ୍ଦ୍ର ସାହୁ)**

## ସୁବର୍ଣ୍ଣରେଖାର ବନ୍ୟା



ବନ୍ୟାପାଣି ଘେରରେ ଚାଷ ଜମି ।

ସୁବର୍ଣ୍ଣରେଖା ନଦୀରେ ଜୁନ୍ ୨୦ ତାରିଖଠାରୁ ଅଗଷ୍ଟ ୨୪ ମଧ୍ୟରେ ପର୍ଯ୍ୟାୟକ୍ରମେ ୬ ଥର ବନ୍ୟା ଆସିଛି । ପୂର୍ବ ବନ୍ୟାଗୁଡ଼ିକରେ ପନିପରିବା ଚାଷ ସହିତ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ସହିତ ଧାନ ତଳି ନଷ୍ଟ ହୋଇଥିଲା । ପଞ୍ଚମ ବନ୍ୟା ଛାଡ଼ିବା ପରେ ଚାଷୀ ଧାନ ଚାଷ ପାଇଁ ତଳି ସଂଗ୍ରହ କରି ତଳି ରୁଆ କାମ ସାରିଦେଇଥିଲେ । ହେଲେ ଷଷ୍ଠ ବନ୍ୟା ଗତ ୨୪ ତାରିଖରେ ଆସି ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୩୦ରୁ ଅଧିକ ଗାଁର ଧାନ ଚାଷକୁ ବନ୍ୟା ପାଣି ମାଡ଼ି ରହିଥିବାରୁ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି । ଯଦିବା ରାଜଘାଟଠାରେ ବନ୍ୟାପାଣି ବିପଦ ସଂକେତ ତଳେ ପ୍ରବାହିତ ହେଉଛି, ବାଲିଆପାଳ ଅଞ୍ଚଳରୁ ପାଣି ସମ୍ପୂର୍ଣ୍ଣ ଭାବେ ନିଷ୍କାସନ ହେବାକୁ ଆହୁରି ୪/୫ଦିନ ଲାଗିବ । ଧାନ ବିଲରେ ୭/୮ଦିନ ବନ୍ୟାପାଣି ଜମି ରହିଲେ ଧାନ ଗଛ ପଚି ନଷ୍ଟ ହୋଇଯିବ । ବାଲିଆପାଳ ବ୍ଲକର ଚୌଧୁରୀକୁଦ, ଚରବସ୍ତ କାଳରୁଇ, କୁହ୍ଲାଚଢ଼, ତାଳପଦା, ଜାମକୁଣ୍ଡା, କାଳରୁଇ, ନଖପାଳ, ତଳବାଲିଆପାଳ, ଆଠବାଟିଆ, ଗୁନାପୁର, କୁଦମାନସିଂହ, ଚଡ଼ପାଳପଡ଼ା, ଝଲଝଲିଆ, ଗୁଆପଡ଼ା, ନୂଆସାହି ଓ ରାଇଢ଼େଙ୍କ ଆଦି ଗ୍ରାମରେ ହୋଇଥିବା ଧାନ ଚାଷ ସମୂଳେ ନଷ୍ଟ ହୋଇଯିବ । ବାଲିଆପାଳ ପଞ୍ଚାୟତର ତଳ ବାଲିଆପାଳର ଚାଷୀ ଧନଞ୍ଜୟ ସାହୁ କହନ୍ତି ଗୋଟିଏ ବନ୍ୟା ପରେ ଚାଷୀମାନେ ଟିକିଏ ସଳଖି ଉଠିବା ବେଳକୁ ଆଉ ଗୋଟିଏ ବନ୍ୟା ଆସିଗଲାଣି । ବାରମ୍ବାର ବନ୍ୟା ଆସିବା ଫଳରେ ପନିପରିବା ସହିତ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା । ଏବେ ଧାନ ଚାଷ ନଷ୍ଟ ହେଲା । ଚାଷୀ ପାଖରେ ଆଉ ସମ୍ବଳ ନାହିଁ ଚାଷ କରିବା ପାଇଁ । କେବଳ ସରକାରୀ ସାହାଯ୍ୟକୁ ହିଁ ଭରସା ।

# ବନ୍ୟା ପାଣିରେ ବୁଡ଼ିଯାଇ ପୁଣି ଜଣେ ବୃଦ୍ଧ ମୃତ

**ଭୋଗରାଇ, ୨୭।୮(ପ୍ରଦୀପ ଦାସ)**

ଚଳିତ ଋତୁରେ ସୁବର୍ଣ୍ଣରେଖା ୪ଜଣଙ୍କର ଜୀବନ ନେଲାଣି । ଏହି ନଦୀର ପ୍ରଥମ ବନ୍ୟାରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଜଣେ ଯୁବକଙ୍କ ପ୍ରାଣଯାଇଥିବା ବେଳେ ଭୋଗରାଇ ବ୍ଲକରେ ୩ଜଣଙ୍କର ଜୀବନ ଗଲାଣି । ୩ ଜଣ ଯୁବକ ଥିବାବେଳେ ଅନ୍ୟ ଜଣେ ବୃଦ୍ଧ । ମଙ୍ଗଳବାର ସକାଳେ ଭୋଗରାଇ ବ୍ଲକ ନଦୀକୂଳିଆ ଗାଁ ଅଉଙ୍ଗପନ୍ତେଇ ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଓଡ୍ରାଫ ଟିମ୍ ଉଦ୍ଧାର କରିଥିବା ବେଳେ ଉକ୍ତ ଗ୍ରାମର ବୈକୁଣ୍ଠ ମାଝି (୭୬) ମଧ୍ୟ ରାତ୍ରିରେ ଘର ଲୋକେ ପାଣିରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱରପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ।

# ପାଣିଘେରରେ ଅନେକ ଗାଁ

ଭୋଗରାଇ, ୨୭।୮(ପ୍ରଦୀପ ଦାସ): ଭୋଗରାଇ ବ୍ଲକର ଅନେକ ଗାଁ ଏବେ ବି ପାଣିଘେରରେ ରହିଛି । ଅଦ୍ୟାବଧି ତୁହାକୁ ତୁହା ବର୍ଷା ବିପନ୍ନ ଦୁଃଖକୁ ଦିଗୁଣିତ କରିଛି । ଭୋଗରାଇ ବ୍ଲକର ମନୁନଗର, କୁହ୍ଲା, ଖଳାବାଡିଆ, ବାଉଁଶଖଣା, ନାନକାର, ଗବଗା, ଚିରକୁଳା, ନୀଳପୁରା, କଟିସାହି, ଚକ ପାରୁଳିଆ, ଦକ୍ଷିଣ ନାଡ଼ବଣୀ, କୁଳିଦା, ମଧୁପୁର, ରାମଚନ୍ଦ୍ରପୁର, ମାହାଦିଆ ଆଦି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବାବେଳେ ୨ମାସ ଧରି ଜଳଯନ୍ତ୍ରଣାରେ ବିପନ୍ନମାନଙ୍କ ଅବସ୍ଥା ଶୋଚନୀୟ ହୋଇଛି । ବନ୍ୟାରେ ହଜାରହଜାର ଧାନ ଓ ପନିପରିବା ଚାଷ ଜମି ଉଜୁଡିଯାଇଛି । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟକ ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନମାନଙ୍କୁ ୭ ଦିନର ରିଲିଫ ଚାଉଳ ଯୋଗାଇ ଦେବା ସହ କୃଷି ଋଣ ଛାଡ଼, ଛାତ୍ରୀଛାତ୍ରଙ୍କ ଫି' ଛାଡ ଦାବି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସଚିବ, କୃଷି ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି ।



## ସଂକ୍ଷେପରେ

### ଅଟୋ-ବାଇକ୍ ଧକ୍କା, ଯୁବକ ମୃତ

ତିହିଡ଼ି,୨୭।୮ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର କୋଚ୍ଛ ହାଇସ୍କୁଲ ଛକଠାରୁ କିଛି ଦୂରରେ ବୁଧବାର ଅପରାହ୍ନରେ ଏକ ଅଟୋ ସହ ବାଇକ୍ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧୁଷୁରୀ ଥାନା ଅଧୀନ ନେଙ୍ଗରା ଗ୍ରାମର ଅଲେଖ ମଲିକ(୨୫)। ଅଲେଖ ଅନ୍ୟ ଜଣେ ଯୁବକଙ୍କୁ ବାଇକରେ ବସାଇ ଚାନ୍ଦବାଲିରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ (ଓଡି ୨୨ ଏଚ୍/୩୮୧୮) ସହ ଧକ୍କା ହୋଇଥିଲା। ତିହିଡ଼ି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଟୋକୁ ଜବତ କରିଛି।

### କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଚାନ୍ଦବାଲି,୨୭।୮(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ଜଗେଶ୍ୱରପୁର ପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଚତୁର୍ଭୁଜ ରାଉତଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର, ବ୍ଲକ ସଭାପତି ବିଲୋଚନ ପଣ୍ଡା, ରାଜ୍ୟ ସମ୍ପାଦକ ମନୋଜ ବିଶ୍ୱାଳ, ବରିଷ୍ଠ ନେତା ଦିଗମ୍ବର ଦାସ, ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜଗେଶ୍ୱରପୁର ପଞ୍ଚାୟତର ନୂତନ କଂଗ୍ରେସ କମିଟି ସଭାପତି ଭାବେ ହିମାଂଶୁ ଶେଖର ନାୟକ ଓ ଯୁବ ସଭାପତି ଭାବେ ରତିକାନ୍ତ ପାତ୍ରଙ୍କୁ ଚୟନ କରାଯାଇଥିଲା। ମିଶ୍ରଣ ପର୍ବରେ ଅନ୍ୟ ଦଳ ଛାଡ଼ି ପ୍ରାୟ ୩୦ ପରିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ନିର୍ବାଚନମଣ୍ଡଳୀ ଯୁବ ସଭାପତି ସଙ୍ଗ୍ରାମ କୁମାର ବିଶ୍ୱାଳ, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଆଶିଷ ମାହୁର, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଭଳ, ଶୁଭାଶିଷ ମଲ୍ଲିକ, ସମବାୟ ସଭାପତି ସୁଦର୍ଶନ ମାହୁର, ନାରାୟଣ ସୁଲୋଚନା ନାୟକ, ରମେଶ ନାୟକ, ମଦନମୋହନ ମାହୁର, ନିରଞ୍ଜନ ପାତ୍ର, ଅଭୟ ସାହୁ, ଜିତେନ୍ଦ୍ର ଜେନା, ଜୟନ୍ତ ଭୋଇ, ବୁଦ୍ଧିରାମ ବାରିକ, ରୁନି ପଲାଇ, ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ନିଲମ୍ବିତ ସମ୍ପାଦକଙ୍କ ବିରୋଧରେ ଥାନାରେ ଅଭିଯୋଗ

ଭଣ୍ଡାରିପୋଖରୀ,୨୭।୮(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ଉଦ୍ଦେଶ୍ୟମୂଳକ ଭାବେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସମିତିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ଲେଜର ଓ ଅନ୍ୟାନ୍ୟ କାଗଜପତ୍ର ନିଜ ହେପାଜତରେ ରଖି ସେ ଜାଣିଶୁଣି ସମିତିକୁ ଅଚଳ କରୁଥିବା ପରିଚାଳନା ପରିଷଦ ସଭାପତି ଅବିନାଶ ରାଉତ ଓ ସଦସ୍ୟମାନେ ମଙ୍ଗଳବାର ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ନିଲମ୍ବିତ ହେବା ପରେ ସେ କାର୍ଯ୍ୟାଳୟରେ ଯୋଗଦାନ କରୁନାହାନ୍ତି କି ସମିତି ପରିଚାଳନାରେ ସହଯୋଗ କରୁନାହାନ୍ତି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରାଯାଇଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

# ବୁଢ଼ା, ଟୋକା, ପିଲା ଗଣେଶ ମୁଖ୍ୟ ଆକର୍ଷଣ


ବୁଢ଼ା ଗଣେଶ।


ଟୋକା ଗଣେଶ।


ପିଲା ଗଣେଶ।

ଭଦ୍ରକ,୨୭।୮(ସନାତନ ରାଉତ/ରବିନାରାୟଣ ଖୁଲାର)

ଭଦ୍ରକ ଜିଲାର ବିଭିନ୍ନ ମଣ୍ଡପରେ ବୁଧବାର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଧୁମଧାମରେ ପାଳନ କରାଯାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ଯୁବକ ସଂଘରେ ପୂଜା ଅନୁଷ୍ଠିତ ହୋଇଛି। ଭଦ୍ରକ ସହରର ପୁରୁଣାବଜାରରେ ବୁଢ଼ା ଓ ଟୋକା ଗଣେଶ, ଜୁଆଁସରେ ପିଲା, ଛୁଆ ଓ କାଞ୍ଚନ ଗଣେଶ ମୁଖ୍ୟ ଆକର୍ଷଣ ସାଜିଛି। ବୁଢ଼ା ଓ ଟୋକା ଗଣେଶ କମିଟି ପକ୍ଷରୁ ଢୋଲ, ମାଦଳ ବାଜା ସହ ଶୋଭାଯାତ୍ରାରେ ଅପରାହ୍ନ ୨ଟାରେ ନିକଟସ୍ଥ ସାଳନ୍ଦୀ ନଦୀଘାଟରୁ ଘଟୋତ୍ତୋଳନ କରାଯାଇ ପୂଜା ଆରମ୍ଭ ହୋଇଛି। ଷୋଡ଼ଶ ଉପଚାର ପୂଜା ପରେ ପୁଷ୍ପାଞ୍ଜଳି ଦିଆଯାଇଥିଲା। ଏହି ପୂଜା ଏକ ମାସ ଧରି ଚାଲିବାକୁ ଥିବାବେଳେ ସୁନ୍ଦର ସାଜସଜ୍ଜା ବେଶ୍ ଆକର୍ଷଣୀୟ ହୋଇଛି। ବୁଢ଼ାଗଣେଶ କମିଟି ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ଉପଦେଷ୍ଟା ବିଦ୍ୟାଧର ସାହୁ ଓ ସହସମ୍ପାଦକ ପର୍ଶୁନାଥ ସାହୁ ପୂଜାର ନେତୃତ୍ୱ ନେଉଛନ୍ତି। ସେହିପରି ଟୋକା ଗଣେଶ ପୂଜା କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପୂଜା ପରିଚାଳନା କରିଛନ୍ତି। ଛୁଆ ଗଣେଶ ପୂଜା କମିଟି ସଭାପତି ଅମିତ ମୁଖି, ସମ୍ପାଦକ ଚନ୍ଦନ ଦାସ, ଉପଦେଷ୍ଟା ଅଭୀଷ କୁମାର ବେହେରା, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ନେତୃତ୍ୱ ନେଉଛନ୍ତି। ପିଲା ଗଣେଶ ପୂଜା କମିଟି ସଭାପତି ସଞ୍ଜୀବ ଦାଶ, ସମ୍ପାଦକ ପ୍ରଭାତ ମହାନ୍ତିଙ୍କ ସମେତ ସଭ୍ୟମାନେ


### ସବୁଠି ପୂଜା ପାଇଲେ ଗଜାନନ

ପୂଜା ପରିଚାଳନା କରୁଛନ୍ତି। ସେହିପରି ବାବା ଗଜାନନ ପୂଜା କମିଟିକୁ ଚଳିତବର୍ଷ ପ୍ରଥମକରି ଜିଲା ପ୍ରଶାସନ ମାସେ ପୂଜା କରିବା ପାଇଁ ଅନୁମତି ଦେଇଛି। ଏଥିପାଇଁ କମିଟି ସଭାପତି ସନିଆ ନାୟକ, ସମ୍ପାଦକ ଶିବା ନାୟକଙ୍କ ସମେତ ମାର୍ଗଦର୍ଶକ ଓ କର୍ମକର୍ତ୍ତା ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶରେ ବିଭିନ୍ନ ପୂଜା ମଣ୍ଡପ ଓ ଛକରେ ସଶସ୍ତ୍ର ପୋଲିସ ମୁତୟନ ରହିଛନ୍ତି। ସେହିପରି ଭଦ୍ରକ ମୁଖ୍ୟ ଡାକଘର ପରିସର, ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ବାସଭବନ, ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସିଦ୍ଧିବିନାୟକ ମନ୍ଦିର, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସର, କଲେଜ ଛକ ଟ୍ରାଫିକ ଆଦି ବିଭିନ୍ନ ସ୍ଥାନରେ ବହୁ ଆଡ଼ମ୍ବରରେ ପୂଜା ପାଳନ ହେଉଛି।

# ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟଙ୍କ ଆରାଧନା

ଧୁଷୁରୀ,୨୭।୮(ଦୀପ୍ତିରଞ୍ଜନ ନାୟକ)

ଧାମନଗର ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଅଗ୍ରପୂଜ୍ୟ ପ୍ରଭୁ ବିଘ୍ନବିନାଶକଙ୍କ ଆରାଧନା କରାଯାଇଛି। ଧାମନଗର ବ୍ଲକର ଧୁଷୁରୀ, ପଙ୍ଗଟା, ପତ୍ରିସାହି, ବ୍ରାହ୍ମଣପାଳ, ନଦୀଗାଁ, ଫଳପୁର, କୋଠାର, ଅସୁରାଳି, ସାଆଁଳପୁର, ବେତାଳିଗାଁ, ପାଳସାହି, କୁଳସାହି, ଗଡଗଡି, ସାହୁସାହି ଆଦି ସ୍ଥାନରେ ସମସ୍ତ ସ୍କୁଲ, କଲେଜ, ଘରୋଇ ଶିକ୍ଷାନୁଷ୍ଠାନ ଓ କ୍ଲବ୍‌ରେ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ଚାନ୍ଦବାଲି ବ୍ଲକର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଦୋହରାପାଟଣା, ଭୂଇଁପୁର, ପହଣା, ସାଠିବାଙ୍କୁଡ଼ା, ବୋଡ଼କ ଆଦି ସ୍ଥାନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କ୍ଲବ୍‌ରେ ପ୍ରଭୁ ଗଜାନନଙ୍କୁ ପୂଜା କରାଯାଇଛି। ବଡ଼ଓଲଗ ଗ୍ରାମର ରବୀନ୍ଦ୍ର ନାୟକ, ସାନଓଲଗର ରବୀନ୍ଦ୍ର ପରିଡ଼ା, ବୋଡ଼କର ନିରଞ୍ଜନ ନାୟକଙ୍କ ଅନୁଷ୍ଠାନ ଓ କୁଳେଇପଦା ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଇଛି। ଏସବୁ ଅନୁଷ୍ଠାନରେ ସାମାଜିକ କାର୍ଯ୍ୟକ୍ରମ ସହ ୫ଦିନ ବ୍ୟାପୀ ଭଜନସନ୍ଧ୍ୟା, ପାଲା, ପ୍ରବଚନ ଆଦି କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ କରାଯିବ। ରବିବାର ପ୍ରଭୁ ଗଜାନନଙ୍କୁ ବୈତରଣୀ ନଦୀରେ ବିସର୍ଜନ କରାଯିବ।


କୁଳେଇପଦା କମିଟି ପକ୍ଷରୁ ପୂଜା ପାଉଥିବା ଗଜାନନଙ୍କ ମୂର୍ତ୍ତି।

ଧାମନଗର,(ଦେବେନ୍ଦ୍ର ଆଦ୍ଦିଆ)



ଧାମନଗର ବ୍ଲକ ରାମେଶ୍ୱରପୁରସ୍ଥିତ ମା' ରକ୍ଷାକାଳୀ ଯୁବକ ସଂଘ ଦ୍ୱାରା ୧୨ବର୍ଷ ଧରି ଗଜାନନଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଛି। ୬ଦିନ ଧରି ଏହି ପୂଜା ଚାଲିବାକୁ ଥିବାବେଳେ ବିଭିନ୍ନ ଦିବସରେ ଭଜନ ସନ୍ଧ୍ୟା ଓ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ସଂଘର ସଭାପତି ସୁଦର୍ଶନ ରାଉତ, ସମ୍ପାଦକ ଅନିଲ କୁମାର ବେହେରା, ସଦସ୍ୟ ପ୍ରଦୀପ ବେହେରା, ନିରଞ୍ଜନ ବେହେରା, ଦୀପ୍ତିରଞ୍ଜନ ବେହେରା, ଘନଶ୍ୟାମ ପଲାଇ, ତପନ ବାରିକ, ଉତ୍ପଳ ବେହେରା, ଜ୍ୟୋତିରଞ୍ଜନ ଦେବତା, ଲମ୍ବୋଦର ନାୟକ ପରିଚାଳନା କରୁଛନ୍ତି। ରମାକାନ୍ତ ବେହେରା, ଭାସ୍କର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, କ୍ଷେତ୍ରବାସୀ ବାରିକ, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବାରିକ ପ୍ରମୁଖଙ୍କ ସହଯୋଗରେ ଚାଲିଛି। ସେହିପରି ବ୍ଲକର ବିଭିନ୍ନ ସରକାର, ବେସରକାରୀ ଶିକ୍ଷାନୁଷ୍ଠାନ ଓ ସ୍ଥାୟୀ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଧାମନଗର, ଦୋବଲ, ଖଡ଼ିପଦା, ଆନନ୍ଦପୁର, ସେଣ୍ଡପୁର, ସୋହଡ଼ା, ପଧାନୀ, ଗୁଡାକୁଟି, ବନ୍ଧଟିଆ, କଲ୍ୟାଣୀ, ଜାହାଙ୍ଗିର ଆଦି ସ୍ଥାନରେ ପୂଜା କରାଯାଇଛି।

ବନ୍ତ,(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବିଘ୍ନରାଜଙ୍କ ପୂଜା ମହାସମାରୋହରେ ପାଳନ କରାଯାଇଛି। ସେଣ୍ଡତୀରା ପଞ୍ଚାୟତ କୁମ୍ଭାରିଆଠାରେ ୟୁନିକ୍ କ୍ଲବ୍ ପୂଜା କମିଟି ପକ୍ଷରୁ ୫ମ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଛି । ଗୌରବ ଦାଶ ଓ ପ୍ରକାଶ ମଲ୍ଲିକ କଳସ ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ରାମନାରାୟଣ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ। ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟ, ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ପଳାସଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ସହ ଗଣିଜାଙ୍ଗ, ବସନ୍ତିଆ, ଛୟାଳସିଂହ, ସେଣ୍ଡତୀରା, ଗୋବିନ୍ଦପୁର, ତରାଗୋ, ଓଡଙ୍ଗ, ସରମରା, କାଦବରାଙ୍ଗ, ଅଳଉତି, ଅଢାଳପଙ୍କ, ଆଗରପଡ଼ା ଆଦି ସ୍ଥାନରେ ସ୍କୁଲରେ ପୂଜା ଅନୁଷ୍ଠିତ ହୋଇଥିଲା।

# 'ଶିକ୍ଷାର ଉନ୍ନତି ଦ୍ୱାରା ଶିଶୁଙ୍କ ବିକାଶ ହୋଇପାରିବ'


ବୈଠକରେ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ୱିତା ଖୁଣ୍ଟିଆଙ୍କ ସହ ଅଧିକାରୀମାନେ।

### ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ସମୀକ୍ଷା ବୈଠକ

ଭଦ୍ରକ,୨୭।୮(ସନାତନ ରାଉତ)

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ୱିତା ଖୁଣ୍ଟିଆ ଦୁଇଦିନିଆ ଭଦ୍ରକ ଜିଲା ଗସ୍ତରେ ଆସି ବିଭିନ୍ନ ଶିଶୁ ଅନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର, ମୁକ୍ତାଶ୍ରୟ କେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମାତୃ ବିଭାଗ ଆଦି ପରିଦର୍ଶନ କରିଛନ୍ତି। ମଙ୍ଗଳବାର ଜିଲା ସଦ୍‌ଭାବନା ସଭାଗୃହରେ ସେ ସମୀକ୍ଷା କରିଥିଲେ। ଜିଲାପାଳ ଦିଲୀପ ରାଉତରାଏଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ ମହାନ୍ତିଙ୍କ ପ୍ରାରମ୍ଭିକ ସୂଚନା ପରେ ଆୟୋଗ ସଦସ୍ୟା ଖୁଣ୍ଟିଆ ଜିଲାସ୍ତରରେ ଥିବା ସମସ୍ତ ଶିଶୁ ଅନୁଷ୍ଠାନର ଶିଶୁମାନଙ୍କ ଶିକ୍ଷାର ଉନ୍ନତି ହେଲେ ସାଧାରଣ ଶିଶୁ ଭଳି ସମକକ୍ଷ ହୋଇପାରିବେ ବୋଲି କହିବା ସହ ମାନସିକ ସ୍ଥିତିକୁ ପରଖି ପରାମର୍ଶ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ଶ୍ରମିକମୁକ୍ତ କରିବା ଓ ରାସ୍ତାକଡ଼ରେ ବୁଲୁଥିବା ଶିଶୁ ଯେପରି ଅନାହାରରେ ନ ରହିବେ, ସେଥିପ୍ରତି ଦୃଷ୍ଟିଦେବାକୁ ସେ କହିଥିଲେ। ଏଥିସହ ଶିକ୍ଷା ବିଭାଗରେ ଡ୍ରପ୍‌ଆଉଟ ପିଲା, ଶିଶୁମାନଙ୍କୁ ବିଦ୍ୟାଳୟ ନେଉଥିବା ଯାନକୁ ପରିବହନ ବିଭାଗ ନିରୀକ୍ଷଣ କରିବା, ବାଲ୍ୟବିବାହ ରୋକିବା, ପୋକ୍‌ସୋ ପୀଡ଼ିତା ନାବାଳିକାଙ୍କୁ ତ୍ୱରିତ ସହାୟତା, ସମସ୍ତ ଶିଶୁଙ୍କୁ ଆଧାର ସଂଯୋଗକରଣ ବ୍ୟବସ୍ଥା ଉପରେ ପଦକ୍ଷେପ ନେବା ପାଇଁ ସେ ଆଲୋକପାତ କରିଥିଲେ। ଜିଲାସ୍ତରର ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ମଙ୍ଗଳ ସମିତି ସଦସ୍ୟ, କିଶୋର ନ୍ୟାୟ ପରିଷଦର ସଭ୍ୟ, ଶ୍ରମ ବିଭାଗ, ଶିକ୍ଷା ବିଭାଗ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ ଲାଇନ, ଶକ୍ତି ସଦନର କର୍ମକର୍ତ୍ତା, ସମସ୍ତ ସିଡିପିଓ, ସୁପରଭାଇଜର ଓ ମମତା ପୋଷଣର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା, ସାମାଜିକ କର୍ମୀ ସୁବ୍ରତ ଦାସ, ହିସାବରକ୍ଷକ ଧୀରଜ ବାରିକ, ବାହ୍ୟକର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ମଲିକ, ପରାମର୍ଶଦାତା କୁଳଦୀପ ଯେନା ଓ ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ ସହଯୋଗ କରିଥିଲେ। ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୋମବାର ଭଦ୍ରକର ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଯାଞ୍ଚ, ଲାଇବ୍ରେରୀ ଓ ଶୌଚାଳୟ ବ୍ୟବସ୍ଥା ବୁଲି ଦେଖିଥିଲେ। ସଭାଗୃହରେ ଶିଶୁମାନଙ୍କ ସହ ସେ ଭାବବିନିମୟ କରିଥିଲେ। ଶିଶୁମାନେ ଭବିଷ୍ୟତରେ ସ୍ୱାବଲମ୍ବୀ ହେବା ପାଇଁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ନେଇ ସେ ଗୁରୁତ୍ୱ ଦେଇଥିଲେ।

### ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ

ଭଣ୍ଡାରିପୋଖରୀ,୨୭।୮(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ୧୬ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକରେ ବିଶିଷ୍ଟ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରତାପ ପଣ୍ଡା ସ୍ମୃତି କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି, ଭାଜପା ନେତା ବଦ୍ରିନାରାୟଣ ଧଳ, ସୁଧାଂଶୁ ଶେଖର ନାୟକ, ସୁରେଶ ସାମଲ, ଗିରିଶ ସାମଲ, ତରଣୀସେନ ଯେନା, ରଞ୍ଜନ ପରିଡ଼ା, ବିଜୟ ମିଶ୍ର, ଦେବାଂଶୁ ରାଉତ ଓ ବିଦ୍ୟାଧର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡା ବାମପନ୍ଥୀ ଶ୍ରମିକ ସଙ୍ଗଠନର ଶୋଷଣରୁ ଶ୍ରମିକମାନଙ୍କୁ ସୁରକ୍ଷା ଦେଇ ଦୃଢ଼ ନେତୃତ୍ୱର ପରିଚୟ ଦେଇଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟି ସମ୍ପାଦକ ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୨,୪୮,୨୩୫ ଚାଷୀଙ୍କୁ ସିଏମ୍ କିଷାନ ସହାୟତା

ଭଦ୍ରକ,୨୭।୮(ସନାତନ ରାଉତ)

ପବିତ୍ର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବୁଧବାର ରବି ଚାଷ ୨୦୨୫-୨୬ର ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି। ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରରେ ପୂର୍ବାହ୍ନ ୧୦ଟା ୩୦ରେ ଜିଲାସ୍ତରୀୟ ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଗବେଷଣା ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ ଯୋଗ ଦେଇଥିଲେ। କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଓ ସେମାନଙ୍କୁ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଉଛି ବୋଲି ଅତିଥିମାନେ କହିଥିଲେ। ଜିଲାରେ ମୋଟ ୨,୪୮,୨୩୫ଜଣ ଚାଷୀଙ୍କ ଜମାଖାତାକୁ ଡିବିଟି ମାଧ୍ୟମରେ ୪୯ କୋଟି ୬୪ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଶେଷରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତିର ପୂର୍ବତନ ସମ୍ପାଦକଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ

### ଟ୍ରାକ୍ଟର ଚୋରି ମାମଲା

ଭଦ୍ରକ,୨୭।୮(ସନାତନ ରାଉତ)

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିବେଦିତା ପଣ୍ଡା ମଙ୍ଗଳବାର ଏକ ଟ୍ରାକ୍ଟର ଚୋରି ମାମଲାର ବିଚାର କରି ତିହିଡ଼ି ଥାନା ଅଧୀନ ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଶଙ୍କର୍ଷଣ ଦାସଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥିସହ ଜରିମାନା ଅନାଦେୟ ଆଉ ୨ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ହୋଇଛି। ପ୍ରକାଶ ଯେ, ୧୯୯୯ରେ ସେହି ଗ୍ରାମର ଇନ୍ଦ୍ରମଣି ମଲିକ ଶାମସୁନ୍ଦରପୁର ସମବାୟ ସମିତିରୁ ଋଣ ଆଣି ଏକ ଟ୍ରାକ୍ଟର ଆଣିଥିଲେ। ମାସିକ କିସ୍ତି ମଧ୍ୟ ପରିଶୋଧ କରିଆସୁଥିଲେ। ପରେ ଆର୍ଥିକ ସମସ୍ୟା କାରଣରୁ ଋଣ ପରିଶୋଧ କରି ନ ପାରି ଖିଲାପ କରିଥିଲେ। ସେତେବେଳେ ସମିତିର ସମ୍ପାଦକ ଶଙ୍କର୍ଷଣ ଋଣ ପରିଶୋଧ କରିବା ପାଇଁ ଇନ୍ଦ୍ରମଣିଙ୍କୁ ତାଗିଦ୍ କରିଥିଲେ। ଏପରିକି ଇନ୍ଦ୍ରମଣି ବିଲରେ ହଳ କରୁଥିବା ବେଳେ ସେ ଟ୍ରାକ୍ଟରକୁ ଜୋର ଜବରଦସ୍ତ ନେଇଯାଇଥିଲେ। ସମିତି ପକ୍ଷରୁ ଟ୍ରାକ୍ଟରକୁ ଭଡ଼ାରେ ଲଗାଇ ଋଣ ପରିଶୋଧ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ଋଣ ପରିଶୋଧ ପାଇଁ ସମିତି ପକ୍ଷରୁ ଇନ୍ଦ୍ରମଣିଙ୍କ ନିକଟକୁ ନୋଟିସ ଆସିବାରୁ ସେ ସମିତିରେ ପହଞ୍ଚି ସମ୍ପାଦକ ଶଙ୍କର୍ଷଣ ଟ୍ରାକ୍ଟରକୁ ଋଣ ପରିଶୋଧ କରିବାକୁ ନେଇ ଆସିଛନ୍ତି ବୋଲି କହିଥିଲେ। ହେଲେ ସେତେବେଳର ସମ୍ପାଦକ ସମିତି ପକ୍ଷରୁ କୌଣସି ଟ୍ରାକ୍ଟର ଜବତ ହୋଇ ନ ଥିବା କହିଥିଲେ। ଶେଷରେ ଇନ୍ଦ୍ରମଣି ବାଧ୍ୟହୋଇ ୨୦୦୮ ଅଗଷ୍ଟ ୧୭ରେ ତତ୍କାଳୀନ ସମ୍ପାଦକ ଶଙ୍କର୍ଷଣ ତାଙ୍କ ଟ୍ରାକ୍ଟରକୁ ଚୋରି କରି ନେଇଥିବା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୫୬/୨୦୦୮) ରୁଜୁ ହୋଇଥିଲା। ଶଙ୍କର୍ଷଣ ଟ୍ରାକ୍ଟରକୁ ନେବା ପରେ ସବୁ ଯନ୍ତ୍ରାଂଶ ଖୋଲି ତିହିଡ଼ି ଥାନା ଅଧୀନ ପାଳିଆ ଗ୍ରାମର ସେକ ଦିଲାଲଙ୍କୁ ବିକ୍ରି କରି ଟଙ୍କା ହଡ଼ପ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ପୋଲିସ ଟ୍ରାକ୍ଟରର ଯନ୍ତ୍ରାଂଶ ଜବତ କରିଥିଲା। ଟ୍ରାକ୍ଟର ଚୋରି ଅପରାଧରେ ପୋଲିସ ଶଙ୍କର୍ଷଣ ଓ ଚୋରି ଜିନିଷ କିଣିବା ଅପରାଧରେ ସେକ ଦିଲାଲଙ୍କ ନାମରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ପ୍ରମାଣ ଅଭାବରୁ ସେକ୍ ଦିଲାଲ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଶଙ୍କର୍ଷଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ପଙ୍କଜ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ବାହାବଳପୁରକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ


ମାଟିଆସାହି-ନନ୍ଦକନ୍ଦର୍ପ ରାସ୍ତାରେ ଖାଲରେ ପାଣି ଜମିଛି।

### ମାଟିଆସାହି-ନନ୍ଦକନ୍ଦର୍ପ ରାସ୍ତା ଶୋଚନୀୟ

ତିହିଡ଼ି,୨୭।୮(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ମାଟିଆସାହି-ନନ୍ଦକନ୍ଦର୍ପ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ବାହାବଳପୁର ପଞ୍ଚାୟତକୁ ମାସେ ହେଲା ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଯାଇଛି। ଏଥିଯୋଗୁ ସୟା, ବାହାବଳପୁର ସମେତ ୪ ପଞ୍ଚାୟତର ଲୋକେ ପ୍ରତିଦିନ ଯାତାୟାତ ପାଇଁ ସମସ୍ୟା ଭୋଗୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, କଂଗ୍ରେସ ନେତା ବେଣୁଧର ଦାଶ ପ୍ରମୁଖ ଏ ସମ୍ପର୍କରେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ଦିଗରେ ପଦକ୍ଷେପ ନେଇ ବସ୍ ସେବା ପୂର୍ବପରି ଅବ୍ୟାହତ ରହିବା ପାଇଁ ସେମାନେ ଦାବି ଜଣାଇଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ତିହିଡ଼ି-ମାଟିଆସାହି ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ମନ୍ତେଇ ନଦୀ ସେତୁ ପରେ ମାଟିଆସାହିରୁ ଆରମ୍ଭ ହୋଇ ନନ୍ଦକନ୍ଦର୍ପରେ ପହଞ୍ଚିଥିବା ଦୀର୍ଘ ୪ କି.ମି. ରାସ୍ତାର ଅବସ୍ଥା କହିଲେ ନ ସରେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ରାସ୍ତାରେ ସାଇକେଲ, ବାଇକ୍ ଯିବା ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟସାଧ୍ୟ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ବସ୍ ତିହିଡ଼ିରୁ ବାହାରି ନନ୍ଦକନ୍ଦର୍ପ ପର୍ଯ୍ୟନ୍ତ ଯାଉଥିଲା। ମାସେ ହେଲା ବସ୍ ଆଉ ସେଠାକୁ ନ ଯାଇ ମାଟିଆସାହି ପାଖରେ ଅଟକି ରହୁଛି। ଫଳରେ ଉଭୟ ସୟା ଓ ବାହାବଳପୁର ପଞ୍ଚାୟତର ଲୋକେ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାବ୍ୟତୀତ ଏହି ରାସ୍ତା ପଡ଼ୋଶୀ ବାସୁଦେବପୁର ବ୍ଲକକୁ ସଂଯୋଗ କରୁଛି। ସେହି ବ୍ଲକ ଅଧୀନ ବାଲିମେଦ, ଜଗନ୍ନାଥପ୍ରସାଦ ଆଦି ପଞ୍ଚାୟତର ଅଧିବାସୀ ଏହି ରାସ୍ତାରେ ତିହିଡ଼ିକୁ ଯାତାୟାତ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତିହିଡ଼ିଠାରୁ ୧୨ କି.ମି. ଦୂରରେ ନଦୀଘେରରେ ଥିବା ବାହାବଳପୁର ପଞ୍ଚାୟତ ଅଧିବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି ଜଣାଇଛନ୍ତି। ଜିଲାପାଳ ଦିଲୀପ ରାଉତରାଏ ରାସ୍ତା ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ୧୦୮ ବର୍ଷରେ ଅରଞ୍ଜି ସିଦ୍ଧି ଗଣେଶ ପୂଜା


ଅରଞ୍ଜି ଗାଁରେ ପୂଜା ପାଉଛନ୍ତି ସିଦ୍ଧି ଗଣେଶ।

ଭଦ୍ରକ,୨୭।୮(ସନାତନ ରାଉତ)

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତର ଅରଞ୍ଜି ଗାଁରେ ଦୀର୍ଘ ୧୦୮ ବର୍ଷ ଧରି ଚାଲିଛି ବହୁ ପୁରାତନ ସିଦ୍ଧି ଗଣେଶ ପୂଜା। ୫ ଦିନ ଧରି ଏହି ପୂଜା ଚାଲିବାକୁ ଥିବାବେଳେ ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସର୍ବପ୍ରଥମେ ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ଏହି ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ପୁଅ ସ୍ୱର୍ଗତ ଯଦୁନାଥ ମହାପାତ୍ର ଏବେ ଯଦୁନାଥଙ୍କ ପୁଅ ସୁଧାକର ମହାପାତ୍ର ଓ ଶରତ ଚନ୍ଦ୍ର ମହାପାତ୍ରଙ୍କ ସହ ସେମାନଙ୍କ ପରିବାରର ସୁଶାନ୍ତ କୁମାର ମହାପାତ୍ର, ସରୋଜ କୁମାର ମହାପାତ୍ର, ଶ୍ରୀକାନ୍ତ କୁମାର ମହାପାତ୍ର, ପଙ୍କଜ ମହାପାତ୍ର ପୂଜା ପରିଚାଳନା କରୁଛନ୍ତି। ଗ୍ରାମର ମୁରଲୀ ମଲିକ, ରବୀନ୍ଦ୍ର ଜେନା ଓ ବିଶ୍ୱଜିତ ରାଉତ ସହଯୋଗ କରୁଛନ୍ତି।

## ଜିଲାର ୨,୪୮,୭୪୫ କୃଷକଙ୍କୁ ସିଏମ୍ କିଷାନ ସହାୟତା

**କେନ୍ଦୁଝର,୨୭।୮(ଦୀପକ ମିଶ୍ର):**

ରବିରବୁ ୨୦୨୫-୨୬ର ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ପରିପ୍ରେକ୍ଷୀରେ ବୁଧବାର କେନ୍ଦୁଝର ଜିଲା କଲେକ୍ଟୋରେଟ୍‌ସ୍ଥିତ ଦରବାର ହଲ୍‌ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଅଭିଭାଷଣ ମାଧ୍ୟମରେ କେନ୍ଦୁଝର ଜିଲାର ୨,୪୮,୭୪୫ କୃଷକ ଯଥା ୨,୪୫,୮୪୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୮୮୮ ଜଣ ଭୂମିହୀନ କୃଷକ ପରିବାର ଏବଂ ୧୯୭୫ଜଣ ଅନୁନ୍ନତ ଜନଜାତି ସମୂହଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିବା କହିଥିଲେ। ଏହି ସହାୟତା ରାଶିକୁ ରବିରବୁ ୨୦୨୫-୨୬ କୃଷି କାର୍ଯ୍ୟରେ ଆବଶ୍ୟକ ହେଉଥିବା ବିହନ, ରାସାୟନିକ ସାର, କୀଟନାଶକ ଔଷଧ ପ୍ରଭୃତିରେ କୃଷକମାନେ ଉପଯୋଗ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଦରବାର ହଲ୍‌ରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ବିଭାଗୀୟ ଅଧିକାରୀ ଓ କୃଷକ ଭାଇ ଭଉଣୀ ଦେଖିଥିଲେ। ଏହି ମାଧ୍ୟମରେ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି, ପରିବେଶ, ବନ୍ୟଜନ୍ତୁ ଓ ସମାଜ ଉପରେ କି ପ୍ରଭାବ ପରିଲକ୍ଷିତ ହେଉଛି, ତାହାର ଏକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ମନୁଷ୍ୟ-ହାତୀ ସହାବସ୍ଥାନ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ କୃଷକମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଉପଯୋଗ କରି କିପରି ଲାଭବାନ ହୋଇପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। କେନ୍ଦୁଝର ମୁଖ୍ୟ ଜିଲା କୃଷି ଅଧିକାରୀ ସତ୍ୟବାନ ସୋରେନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ଶେଷରେ ଜିଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି କମ୍ପାନୀର ଅନିୟମିତତା ପ୍ରତିବାଦରେ ଗଣଧାରଣା

**ଯୋଡ଼ା,୨୭।୮(ମାନସ ମହାନ୍ତି):**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଠାକୁରାଣୀ ଖଣିର ଅନିୟମିତତା ପ୍ରତିବାଦରେ ସ୍ଥାନୀୟ ଟ୍ରକ୍ ମାଲିକ ଓ ଖଣି କ୍ଷତିଗ୍ରସ୍ତ ଲୋକେ ଗଣଧାରଣା ଦେଇଛନ୍ତି। ଏହି ଧାରଣା ତୃତୀୟ ଦିନରେ ପହଞ୍ଚିଥିଲେ ହେଁ ଜିଲା ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ କୌଣସି ଆଲୋଚନା କରିନାହାନ୍ତି। ଫଳରେ ଖଣି ଓ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ଏହି ଖଣି ଦ୍ୱାରା ସ୍ଥାନୀୟ ଲୋକେ ଖଣିଜ ପରିବହନରେ ନିଜର ଟ୍ରକ୍ ନିୟୋଜିତ କରି ଜୀବିକା ନିର୍ବାହ କରି ଆସୁଛନ୍ତି। କମ୍ପାନୀ ପରିବହନରେ ତ୍ରୁଟି ତଥା ଗ୍ରେଡ୍ ହେରଫେର କରୁଥିବା ଯୋଗୁ ପୋଲିସ ଓ ଖଣି ବିଭାଗ ଏହାର ଯାଞ୍ଚ କରି କିଛି ଟ୍ରକ୍ ଅଟକ ରଖିଛି। ଏହି ଟ୍ରକ୍‌ରୁ ଜରିମାନା ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ ପାଇଁ ଯୋଜନା କରାଯାଉଛି। ଟ୍ରକ୍ ମାଲିକମାନେ ପରିବହନ କ୍ଷେତ୍ରରେ ସଙ୍କଟମୟ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ଗ୍ରେଡ୍ ହେରଫେରରେ ଟ୍ରକ୍‌ର କୌଣସି ସଂପୃକ୍ତି ନ ଥାଇ ଜରିମାନା ଅର୍ଥ କିଭଳି ପୈଠ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଖଣି କର୍ତ୍ତୃପକ୍ଷ ଏହି ଅନିୟମିତତା କାର୍ଯ୍ୟରେ ସଂପୃକ୍ତ ଅଛନ୍ତି। ପ୍ରକୃତ ତଦନ୍ତ କରି ଖଣି କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଧାରଣାରତ ଟ୍ରକ୍ ମାଲିକ ଓ ଖଣି କ୍ଷତିଗ୍ରସ୍ତ ଲୋକେ।

ଗ୍ରହଣ କରିବା ପାଇଁ ଟ୍ରକ୍ ମାଲିକ ଅଖିଳେଶ ଜୟସ୍ୱାଲ, ଧର୍ମଦେବ ଯାଦବ, ଗୁଡ଼ନ ଯାଦବ, ତପନ ଗିରି, ସୁନିଲ ଚୌହାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ୪ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ଠାକୁରାଣୀ- ନାଲଦା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ଖଣି ପରିସରରେ ରହିଥିବା ପାର୍କିଂରେ ପାନୀୟଜଳ ବ୍ୟବସ୍ଥା, ସୁରକ୍ଷା କର୍ମୀ ନିଯୁକ୍ତି, ସ୍ନାନାଗାରର ବ୍ୟବସ୍ଥା, ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଖଣି କ୍ଷତିଗ୍ରସ୍ତଙ୍କୁ ଖଣିରେ ନିଯୁକ୍ତି ପ୍ରଭୃତି ଦାବି ରହିଛି। ଖଣି ପରିସର ଓ ପାର୍କିଂ ସ୍ଥାନରେ ଆବଶ୍ୟକ ସୁରକ୍ଷା କର୍ମୀ ନିଯୁକ୍ତ କରାଯାଉ ନ ଥିବାରୁ ଅସାମାଜିକମାନେ ଟ୍ରକ୍ ଡ୍ରାଇଭରମାନଙ୍କୁ ମାରପିଟ କରି ଡିଜେଲ ଚୋରି କରିବା ଘଟଣା ବୃଦ୍ଧି ପାଉଛି। କମ୍ପାନୀର ପାର୍କିଂ ସ୍ଥାନରେ ୨୦୦ ଟ୍ରକ୍ ରହିବାର କ୍ଷମତା ରହୁଥିବା ବେଳେ ଖଣିକୁ ପ୍ରତିଦିନ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଆସୁଛି। ପାର୍କିଂ ସ୍ଥାନକୁ କମ୍ପାନୀ ବୃଦ୍ଧି କରୁ ନ ଥିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇ ପଡୁଛି। ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ପ୍ରସାର ନିମନ୍ତେ ଖେଳ ପଡ଼ିଆ ନିର୍ମାଣ କରିବା, ଖଣିଜ ପରିବହନ ସମୟରେ ଲୁହାପଥରର ଓଜନ ଟ୍ରକ୍‌ରୁ ହ୍ରାସ ପାଉଥିବାରୁ ପରିବହନ ଭଡ଼ା ପ୍ରତି ଚାଲାଣରେ ପରିବହନ ସଂସ୍ଥା ଦ୍ୱାରା କାଟି ଦିଆଯାଇଛି। ଫଳରେ ଟ୍ରକ୍ ମାଲିକମାନେ କ୍ଷତି ସହୁଛନ୍ତି। ଓଜନ କଣ୍ଟାରେ ଅନିୟମିତତା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। କମ୍ପାନୀର ଏପରି ମନମୁଖୀ କାର୍ଯ୍ୟ ନେଇ ଠାକୁରାଣୀ, ଦଲକି, କାରା, ବେଲକୁଣ୍ଡି, ବଡ଼ବିଲ ପ୍ରଭୃତି ଅଞ୍ଚଳର ଟ୍ରକ୍ ମାଲିକ ଓ ସ୍ଥାନୀୟ ଲୋକେ କମ୍ପାନୀ ବିରୋଧରେ ରଣ ହୁଙ୍କାର ଦେଇଛନ୍ତି। ନିଲାମରେ ଅଧିକ ମୂଲ୍ୟରେ ଖଣି ହାତେଇ ଏହାର କ୍ଷତିକୁ ଭରଣା କରିବା ପାଇଁ ଏବଂ ମୁନାଫା ଅଧିକ କରିବା ପାଇଁ ନିଲାମରେ ଲିଜ୍ ନେଇଥିବା କେତେଜଣ ଅସାଧୁ ଖଣି ମାଲିକ ଗ୍ରେଡ୍‌ରେ ହେରଫେର କରି ରାଜସ୍ୱ ବା ରୟାଲିଟି ହ୍ରାସ କରି ୨୦୨୦ରୁ ଏହିପରି ଅଭ୍ୟାସ କରି ଆସୁଥିବା ଧାରଣାରତ ଲୋକେ ଅଭିଯୋଗ କରିଛନ୍ତି।

## ସିଭିଲ ସୋସାଇଟି ପକ୍ଷରୁ ବିରୋଧ ପ୍ରଦର୍ଶନ

**ବଡ଼ବିଲ,୨୭।୮(ଦେବପ୍ରିୟ ରଣା):**

କେନ୍ଦୁଝର ଜିଲା ବଡ଼ବିଲରେ ଗତ ଗୁରୁବାରଠାରୁ ଯୋଡାସ୍ଥିତ ଖଣି ବିଭାଗ ପକ୍ଷରୁ ୨ଟି ଖଣିଜ ବୋଝେଇ ଟ୍ରକ ଜବତ କରାଯାଇ ବଡ଼ବିଲ ଥାନା ପୋଲିସ ହେପାଜତରେ ରଖାଯାଇଛି। ଜବତ ହେବାର ଏକ ସପ୍ତାହ ବିତିଯାଇଥିଲେହେଁ ଖଣି ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ କୌଣସି ସୂଚନା ଦିଆଯାଉ ନ ଥିବାରୁ କାରଣ ଅସ୍ପଷ୍ଟ ରହିଛି। ଏହାର ପ୍ରତିବାଦରେ ବୁଧବାର ଅପରାହ୍ନରେ ବଡ଼ବିଲ ସିଭିଲ ସୋସାଇଟି ପକ୍ଷରୁ ଡାକବଙ୍ଗଳା ଛକ ନିକଟରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ହୋଇଛି। ସୋସାଇଟିର ବରିଷ୍ଠ ସଦସ୍ୟ ଇନ୍ଦ୍ରମଣି ବେହେରା କହିଛନ୍ତି ଯେ, ନିମ୍ନମାନର ଖଣିଜ ଅନୁମତିରେ ଉଚ୍ଚମାନର ଖଣିଜ ପରିବହନ ହେବା ଦ୍ୱାରା ସରକାରଙ୍କର କୋଟିକୋଟି ଟଙ୍କା ରାଜସ୍ୱ ହାନି ଘଟୁଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଅପାରଗତା ପଦାରେ ପଡିଛି। ତେଣୁ ଯୋଡ଼ାରେ ଅବସ୍ଥାପିତ କଣି ଉପନିର୍ଦ୍ଦେଶକଙ୍କୁ ତୁରନ୍ତ ଭରଖାସ୍ତ କରିବାକୁ ସେ ଦାବି କରିଛନ୍ତି। ସୋସାଇଟିର ମୁଖ୍ୟ ସଂଯୋଜକ ରସାନନ୍ଦ ବେହେରା କହିଛନ୍ତି ଯେ, ଖଣି ବିଭାଗ ମୌନବ୍ରତ ଅବଲମ୍ବନ କରିଥିବାରୁ ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।




ସିଭିଲ ସୋସାଇଟି ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଛି।

# ଡାକବାଜି ଯନ୍ତ୍ରରେ ଦୁଲୁକୁଛି ଗାଁ

**ବଉଲା,୨୭।୮(ଦୁର୍ଗା ପ୍ରସାଦ ଆୟଚ):**


ହାଟଡିହି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ସଂଗଠନ ଓ ଗାଁ ଗଣ୍ଡାରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଡାକବାଜି ଯନ୍ତ୍ରରେ ଗାଁ ଗଣ୍ଡା ଓ ଛକ ବଜାର ଦୁଲୁକୁଛି। ସୋସୋ ପଞ୍ଚାୟତ ମରଚାଇପଦା ଯୁବକ ସଂଘ ପକ୍ଷରୁ ସୁଉଚ୍ଚ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ସୋସୋ ମେଡିକାଲ ଛକ ନିକଟରେ ଯୁବକମାନଙ୍କ ଦ୍ୱାରା ଗଣେଶ ପୂଜା କରାଯାଇଛି। ସେହିପରି ପଡ଼ିଆରିପଲ୍ଲୀ ଗ୍ରାମର ଯୁବକଙ୍କ ଦ୍ୱାରା ଗଣେଶ ପୂଜା ପାଳିତ ହୋଇଛି। ଯୁବକ ସଂଘର ଗଦାଧର, ଅଖିଳ, ସିଡୁଲ, ସିଲୁ, ରାମ, ଅଲେଖ, ଅଂଶୁମାନ,ସାଗର, ମାନସ, ସୁଶିଲ, ସନ୍ଦୀପ, ବୀର, ବଳିଆ, ଶୁଭ, ପ୍ରଶାନ୍ତ, ରଶ୍ମୀ, ଭରତ ପ୍ରମୁଖ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମରେଇଗାଁ ହାଇସ୍କୁଲ, ପଡିଆରିପଲ୍ଲୀ ନୋଡାଲ ସ୍କୁଲ, ବାଙ୍ଗୋର ହାଇସ୍କୁଲ, ଶାସଙ୍ଗ ହାଇସ୍କୁଲ, ହାଟଡିହି ହାଇସ୍କୁଲ, କଳିଗାଁ ହାଇସ୍କୁଲ, ନନ୍ଦିପଦା ହାଟ ହାଇସ୍କୁଲ, ସୋସୋ ହାଇସ୍କୁଲ ଆଦି ସମସ୍ତ ବିଦ୍ୟାଳୟରେ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି।

## ପୂଜା ପାଇଲେ ଅଗ୍ରପୂଜ୍ୟ ଶ୍ରୀଗଣେଶ

**ଚମ୍ପୁଆ,୨୭।୮ (ମହେଶ୍ୱର ଦାସ):**

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାସ୍ଥିତ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ଆକାଶ ଜ୍ୟୋତିଇଂଲିଶ ମାଧ୍ୟମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚନ୍ଦ୍ରଶେଖର ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେରଳା ଇଂରାଜୀ ବିଦ୍ୟାଳୟ ଏବଂ ଯୁବକସଂଘ ଦ୍ୱାରା ପୂଜା କରାଯାଇଛି।

## ଯୋଡ଼ାରେ ଗଣେଶ ପୂଜା



**ଯୋଡ଼ା,୨୭।୮(ମାନସ ମହାନ୍ତି):**

କେନ୍ଦୁଝର ଜିଲା ଯୋଡା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ବୁଧବାର ଗଣେଶ ପୂଜା ପାଳିତ ହୋଇଯାଇଛି। ଶାସ୍ତ୍ରୀ ନଗର ୟୁଥ କ୍ଲବ ପକ୍ଷରୁ ପୌର ପାଳିକ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆକର୍ଷଣୀୟ ସାଜସଜ୍ଜା ମଧ୍ୟରେ ଗଣେଶ ପୂଜା ସହିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ କ୍ଲବ ପକ୍ଷରୁ ଜନ ସାଧାରଣଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଓ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଥିବା ଶାସ୍ତ୍ରୀ ନଗର ୟୁଥ କ୍ଲବ ସମ୍ପାଦକ ସୁବ୍ରତ କୁମାର ନାୟକ ସୂଚନା ଦେଇଛନ୍ତି। ସେହିପରି ବନେଇ କଳାସ୍ଥିତ ଟିସ୍କ ଖେଳ ପଡିଆ ଓ ମାଇନିଂ ଅଫିସ ନିକଟରେ ସବୁ ବର୍ଷ ପରି ଖୁବ ଜାକଜମକରେ ଗଣେଶ ପୂଜା ଆୟୋଜନ କରାଯାଇଛି। ଯୋଡା ଆଖପାଖ ଅଞ୍ଚଳ ଜୁରୁଡ଼ି କେଏମସି, ଜରିବାହାଲ, ବାମେବାରି, କାଳୀମାଟି, ବିଲେଇପଦା ପ୍ରଭୃତି ଖଣି ଅଞ୍ଚଳ ଗଣେଶ ପୂଜା ପାଇଁ ଉତ୍ସବ ମୁଖର ହୋଇ ପଡ଼ିଛି।

## ନିଯୁକ୍ତି ପାଇଲେ ୨୬୦ ଅତିଥି ଶିକ୍ଷକ

**ବାରିପଦା,୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ):**

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୧୧୪୩/ ୧।୮।୨୫ ରିଖ ଅନୁସାରେ ସାରା ଓଡ଼ିଶାରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭାବ ଥିବା ହାଇସ୍କୁଲ ଗୁଡିକରେ ୬୩୮୭ ଜଣ ଅତିଥି ଶିକ୍ଷୟିତ୍ରୀଶିକ୍ଷକ ଚଳିତ ବର୍ଷ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିଲା। ସେ ମଧ୍ୟରୁ ମୟୂରଭଞ୍ଜ ଜିଲାରେ ୨୬୦ ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିବା ଜଣାପଡିଛି। ଯେଉଁ ଶିକ୍ଷୟୀତ୍ରୀ ବା ଶିକ୍ଷକମାନେ ଚାକିରିରୁ ଅବସର ଗ୍ରହଣ କରୁଥିବେ ମାତ୍ର ୬୫ ବର୍ଷ ହୋଇ ନ ଥିବ ସେମାନଙ୍କୁ ଫାଙ୍କା ଥିବା ପୋଷ୍ଟ ଗୁଡ଼ିକରେ ବର୍ଷକ ପାଇଁ ମାସିକ ୧୨୦୦୦ ଟଙ୍କା ପାରିଶ୍ରମିକରେ ନିଯୁକ୍ତି ଦିଆଯାଇଥାଏ। ଜିଲାପାଳଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜର ୨୬୦ ଜଣ ଅତିଥି ଶିକ୍ଷକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସରକାରୀ ହାଇସ୍କୁଲରେ ୧୪ ଜଣ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୮୬ ଜଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୧୬୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ଓସ୍ତା ସଂଘ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ପଲତା ଓ ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଏହି ନିଯୁକ୍ତି ପାଇଁ ଓଡ଼ିଶା ସରକାର, ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ପ୍ରକାର ବିଦ୍ୟାଳୟରେ ନୂତନ ନିଯୁକ୍ତି ଓ ଆବଶ୍ୟକତା ଅନୁଯାୟୀ ଅତିଥି ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଛନ୍ତି।

# ବନ ବିଭାଗ ପ୍ରସ୍ତୁତ କଲା ସଚେତନତା ଭିଡିଓ

**କେନ୍ଦୁଝର,୨୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର):**

**ମଣିଷ-ହାତୀ ଏକାଠି ବସବାସ କରିବା ଉପରେ ଗୁରୁତ୍ୱ**

ଗତିଶୀଳ ତଥ୍ୟ, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରି ମାନବ ଓ ହାତୀ ଏକାଠି ବସବାସ କରିପାରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ଡିଏଫ୍‌ଓ ସମ୍ମିଳନୀ ଓ ମାନବ-ହାତୀ ବସବାସ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିଷୟରେ ଲୋକସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ।

ଏହାକୁ ଦୃଷ୍ଟିରେ ବୁଧବାର କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଅତିରିକ୍ତ ମୁଖ୍ୟସଚିବ ଓ ପ୍ରଧାନ ବନ ସଂରକ୍ଷକଙ୍କ ନିର୍ଦ୍ଦେଶାନୁସାରେ ନମସ୍କାର ଗଜାନନ ନାମକ ଜନସଚେତନତା ଭିଡିଓ କେନ୍ଦୁଝର ବନ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇ ପ୍ରଥମ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ମନ୍ତ୍ରୀଙ୍କ ସହ ପାଟଣା ବିଧାୟକ ଅଖିଳ ନାୟକ, ଜିଲାପାଳ ବିଶାଳ ସିଂ , ଡିଏଫଓ ଏଚଡ଼ି ଧନରାଜ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଭିଡିଓର ଗୀତ ରଚନା କରିଛନ୍ତି ସୁବ୍ରତ ସ୍ୱାଇଁ। ଏହାକୁ ହ୍ୟୁମାନ ସାଗର ଓ ଇଣ୍ଡିଆନ ଆଇଡଲ ଫାଇନାଲିଷ୍ଟ ଅନନ୍ୟା ନନ୍ଦା ଗାଇଛନ୍ତି। ଏହି ଭିଡିଓର ଶୁଟିଂର ଦାୟିତ୍ୱ ଏକ୍ସପର୍ଟ ନିହାର ଓ ଶୌଭିକତ୍‌ଙ୍କ ଉପରେ ନ୍ୟସ୍ତ ହୋଇଥିଲା ବେଳେ ବନ୍ୟଜନ୍ତୁ ବିଜ୍ଞାନୀ ଶିବାଶିଷ ଓ ଶାନ୍ତିଭୂଷଣ ସମ୍ପାଦନା ଦାୟିତ୍ୱ ତୁଲାଇ ଥିଲେ ବୋଲି ଡିଏଫଓ ଧନରାଜ କହିଛନ୍ତି। ଏହି ଭିଡିଓରେ ମାନବ-ହାତୀ ବସବାସ ଉପରେ କ'ଣ କରିବେ ଓ କ'ଣ କରିବା ଉଚିତ ନୁହେଁକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରାଯାଇଛି ।




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ଅନ୍ୟମାନେ।

## ଢେଙ୍କିକୋଟରେ ଗଜାନନଙ୍କ ପୂଜା

**ଢେଙ୍କିକୋଟ,୨୭।୮ (ନୀଳମଣି ମଣ୍ଡଳ):**

ଢେଙ୍କିକୋଟଠାରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଧୂମଧାମରେ ପାଳିତ ହୋଇଯାଇଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କ୍ଲବ, ଯୁବକ ସଂଘ, ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ସାଙ୍ଗକୁ ସରକାରୀ କାର୍ଯ୍ୟାଳୟରେ ଗଜାନନଙ୍କୁ ପୂଜା କରାଯାଇଥିଲା। ଏଠାରେ ପ୍ରତିଦ୍ୱନ୍ଦିତା ମୂଳକ ଭାବେ ମା' ତାରିଣୀ କ୍ଲବ, ଜନମଙ୍ଗଳ ଯୁବକ ସଂଘ, ବିନ୍ଦାସ କ୍ଲବ, ଦିଲଦାର କ୍ଲବ ପୂଜା ପାଳନ କରଥିବା ଦେଖିବାକୁ ମିଳିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକରେ ପୂଜା ମଣ୍ଡପଗୁଡିକୁ ସାଜସଜ୍ଜା କରାଯାଇଛି। ସନ୍ଧ୍ୟାରେ ପୂଜା ମଣ୍ଡପଗୁଡ଼ିକରେ ଭକ୍ତମାନଙ୍କ ଭିଡ଼ ଜମିଥିଲା। ପ୍ରତ୍ୟକ ମଣ୍ଡପରେ ପ୍ରସାଦ ସେବନ ସାଙ୍ଗକୁ ସନ୍ଧ୍ୟାରେ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଆକୃଷ୍ଟ କରିଛି।



## ଗଜାନନଙ୍କୁ ଆରାଧନା

**ରାଇରଙ୍ଗପୁର,୨୭।୮(ମାନସ ମହାନ୍ତି):**

ରାଇରଙ୍ଗପୁର ସହରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ପୁରପଲ୍ଲୀ ଅଞ୍ଚଳରେ ବୁଧବାର ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଯୁବ ସଂଗଠନ ପକ୍ଷରୁ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଯୁବ ସଙ୍ଗଠନ ପକ୍ଷରୁ ଆୟୋଜିତ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସମେତ ରଙ୍ଗ ବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଥିବା ଦେଖାଯାଇଛି। ଏହାବ୍ୟତୀତ ବହଳଦା, ହାଟବାଦଡା, ଗୋରୁମହିଷାଣୀ, ଗମ୍ଭାରିଆ ,ବିଜାତଳା, ତିରିଙ୍ଗ ଏବଂ ଯାମଦା ଅଞ୍ଚଳରେ ଆନନ୍ଦ ଉଲ୍ଲାସର ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି।

## ମୋରଡ଼ାରେ ଗଣେଶ ପୂଜା

**ମୋରଡ଼ା,୨୭। ୮(ସ୍ମାରକ ମାଜୀ):**



ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଚିତ୍ରଡା ମହାବିଦ୍ୟାଳୟ ଚିତ୍ରଡା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ମୋରଡ଼ା, ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ଗୋପବନ୍ଧୁ ହାଇସ୍କୁଲ, ବିସିସି କ୍ଲାସେସ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କରେ ପ୍ରଭୂ ଶ୍ରୀ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଛି । ବିଭିନ୍ନ କ୍ଲବ ଗୁଡିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ହାପି କ୍ଲବ, ଶ୍ରୀରାମ କ୍ଲବ, ଫ୍ରେଣ୍ଡ୍ସ କ୍ଲବ,ଐଶାନ୍ୟକୋଣ ପୂଜା କମିଟି,କାକୁଡିହା ମା ମଙ୍ଗଳା ଯୁବକ ସଙ୍ଘ ପୂଜା କମିଟି ଆଦି ବିଭିନ୍ନ କ୍ଲବରେ ପୂଜା ସମ୍ପାଦନ ହୋଇଥିବାର ଦେଖିବାକୁ ମିଳିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

**ପାଟଣା,୨୭।୮(ବୀର କିଶୋର ଦାଶ):**

କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଡିକାପୁଡ଼ି ପଞ୍ଚାୟତ ଟେଣ୍ଟେଲା ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଦବ ନାଏକଙ୍କ ସ୍ତ୍ରୀ ଅହଲ୍ୟା(୫୦)। ଗଣେଶ ଚତୁର୍ଥୀ ପାଇଁ ଅହଲ୍ୟା ଘର ଲିପାପୋଛା କରୁଥିଲେ। ଘରେ ଇଲେକ୍ଟ୍ରି ସୁଉଚ୍ଚ ବୋର୍ଡ ତଳେ ଏକ ଆଲୁମିନିୟମ ବାକ୍ସ ରହିଥିଲା। ସୁଇଚ୍ଚ ବୋର୍ଡରେ ପିଲାମାନେ ମୋବାଇଲ ଚାର୍ଜ କରିବା ପାଇଁ ଚାର୍ଜର ଗୋଞ୍ଜି ଥିବାବେଳେ କୌଣସି କାରଣରୁ ଆଲୁମିନିୟମ ବାକ୍ସଟି ଚାର୍ଜ ହୋଇଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅହଲ୍ୟା ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଟା'ରେ ନିଶା ଦେଇ ମୂର୍ତ୍ତି କାରିଗରଙ୍କଠାରୁ ଲୁଟ୍


**କେନ୍ଦୁଝର,୨୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ):**

- ଗ୍ରାହକ ସାଜି ଲକ୍ଷାଧିକ ଟଙ୍କା, ମୋବାଇଲ ନେଇ ଫେରାର
- ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ରାତିରେ ଜଣେ ମୂର୍ତ୍ତି କାରିଗରଙ୍କୁ ଚା'ରେ ନିଶା ଦେଇ ଲକ୍ଷାଧିକ ଟଙ୍କା ସହ ମୋବାଇଲ ଲୁଟ୍ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଲୁଟେରା ଜଣକ ଗ୍ରାହକ ସାଜି ଏଭଳି ଲୁଟ୍ କରିଛନ୍ତି। ଲୁଟ୍‌ର ଶିକାର ହୋଇଥିବା କାରିଗର ହେଲେ ସଦର ବ୍ଲକ ଅଧୀନ ନେଲୁଙ୍ଗ ଗ୍ରାମର ଦିଲୀପ କୁମାର ରଣା। ଏନେଇ ତାଙ୍କ ପୁଅ ଆଶୁତୋଷ ବୁଧବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଦିଲୀପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓମ୍‌ଫେଡ୍ ପାଳର ନିକଟ ଫୁଟ୍‌ପାଥ୍‌ରେ ଗଣେଶ ମୂର୍ତ୍ତି ରଖି ବିକ୍ରି କରୁଥିଲେ। ମଙ୍ଗଳବାର ରାତି ସାଢ଼େ ୮ଟା ବେଳେ ମୂର୍ତ୍ତି ବିକ୍ରି କରୁଥିବା ବେଳେ ଜଣେ ବ୍ୟକ୍ତି ଆସି କେତେକ ମୂର୍ତ୍ତି କିଣିବା ନେଇ ମୂଲଚାଲ କରିଥିଲେ। ଏହାପରେ ଗ୍ରାହକ ଜଣକ ଦିଲୀପଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ବରଗଛ ମୂଳକୁ ଡାକି ମୂର୍ତ୍ତିର ମୂଲ୍ୟ ହିସାବ କରିଥିଲେ। ସେ ତାଙ୍କୁ ଚା' ପିଇବାକୁ ଦେଇଥିଲେ। ସେହି ଚା' ପିଇ ଦିଲୀପ ସେଠାରେ ଅଚେତ ହୋଇପଡ଼ିଥିଲେ। ଏହି ସମୟରେ ଲୁଟେରା ତାଙ୍କଠାରୁ ମୋବାଇଲ ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଅଚେତ ଦିଲୀପଙ୍କୁ ରାତିରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବୁଧବାର ସକାଳେ ତାଙ୍କ ଚେତା ଫେରିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଚା'ରେ ନିଶା ବଟିକା ଦେଇ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାର ସବୁ ଦିଗରୁ ତଦନ୍ତ କରାଯାଉଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ପ୍ରକାଶଥାଉ କି, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅଫିସ ଛୁଟି ପରେ ମେଲା ହୋଇପଡୁଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ମଦ୍ୟପମାନେ ଅବାଧରେ ମଦ ପିଇ ବୋତଲ ଏଣେତେଣେ ଫିଙ୍ଗୁଛନ୍ତି। ଏପରିକି ଅନେକ ଲୋକ ସେଠାରେ ଗାଡ଼ି ପାର୍କିଂ କରି ବୁଲୁଥିବା ଦେଖିବାକୁ ମିଳେ। ତେବେ କାର୍ଯ୍ୟାଳୟ ଓ ସାମ୍ନା ଟ୍ରାଫିକ ପରିସରରେ ଲାଗିଥିବା ସିସିକ୍ୟାମେରା ସବୁ ଚାଲୁ ନ ଥିଲେ ହେଁ ସଜଡ଼ା ଯାଉନାହିଁ। ଫଳରେ ରାତିରେ କିଏ ଯାଉଛନ୍ତି ଓ ଆସୁଛନ୍ତି କିମ୍ବା ଅସାମାଜିକ କାର୍ଯ୍ୟ ସମ୍ପର୍କରେ ଜଣାପଡୁ ନାହିଁ ବୋଲି ଅଭିଯୋଗ ହେଉଛି।


# ପୂଜା ପାଇଲେ ବିଘ୍ନବିନାଶକ


ଲାଲବଜାର ରାଜା କମିଟି


ମଧୁବନ



ଏମ୍‌ପିସି କଲେଜ ମେନ୍‌ରୋଡ୍


ତୁଳସୀ ଚଉରା


ଟ୍ରାଫିକ୍ ଛକ ମାର୍କେଟ

ବାରିପଦା,୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ସରକାରୀ ଓ ବେସରକାରୀ ସ୍କୁଲ, ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘ ଆନୁକୂଲ୍ୟରେ ବିଘ୍ନନାଶକ ପୂଜା ପାଇଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ଦିନ ତମାମ ପୂଜାସ୍ଥଳଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ସହରର ତୁଳସୀ ଚଉରା ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୨୦ହଜାର ଟିକିଲିରେ ନିର୍ମିତ ଗଜାନନଙ୍କୁ ଦେଖିବା ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଏଠାରେ ମହାରାଷ୍ଟ୍ର ପରମ୍ପରା ଅନୁଯାୟୀ ପୂଜା ହେଉଥିବା ବେଳେ ୧୦ଦିନ ଧରି ମେଳା ମହୋତ୍ସବ ଅନୁଷ୍ଠିତ ହେବ। ସୁସ୍ୱାଦୁ ଖାଦ୍ୟଠାରୁ ଆରମ୍ଭ କରି ଘରକରଣା ଉପକରଣ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ସେହିପରି ସହରର ଲାଲବଜାର ରାଜା ପକ୍ଷରୁ ୮ଦିନ ଧରି ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ସହରର ଗାନ୍ଧିପାର୍କ, ଆଶ ମିଶ କ୍ଲବ ମାର୍କେଟ, ଆମ ଖଟିପିଲା ସ୍ୱରୂପ ନଗର, ଭଞ୍ଜପୁର, ବଡ଼ବଜାର ଆଦି ସ୍ଥାନରେ ଆଲୋକମାଳାରେ ସୁସଜ୍ଜିତ ତୋରଣଗୁଡିକ ଦେଖିବା ପାଇଁ ସନ୍ଧ୍ୟାରେ ଜନଗହଳି ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସ୍ଥାନରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ନିମନ୍ତେ ବାରିପଦା ଟାଉନ ଓ ଭଞ୍ଜପୁର ପୋଲିସ ମୃତୟନ ହୋଇଛନ୍ତି।


ଝାରପୋଖରିଆର ଘିଆଯୋଡ଼ିସ୍ଥିତ ଟିମ୍ ବିଶ୍ୱରାଜ ମଣ୍ଡପରେ ପୂଜା ପାଉଥିବା ବିଘ୍ନରାଜ।

## ଗଜାନନଙ୍କ ପୂଜାର୍ଚ୍ଚନା

ଉଦଳା,୨୭।୮(ସନ୍ତୋଷ କୁମାର ବାଛିନୀ)

ଉଦଳାରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହୋଇଛି। ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟ, କଲେଜ ସହିତ ଶିକ୍ଷାନୁଷ୍ଠାନରେ ପୂଜା ପାଳିତ ହୋଇଛି। ନବଜ୍ୟୋତି କ୍ଲବ ଏବଂ ମେଣ୍ଢାଖାଇ ଗୋଡି ପୋଖରୀ ଗଣେଶ ପୂଜା ମେଢ଼ ସହିତ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ଉଦଳା ଗଣେଶ ମନ୍ଦିରରେ ବୁଧବାର ସକାଳୁ ବିଦ୍ୟାର୍ଥୀମାନେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିବା ସହିତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବେତନଟୀ,୨୭।୮(ଧରଣୀ ଧର ମହାନ୍ତି): ବେତନଟୀଙ୍କୁ ଏନ୍‌ଏସି ଘୋଷଣା ନେଇ ଗୃହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ବେତନଟୀ ବଙ୍ଗାଳଛକଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବେତନଟୀର ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ଭାଜପା କର୍ମୀମାନେ ବାଜା ବଜେଇ, ବାଣ ଫୁଟାଇ ମନ୍ତ୍ରୀଙ୍କୁ ଫୁଲହାର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୂର୍ବତନ ମଣ୍ଡଳ ସଭାପତି ରାଜକିଶୋର ସାହାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ପ୍ରଦୀପ ପରିଡା, ଜଗବନ୍ଧୁ ପଣ୍ଡା, ରଣଜିତ ପ୍ରଧାନ, ଅଲୟ ପ୍ରଧାନ, ସଞ୍ଜୟ ବେହେରା, ବୁଲୁ ନାୟକ, ବାବୁଲି ସାହୁ, ମନରଞ୍ଜନ ରାଉତ, କୁନା ମହାନ୍ତ, ବେତନଟୀ ଯୁବମୋର୍ଚ୍ଚା ସଭାପତି ଶିଶିର କୁମାର ବେହେରା, ଅମ୍ବିକା ବାରିକ, ଯୁବ ସଂଗଠକ ମାନସ ପଟ୍ଟନାୟକ, ପୁନିତ କ୍ରିଷ୍ଣା ସାହୁ, ପଙ୍କଜ ଦାଶଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ସୁନୀଲ ଖଣ୍ଡେଲୱାଲ, ପ୍ରକାଶ ବେହେରା, ଶୈଳେନ୍ଦ୍ର ଖଣ୍ଡେଲୱାଲ, ଛତିଶ ସାହୁ, ଭାଗିରଥି ପଣ୍ଡିତ, ଜୟନ୍ତ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ସଚ୍ଚିଦାନନ୍ଦ ମହାନ୍ତି, ରାଜେଶ ଖଣ୍ଡେଲୱାଲ ଉପସ୍ଥିତ ଥିଲେ। ବିଭିନ୍ନ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଂଘ, ସିଭିଲ ସୋସାଇଟି, ଆମେ ୩୧, ଏକାଠି ୯, ମାରୱାଡ଼ି ଯୁବମଞ୍ଚ, ବ୍ୟବସାୟୀ ସଂଘ, ବଣିକ ସଂଘ, ରେଲୱେ ପାସେଞ୍ଜର ଫୋରମ, ରୋଟାରୀ କ୍ଲବ, ଓକିଲ ସଂଘର ସଦସ୍ୟଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଓ ଖବରଦାତା ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ୨ ବଖରା ଜଳିଗଲା, ବୃଦ୍ଧା ଗୁରୁତର

ଗୋପବନ୍ଧୁ ନଗର,୨୭।୮(ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗଡ଼ିଆମାଳ ଗ୍ରାମର ସୁକୁଲ ମାରାଣ୍ଡି ଓ ଶାବ ମାରାଣ୍ଡିଙ୍କ ୨ ବଖରା ଚାଳଘର ଅଗ୍ନିକାଣ୍ଡରେ ଜଳିଯାଇଛି। ଘର ଶୋଇଥିବା ସେମାନଙ୍କ ମା' ସବା ମାରାଣ୍ଡି (୭୦) ଘରୁ ବାହାରି ନ ପାରିବାରୁ ୫୦ ପ୍ରତିଶତ ପୋଡି ଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ଚୁଲିରୁ ନିଆଁ ଉଠି ଚାଳକୁ ଧରିଥିଲା। ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗର କର୍ମଚାରୀ ସୁମନ୍ତ ଦାସ, ରାମଚନ୍ଦ୍ର ମାରାଣ୍ଡି, ଲକ୍ଷ୍ମୀ ନାରାୟଣ ମୁର୍ମୁ, ହରିଶ ଚନ୍ଦ୍ର ହେମ୍ବ୍ରମ, ବିବେକାନନ୍ଦ ମଲ୍ଲିକ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗୁରୁତର ବୃଦ୍ଧା ଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାଲେଶର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

## ଡିସିସି ଚୟନ କମିଟିରେ ସ୍ଥାନ ପାଇଲେ ଅଂଶୁମାନ

ବାରିପଦା,୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଚୟନ କମିଟିରେ ପର୍ଯ୍ୟବେକ୍ଷକ ଭାବେ ଯୁବନେତା ଅଂଶୁମାନ ଦାସ ସ୍ଥାନ ପାଇଛନ୍ତି। ଏନେଇ ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି। ପ୍ରତି ଜିଲାରେ ଜିଲା ସଭାପତି ଚୟନ ପ୍ରକ୍ରିୟା ପାଇଁ ରାଜ୍ୟ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଉଛି। ଏହିକ୍ରମରେ ମୟୂରଭଞ୍ଜ ଜିଲାରୁ କନିଷ୍ଠ ଯୁବନେତା ଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ସେ ସ୍ଥାନ ପାଇଛନ୍ତି। କଂଗ୍ରେସ ଦଳର ଜଣେ ଦକ୍ଷ ଯୁବନେତା ଭାବେ ପୂର୍ବରୁ ମୟୂରଭଞ୍ଜ ଜିଲା ମଜଦୂର କଂଗ୍ରେସ ଯୁବ ସଭାପତି, ଜିଲା ଯୁବ କଂଗ୍ରେସ ସଭାପତି ରହି ସାରିଛନ୍ତି। ଏନେଇ କଂଗ୍ରେସ କର୍ମକର୍ତ୍ତାମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଅଂଶୁମାନ ଦାସ।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ଶ୍ରୀ ଅନୁପମ ଦାସ, ପିତା: ଅଜିତ କୁମାର ଦାସ, ବୟସ: ୫୦ ବର୍ଷ,** ଯିଏ କି **ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍‌ରେ ଜୋନାଲ୍ ହେଡ୍ ଭାବେ ତା୦୨।୦୬।୨୦୧୪ରୁ ୦୨।୦୮।୨୦୨୫ରିଖ ପର୍ଯ୍ୟନ୍ତ** କାର୍ଯ୍ୟରତ ଥିଲେ, ସେ ବର୍ତ୍ତମାନ ଆଉ ଏଲ୍‌ଆଇଏସ୍‌ର ଜଣେ କର୍ମଚାରୀ ନୁହନ୍ତି । ତାଙ୍କ ସହିତ କାରବାର କରୁଥିବା ବ୍ୟକ୍ତିମାନେ ସମ୍ପୃକ୍ତ କାରବାରକୁ ନିଜ ରିସ୍କରେ ସମ୍ପନ୍ନ କରିବେ ଏବଂ କୌଣସି ଆର୍ଥିକ ଅଥବା ଅନ୍ୟାନ୍ୟ ନେଣଦେଣ ପାଇଁ କମ୍ପାନୀ ଦାୟୀ ରହିବ ନାହିଁ।

**ଅଧିକୃତ ସ୍ୱାକ୍ଷରକର୍ତ୍ତା**
**ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍**


## ମୟୂରଭଞ୍ଜ ଟୁରିଜିମ୍ କନକ୍ଲେଭ୍



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରକୃତିର ଅନୁପମ ସୁନ୍ଦରତାର ଗନ୍ତାଘର ହେଉଛି ମୟୂରଭଞ୍ଜ ଜିଲା। ଶିମିଳିପାଳ ଜାତୀୟ ଉଦ୍ୟାନ, ମେଲାନିଷ୍ଟିକ ଟାଇଗର ଓ ଅନ୍ୟାନ୍ୟ ବିଭବକୁ ନେଇ ସମୃଦ୍ଧ ମୟୂରଭଞ୍ଜ ମାଟି। କିନ୍ତୁ ପର୍ଯ୍ୟଟନରେ ଅନେକ ସମ୍ଭାବନା ଥାଇ ମଧ୍ୟ ଏହା ଦୀର୍ଘବର୍ଷ ଧରି ଦୃଷ୍ଟି ଆଢୁଆଳରେ ରହିଥିଲା। ମୟୂରଭଞ୍ଜ ମାଟିରେ ଲୁକ୍କାୟିତ ଏହି ସବୁ ସ୍ଥାନଗୁଡ଼ିକୁ ଲୋକଲୋଚନକୁ ଆଣିବା ଓ ମୟୂରଭଞ୍ଜ ପର୍ଯ୍ୟଟନର ପ୍ରଚାର ପ୍ରସାର ନିମନ୍ତେ ୨୦୧୮ରେ ପ୍ରତିଷ୍ଠିତ ମୟୂରଭଞ୍ଜ ମିରର୍ ସଂଗଠନର ପ୍ରୟାସ କ୍ରମେ ମୟୂରଭଞ୍ଜରେ ଏବେ ପର୍ଯ୍ୟନ୍ତ ୮୫ଟି ଜଳପ୍ରପାତ ଓ ଶତାଧିକ ପର୍ଯ୍ୟଟନସ୍ଥଳୀ ଆବିଷ୍କୃତ ହୋଇଛି। ମୟୂରଭଞ୍ଜ ମିରର ହେଉଛି ଓଡ଼ିଶାର ପ୍ରଥମ ୟୁଟ୍ୟୁବ ଟ୍ରାଭେଲ ବ୍ଲଗିଂ ଚ୍ୟାନେଲ। ଏହାର ସପ୍ତମ ପ୍ରତିଷ୍ଠା ଦିବସ ଅବସରରେ ମୟୂରଭଞ୍ଜ ମିରର ମୟୂରଭଞ୍ଜ ଟୁରିଜିମ କନକ୍ଲେଭର ଆୟୋଜନ କରିଛି। ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏହି କନକ୍ଲେଭକୁ ଉଦ୍‌ଘାଟନ କରି ଏହା ମୟୂରଭଞ୍ଜ ପର୍ଯ୍ୟଟନକୁ ଭିନ୍ନ ଉଚ୍ଚତାକୁ ନେବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମୟୂରଭଞ୍ଜ ମିରର ଜିଲାର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ନିମନ୍ତେ ନେଇଥିବା ଯୁଗାନ୍ତକାରୀ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବାରିପଦା ପୌରପରିଷଦ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଆଗାମୀ ଦିନରେ ମୟୂରଭଞ୍ଜ ମିରର ସହ ମିଶି ପର୍ଯ୍ୟଟନ ସମ୍ପର୍କୀତ ଏକ ପୁସ୍ତିକା ପ୍ରକାଶନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପନଗରପାଳ ସୀମା ଦାସ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ବିଶ୍ୱଜିତ ମହାନ୍ତି, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଇନଟାକ ଓଡିଶା ଚାପ୍ଟରର ପ୍ରସିଦ୍ଧ ଇତିହାସ ଗବେଷକ ଡ. ଅନୀଲ ଧୀର ଯୋଗ ଦେଇଥିଲେ। ଏ ଅବସରରେ ଅନେକ ବିରଳ ସ୍ଥାନର ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୟୂରଭଞ୍ଜ ମିରର ପ୍ରତିଷ୍ଠାତା କୁମାରେଶ ନାୟକ,ଋଷିରାଜ ପଟ୍ଟନାୟକ, ଜିତ ପଟ୍ଟନାୟକ, ଆଭାସ ଦେ, ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ, ଅଂଶୁମାନ ଦାସ, ଅପର୍ଣ୍ଣା ସିଂହ, ସନତ ବାରିକ, ରଞ୍ଜିତ ପଲେଇ, ଅମିତ ପରିଡା, ବିଶ୍ୱଜିତ ପରିଚ୍ଛା ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।


**OFFICE OF THE**
**NOTIFIED AREA COUNCIL, PIPLI, DIST.: PURI**
Ph.: 06758-241442, E-mail ID: piplinac@gmail.com
No. C-967 **INVITATION FOR BID**
**e-PROCUREMENT NOTICE**
No. 1467 Dt.25.08.2025
Bid Reference No.: PIPILI-NAC-3(1)/2025-26
Bid Identification No.: 2025_ORULB_116418
1. Type of Works : Civil works as mentioned in DTCN
2. Total No. of Work : 1
3. Bid Value : As per DTCN
4. Period of Completion : 12 Months
5. Date and time Schedule :
Submission Start : From 12 hours of 29.08.2025
Submission End : 17 Hrs. of 17.09.2025
6. Opening of Bid in Online : From 11.00 A.M. of 18.09.2025 onwards
Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.
OIPR-13107/11/0008/2526 Sd./- Executive Officer, Pipli NAC



**P.G. TEACHING DEPARTMENTS**
**Utkal University of Culture**
SanskrutiVihar, Madanpur, Bhubaneswar-752054
E-mail: pgheaduuc@gmail.com Website: www.uuc.ac.in
No. CAD-1590 No.387 /dt.26.8.25
**SPOT ADMISSION NOTICE**
Spot admission to vacant seats in different P.G. Departments of MPA / MVA & General Studies of Utkal University of Culture, Sanskruti Vihar, Madanpur, Bhubaneswar for the Academic Session-2025-27 shall be made on 04.09.2025. Interested candidates are required to apply through on-line mode and report in the P.G. Office of the University in between 11.00 AM to 3.30 PM on 04.09.2025 positively with all original certificates and photo copies of the relevant documents. Details of the vacancy position in different Departments is available in University Website. For more details visit University website www.uuc.ac.in.
By order of the Hon'ble V.C.
Sd/-
OIPR-03005/11/0020/2526 Head, PG Teaching Departments, UUC



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.II, BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No. C.C. (R&B) - 02
e-Procurement Notice No. 15 of 2025-26
No. B-439: The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for **One** Number **Building** works to be received in online bidding, **Double** Cover System as detailed in: **https://tendersorissa.gov.in**. The details of bid documents will be available in the above website from **01.09.2025 to 5.00 P.M. of 15.09.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 16.09.2025** in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/corrigendum, if required, will be available only in the website.
Sd./- Superintending Engineer
OIPR-34088/11/0020/2526 BBSR (R&B) Division No.II, BBSR



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax: (0680) 2233683, e-mail: sernb1.ganjam@yahoo.com
No. B-426 **"e" Procurement Notice**
Bid Identification No. SE R&B Divn. No. I Bam 04/2025-26
Lr. No. 10237 Dtd.18.08.2025
Name of Work : E.I. Work
No. of Works : 20 (Twenty) Nos.
Estimated Cost : Approximately Rs.29.82 lakh
Period of Completion : 3 (Months) to 1 (One) year
Date and time of availability of bid document in the portal : From 10.00 hours of 02.09.2025 to 16.00 hours of 09.09.2025
Last date/time for receipt of bids in the portal : Upto 16.00 hours of 09.09.2025
Name & address of the Officer Inviting Bid : Superintending Engineer, Ganjam (R&B) Division No. I, Berhampur
Further details can be seen from the e-Procurement portal **https://tendersodisha.gov.in**.
Sd./- Superintending Engineer
Ganjam (R&B) Division No. I
Berhampur
OIPR-34109/11/0035/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR, AT: CHATRAPUR**
E-mail: eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
No. C-966 **Invitation for Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | Availability of Bid Document for Online Bidding To | Name & address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 200mm dia clear water rising main pipe line across railway track for filling ESR at Rikapalli with ancillary works, Chatrapur under State Plan - "BASUDHA" 2024-25 | Identification No. 20/03/SPH(C)/ 2025-26 Dt.22.08.2025 | 66.80 | 3 (Three) Calendar Months | 11.00 Hrs. of 01.09.2025 | 17.30 Hrs. of 16.09.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.17.09.2025 at 01.00 P.M.
Further dtails can be seen from the e-procurement portal **https://www.tenderorissa.gov.in**.
OIPR-13013/11/0020/2526 Sd./- Additional Chief Engineer (PH), P.H. Division, Bhanjanagar at Chatrapur



**Government of Odisha**
**Higher Education Department**
**Timeline for Phase-II e-Admission into P.G. Courses under SAMS in the Higher Education Institutions for the Academic Session 2025-26**

No. N-155: The timeline for Phase-II Admission into P.G. Courses for the session 2025-26 in the state Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website **www.samsodisha.gov.in**. Kindly refer the Common Prospectus (CP)/Guidelines available in the SAMS portal to know about the activities.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the Student login for providing fresh options on the website **www.samsodisha.gov.in** | 23 Aug 2025 (02.00 P.M.) |
| 2 | Last date for applying online Common Application Form (CAF) through **www.samsodisha.gov.in** | 03 Sept. 2025 (upto 11.45 P.M.) |
| 3 | Publication of provisional allotment of seats for 1st Round selection along with the list of waitlisted applicants (for the remaining upper choice HEIs - Waiting Rank Wise) in HEI's e-Space as per the actual vacancy as on 03.09.2025 | 09 Sept. 2025 (04.00 P.M.) |
| 4 | **For First (1st) Round Admission:** Reporting of selected applicants (with the downloaded intimation letter from their login) and payment of admission fees at the allotted institutions, directly in online mode (Net Banking/Bank Challan/NEFT/UPI etc.) for taking admission | 10 Sept. 2025 (10.00 A.M.) to 12 Sept 2025 (05.00 P.M.) |
| 5 | Data updation of the admitted students in the e-space by the respective Institutions (for First Round Admission) | 10 Sept. 2025 (10.00 A.M.) to 12 Sept. 2025 (11.45 P.M.) |
| 6 | Physical reporting of the interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person, however, a representative with valid ID proof may also be permitted to report on their behalf | 13 Sept. 2025 (10.00 A.M.) to 15 Sept. 2025 (02.00 P.M.) (Except Holiday) |
| 7 | Publication of merit list among the reported waitlisted applicants at their Notice Board/HEI website & communicate to the selected applicants via phone call/SMS | 16 Sept. 2025 (02.00 P.M.) |
| 8 | Reporting of the waitlisted applicants for validation of documents, Final Admission, Collection of Admission Fees directly by the HEIs in online mode (Net Banking/Bank Challan/NEFT/UPI etc.) & Admission updation of the waitlisted applicants in their e-space | 17 Sept. 2025 (10.00 A.M.) to 20 Sept. 2025 (05.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**
**N.B.:** Please go through the detailed P.G. Phase-II Guidelines available in SAMS P.G. Portal.
OIPR-11001/11/0104/2526 Sd./- Deputy Director, PTC Section



**ଖଡ଼ଗପୁର ମଣ୍ଡଳରେ ବିଜ୍ଞାପନ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-୨୦୨୫-୦୮ ତାରିଖ: ୨୬।୦୮।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ–ନିଲାମ ଆହ୍ୱାନ କରୁଛନ୍ତି: (୧) ମୌରିଗ୍ରାମ ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଦେଉଲଟି ଷ୍ଟେଶନ, ମାଦପୁର ଷ୍ଟେଶନ, ବାଲିଛକ ଷ୍ଟେଶନ, ଆମତା ଷ୍ଟେଶନ, ଆବାଦା ଷ୍ଟେଶନ, ହଳଦିଆ ଷ୍ଟେଶନ, କାଠି ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଗିରି ମଇଦାନ ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ରାମରାଜତଳା ଷ୍ଟେଶନ, କୁଲଗାଛିଆ ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, ହିଜଲି ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ ଓ ଭୋଗପୁର ଷ୍ଟେଶନଠାରେ ହୋର୍ଡିଂ/ବୋର୍ଡ ମାଧ୍ୟମରେ ହୋମ୍ ଏରିଆ ବାହାରେ (ଅର୍ଥାତ୍ ଷ୍ଟେଶନ ସର୍କୁଲେଟିଂ ଏରିଆ, ପ୍ଲାଟ୍‌ଫର୍ମ ଫେନ୍ସିଂ ବାହାରେ, ପ୍ଲାଟ୍‌ଫର୍ମ ବାହାରେ ଇତ୍ୟାଦି) ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୨) ସାନ୍ତ୍ରାଗାଛି ଷ୍ଟେଶନର ଦକ୍ଷିଣ ପାର୍ଶ୍ୱ ସର୍କୁଲେଟିଂ ଏରିଆରେ ବୁକିଂ ଅଫିସ୍ ନିକଟରେ ଗୋଟିଏ ଭିଡିଓ ୱାଲ୍/ଡିଜିଟାଲ ସ୍କ୍ରିନ୍‌ର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ମାଧ୍ୟମରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୩) ଦେଉଲଟି ଷ୍ଟେଶନ, ଆବାଦା ଷ୍ଟେଶନ, ହିଜଲି ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, କୁଲଗାଛିଆ ଷ୍ଟେଶନ, ବେଲଦା ଷ୍ଟେଶନ, ନଳପୁର ଷ୍ଟେଶନ, ହାଓଡ଼ା ଷ୍ଟେଶନ, ମାଦପୁର ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଫୁଲେଶ୍ୱର ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ, ବୀରଶିବପୁର ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ଉଲୁବେରିଆ ଷ୍ଟେଶନ ଓ ହଳଦିଆ ଷ୍ଟେଶନର ଷ୍ଟେଶନ ଏରିଆ ମଧ୍ୟରେ ବୋର୍ଡ, ଗ୍ଲୋ ସାଇନ୍, କିଓସ୍କ ଆଦି ଆକାରରେ ବାଣିଜ୍ୟିକ ବିଜ୍ଞାପନ (ଅଣ–ଡିଜିଟାଲ)ର ପ୍ରଦର୍ଶନ । (୪) ଖଡ଼ଗପୁର ମଣ୍ଡଳରେ ଚଳାଚଳ କରୁଥିବା ଦୁଇଗୋଟି ଇଏମ୍ୟୁ ରେକ୍‌ର ସାଇଡ୍ ୱାଲ୍‌ର ସମଗ୍ର ବାହ୍ୟ ପୃଷ୍ଠଭାଗ (ଝରକା ଓ ରେଳବାଇର ବାଧ୍ୟତାମୂଳକ ମାର୍କିଂଗୁଡ଼ିକୁ ଛାଡ଼ି)ରେ ଭିନାଇଲ୍ ରାପିଂ ଜରିଆରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୫) ଟ୍ରେନ୍ ନଂ. ୧୨୮୩୭/୧୨୮୩୮ (ହାଓଡା–ପୁରୀ ଏକ୍ସପ୍ରେସ୍)ର ଏସି ୩ ଟାୟର୍ ଏବଂ ସ୍ଲିପର୍ କୋଚ୍‌ଗୁଡ଼ିକର ଆଭ୍ୟନ୍ତରୀଣ ବେ'ରେ ଆର୍‌ଡିଏସ୍‌ଓର ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଭିନାଇଲ୍ ଷ୍ଟିକର୍ସ ଆକାରରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । **ନିଲାମ ତାରିଖ: ୧୨।୦୯।୨୦୨୫, ୧୦.୩୦ ଘଟିକାରୁ ୧୭.୨୦ ଘଟିକା ପର୍ଯ୍ୟନ୍ତ । ନିଲାମ କାଟାଲଗ୍ ନଂ.: ଏଡିଭିଟି-କେଜିପି-୨୫-୦୮** ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଆଗ୍ରହୀ ପକ୍ଷ ଓ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ–ନିଲାମ ବିଜ୍ଞପ୍ତିର ବିବରଣୀ ଓ ତତ୍–ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ (ଯଦି ଥାଏ) ପାଇଁ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

(PR-559) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ


See Career Appointment on every Wednesday & Saturday

# କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷଙ୍କୁ ଖୋଜୁଛି ସୁରଟ ପୋଲିସ

■ ଗାଁରେ କଳି, ରାଜ୍ୟ ବାହାରେ ଗୁଳି
■ ପଦବୀରୁ ହଟିବାକୁ ଦାବିକଲା ବିଜେଡି


ବୀରେନ୍ଦ୍ର ଖଟେଇ

କବିସୂର୍ଯ୍ୟନଗର,୨୭।୮(କୃପାସିନ୍ଧୁ ବେହେରା)

ସୁରଟରେ କପଡ଼ା ଦୋକାନ କରିଥିବା ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକର ନାଡୁଣୀବାଡ଼ି ଗ୍ରାମର ଉଗ୍ରପ୍ରସାଦ ସାହୁଙ୍କୁ ଗୁଳିମାଡ଼ ଘଟଣାରେ ବ୍ଲକ ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇଙ୍କୁ ସୁରଟ ପୋଲିସ ଖୋଜୁଛି। ଉଗ୍ରପ୍ରସାଦଙ୍କ ଉପରକୁ ୩ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସୁରଟର ଏକ ମେଡିକାଲରେ ତାଙ୍କ ପେଟରୁ ଦୁଇଟି ଗୁଳି ବାହାର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ରହିଛନ୍ତି। ଉଗ୍ରପ୍ରସାଦଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏଥିରେ ବୀରେନ୍ଦ୍ରଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଥିବାରୁ ତାଙ୍କୁ ଏବଂ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୁରଟ ପୋଲିସ କହିଛି। ଅନ୍ୟପଟେ ବୀରେନ୍ଦ୍ର ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିବା ନେଇ ବିଜେଡି ଅଭିଯୋଗ କରିଛି। ବୀରେନ୍ଦ୍ରଙ୍କୁ ଅଧ୍ୟକ୍ଷ ପଦରୁ ହଟାଯାଇ ଉପଜିଲାପାଳ ତୁରନ୍ତ ବ୍ଲକ ଦାୟିତ୍ୱ ନେବାକୁ ଗଞ୍ଜାମ ଜିଲା ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଦାବି କରିଛନ୍ତି।

କବିସୂର୍ଯ୍ୟନଗର ସୁବଳୟା ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ ବୀରେନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ନିର୍ବାଚିତ ହୋଇଥିଲେ। ପରେ ସେ ବ୍ଲକ ଉପାଧ୍ୟକ୍ଷ ହୋଇଥିଲେ। ତାଙ୍କ ଗ୍ରାମ ନାଡୁଣୀବାଡ଼ିରେ ଗତ ମେ ୧୨ ତାରିଖରେ ଯଜ୍ଞ ଚାଲିଥିବାବେଳେ ସେ ଗାଁ ସଭା ଡକାଇଥିଲେ। ସଭାରେ କୌଣସି କଥାକୁ ନେଇ ବୀରେନ୍ଦ୍ରଙ୍କ ସହ ନବୀନ ରାଉତଙ୍କ କଥାକଟି ହୋଇଥିଲା। ନବୀନଙ୍କ ସପକ୍ଷରେ ଉଗ୍ରପ୍ରସାଦ ବାହାରିବାରୁ ସେ ଟାର୍ଗେଟକୁ ଆସିଥିଲେ। ମେ ୧୩ ତାରିଖରେ ଉଗ୍ରପ୍ରସାଦଙ୍କ ପରିବାରକୁ ବୀରେନ୍ଦ୍ର ଗାଁରୁ ବାସନ୍ଦ କରିଥିଲେ। ଉଗ୍ରପ୍ରସାଦ ସୁରଟରେ ଜୀବନ ପ୍ରଧାନ ନାମକ ଜଣେ ଯୁବକଙ୍କ ସହ ମିଶି କପଡ଼ା ଦୋକାନ କରିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇ ଦୁହେଁ ଅଲଗା ହୋଇଥିଲେ। ଜୀବନଙ୍କ ମନରେ ପ୍ରତିଶୋଧ ନିଆଁ ଜୁଳୁଥିଲା। ତାଙ୍କ ସହ ମିଶି ବୀରେନ୍ଦ୍ର ପ୍ରତିଶୋଧ ନେବାପାଇଁ ଯୋଜନା କରିଥିଲେ। ସେ ତାଙ୍କର ଦୁଇ ସମ୍ପର୍କୀୟ ଶୈଳଶ୍ରୀ ଖଟେଇ ଓ ଶିବାଜୀ ଖଟେଇଙ୍କୁ ଦେଶୀ ବନ୍ଧୁକ ଦେଇ ସୁରଟ ପଠାଇଥିଲେ। ଗତ ୧୩ ତାରିଖ ରାତି ୯ଟାରେ ଉଗ୍ରପ୍ରସାଦ ଲୁଗା ଦୋକାନ ବନ୍ଦକରି ଯାଉଥିଲେ। ଏହି ସମୟରେ ଶୈଳଶ୍ରୀ ଓ ଶିବାଜୀ ଏକ ବାଇକରେ ଆସି ପିପୋଦରା ଜିଆଇଡ଼ିସି ଛକରେ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ବର୍ତ୍ତମାନ ସୁଦ୍ଧା ବୀରେନ୍ଦ୍ର, ଜୀବନ, ଶୈଳଶ୍ରୀ ଓ ଶିବାଜୀ ଫେରାର ଥିବା ଜଣାପଡ଼ିଛି। ଉଗ୍ରପ୍ରସାଦ ଦୋକାନରୁ ବାହାରିବା ଖବର ଦେଇଥିବା ଅମିତ ସିଂ ଓ ଗୁଳିମାଡ଼ କରିଥିବା ୨ ଅଭିଯୁକ୍ତଙ୍କୁ ଲୁଚାଇ ରଖିଥିବା ଦେବାଶିଷ ନାହାକଙ୍କୁ ସୁରଟ ପୋଲିସ ଗିରଫ କରିଛି। ଉଭୟଙ୍କୁ ୫ଦିନ ପାଇଁ ରିମାଣ୍ଡରେ ନେଇ ବହୁ ତଥ୍ୟ ହାସଲ କରିବା ପରେ ବୀରେନ୍ଦ୍ରଙ୍କୁ ଧରିବା ପାଇଁ ସୁରଟ ପୋଲିସର ଏକ ଟିମ୍ ୪ଦିନ ତଳେ ଓଡ଼ିଶା ଆସିଥିଲା। ସ୍ଥାନୀୟ ପୋଲିସ ସହାୟତାରେ ବୀରେନ୍ଦ୍ରଙ୍କ ଘର ଉପରେ ଚଢ଼ାଉ କରିଥିବାବେଳେ ସେ ଏନେଇ ଖବର ପାଇ ଫେରାର ହୋଇଯାଇଥିଲେ। ତେଣୁ ତାଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଟ୍ରାପ୍ କ୍ୟାମେରାର କମାଲ

# ଯିଏ ପଶୁଛି ସିଏ ଫସୁଛି

## ୨ ଶିକାରୀ ଗିରଫ, ଦେଶୀବନ୍ଧୁକ ସହ ମାରଣାସ୍ତ୍ର ଜବତ

ନୀଳଗିରି, ୨୭।୮(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ ଓ ମାରଣାସ୍ତ୍ର।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଟ୍ରାପ୍ କ୍ୟାମେରା। ଝରଣାଘାଟି ସେକ୍ସନ ଚେମଚଟା ବିଟ୍ କଙ୍କଡ଼ାବିଲ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜାଯାଇଥିବା ଦୁଇଟି ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅଗଷ୍ଟ ୯ତାରିଖ ଭୋର ୫ଟା ୫ ମିନିଟ୍‌ରେ ବାଲେଶ୍ୱର ଜିଲା ଔପଦା ଥାନା ଦରଖୋଳି ଅଞ୍ଚଳ ପିଣ୍ଡାବସା ଗ୍ରାମର ଦାମ ସମଦ(୨୩) ଓ ସୁଦର୍ଶନ ବିଶ୍ୱାଳ (୫୮) କୁଲଡିହା ରେଞ୍ଜରେ ପ୍ରାଣୀ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଥିଲେ। ଗତ ଅଗଷ୍ଟ ୨୬ତାରିଖ ସକାଳ ୬ଟା ୧୫ମିନିଟ୍‌ରେ କୁଲଡ଼ିହା ବନବିଭାଗ ଏବଂ ସୋର ବନବିଭାଗର କର୍ମଚାରୀ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀବନ୍ଧୁକ, କାଣ୍ଡ, ଧନୁତୀର, କୁରାଢ଼ି, କତା, ହରିଣ ଶିଙ୍ଗ, ଛୁରୀ, ଫାଶ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରି ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କୋର୍ଟଚାଲାଣ କରିଛି। ଏନେଇ କୁଲଡ଼ିହା ବନ୍ୟପ୍ରାଣୀ ରେଞ୍ଜ ଓଆର୍ ମାମଲା (ନଂ.୦୮କେ ୨୦୨୫-୨୬) ଅନୁଯାୟୀ ଅଧିକ ତଦନ୍ତ ଜାରି ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି।

# ମୂର୍ତ୍ତି କାରିଗରଙ୍କଠାରୁ ୧୨ ଲକ୍ଷ ଚୋରି

ଉମରକୋଟ, ୨୭।୮(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ରହୁଥିବା ରାଜସ୍ଥାନର ଏକ ମୂର୍ତ୍ତି କାରିଗରଙ୍କ ଘରୁ ମଙ୍ଗଳବାର ରାତିରେ ଟଙ୍କା ପେଡି ଚୋରି ହୋଇଯାଇଛି। ଏ ନେଇ ବୁଧବାର ସକାଳେ ମୂର୍ତ୍ତି କାରିଗର ବଂଶୀଲାଲ ବାବ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ପେଡ଼ିରେ ପ୍ରାୟ ୧୨ ଲକ୍ଷ ଟଙ୍କା ଥିବା ଏତଲାରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୯ ବର୍ଷ ହେବ ରାଜସ୍ଥାନରେ ମଙ୍ଗଲି ଦେଇଙ୍କ ପରିବାର ପାର୍ବଣ ସମୟରେ ଉମରକୋଟକୁ ଆସି ମୂର୍ତ୍ତି ତିଆରି କରନ୍ତି। ଚଳିତ ବର୍ଷ ପ୍ରାୟ ୬ ମାସ ତଳେ ୧୫ ଜଣ ଉମରକୋଟକୁ ମୂର୍ତ୍ତି ତିଆରି କରିବାକୁ ଆସିଥିଲେ। ସେମାନେ ଯୁଭି ୩ ଡଙ୍ଗରୀଗୁଡ଼ାରେ ରହି ମୂର୍ତ୍ତି ତିଆରି ଓ ବିକ୍ରୀ କରନ୍ତି। ଗଣେଶ ପୂଜା ପାଇଁ ମଙ୍ଗଳବାର ମୂର୍ତ୍ତି କିଣିବାକୁ ଲୋକଙ୍କ ଭିଡ଼ ଥିଲା। ମଙ୍ଗଳବାର ରାତି ୨ଟା ପର୍ଯ୍ୟନ୍ତ ମୂର୍ତ୍ତି ବିକ୍ରୀ ଚାଲିଥିଲା। ସେମାନେ ସବୁ ବିଳମ୍ବିତ ରାତି ୩ଟାରେ ଶୋଇଥିଲେ। ତେବେ ସକାଳେ ଉଠିବା ବେଳକୁ ତାଙ୍କର ଟଙ୍କା ପେଡ଼ି ନ ଥିବା ଦେଖି ଆଖପାଖରେ ଖୋଜାଖୋଜି କରିଥିଲେ। ଟଙ୍କା ପେଡ଼ି ନ ମିଳିବାରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ କେସ୍ ନଂ.୨୮୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୂର୍ତ୍ତୀ କାରିଗର ପରିବାରର ମୁଖ୍ୟ ମଙ୍ଗଲି ଦେବୀ କହିଛନ୍ତି ରଙ୍ଗ, ପ୍ଲାଷ୍ଟର ପ୍ୟାରିସ ଉଧାରରେ ଆଣି ମୂର୍ତ୍ତି ତିଆରି କରିଥିଲୁ। ଏବେ ଟଙ୍କା କେମିତି ଶୁଝିବୁ ବୋଲି ସେ ଦୁଃଖର ସହ କହିଛନ୍ତି। ଏସ୍‌ଆଇ ଶିବଜି ପ୍ରସାଦ ପଣ୍ଡା କହିଛନ୍ତି ସବୁ ଦିଗକୁ ନେଇ ତଦନ୍ତ ଚାଲିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର(ନବୀନ ସାହୁ/ସତ୍ୟରଞ୍ଜନ ପ୍ରଧାନ), ୨୭।୮

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ୧୦ ନଂ. ୱାର୍ଡ ସାନ୍ତିଆରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ବୋହୂଙ୍କୁ ମାରି ଶାଶୁ ଘର ଲୋକେ ଟାଙ୍ଗି ଦେଇଥିବା ନେଇ ବାପ ଘର ଲୋକେ ଅଭିଯୋଗ ଆଣିଛନ୍ତି। ସବ୍ୟସାଚୀ ଦାସ ୨୦୨୧ରେ ବାଲେଶ୍ୱର ଗୋପାଳଗାଁର ମୋନାଲିସା ଦାସ (୩୨)ଙ୍କୁ ବିବାହ କରିଥିଲେ। ତାଙ୍କର ଅଢ଼େଇ ବର୍ଷର ଏକ ଶିଶୁପୁତ୍ର ରହିଛି। ମୋନାଲିସାଙ୍କ ସ୍ୱାମୀ ସବ୍ୟସାଚୀ ପେଶାରେ ଜଣେ ଓକିଲ। ବିବାହ ବେଳେ ଦାବି ମୁତାବକ ଯୌତୁକ ମୋନାଲିସାଙ୍କ ବାପ ଘରଲୋକ ଦେଇଥିଲେ। କିନ୍ତୁ ମୋନାଲିସାଙ୍କୁ ସବୁ ସମୟରେ ଶାଶୁଘର ଲୋକେ ନିର୍ଯାତନା ଦେବା ସହିତ ପୋଷଣଯୁକ୍ତ ଖାଦ୍ୟ ଦେଉ ନ ଥିଲେ। ଶାଶୁଘର ଲୋକେ ମାରିଦେଇଥିବା ମୋନାଲିସାଙ୍କ ଭାଇ ତାପସ ରଞ୍ଜନ ଦାସ ବୁଧବାର ସନ୍ଧ୍ୟାରେ ଜଳେଶ୍ୱର ଥାନାରେ ସ୍ୱାମୀ, ଶଶୁର, ଶାଶୁ, ଦିଅରଙ୍କ ନାମରେ ଅଭିଯୋଗ କରିଛନ୍ତି।

# ପଶ୍ଚିମବଙ୍ଗ ଶ୍ରମିକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ

## ଲଟାବୁଦାରୁ ଗଳିତ ମୃତଦେହ ଜବତ କଲା ପୋଲିସ

ପୁରୁଷୋତ୍ତମପୁର,୨୭।୮(ସୀମାଞ୍ଚଳ ମିଶ୍ର)


ଘଟଣାସ୍ଥଳରେ ଏସ୍‌ଡିପିଓ, ଆଇଆଇସି ତଦନ୍ତ କରୁଛନ୍ତି।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର ଉପକଣ୍ଠ ପାଣ୍ଡିଆଛକ ନିକଟସ୍ଥ ଏକ ଲଟାବୁଦାରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଶ୍ରମିକ ରୂପେ କାର୍ଯ୍ୟ କରୁଥିବା ଲୋକମାନ ଶେଖ୍ (୪୫)। ତାଙ୍କ ଘର ପଶ୍ଚିମବଙ୍ଗ ମୁରଦାବାଦ ଜିଲା ସମରଗଞ୍ଜ ଥାନା ଅନ୍ତର୍ଗତ ଦେବଦାସପୁର ଗ୍ରାମରେ ବୋଲି ଜଣାପଡିଛି। ମୃତଦେହ ଜବତ ପରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ ନାୟକ ଓ ଆଇଆଇସି ରାଜେଶ ନାୟକ ଘଟଣା ସ୍ଥଳରେ ପହଞ୍ଚି ଏହାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରି ଖୋଳତାଡ କରିଥିଲେ। ଫଳରେ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା।

ତଦନ୍ତରୁ ଜଣାପଡିଛି, ପୁରୁଷୋତ୍ତମପୁର-ବ୍ରହ୍ମପୁର ମୁଖ୍ୟ ରାସ୍ତାର ପାଣ୍ଡିଆ ଛକ ନିକଟରେ ଥିବା ଋଷିକୁଲ୍ୟା ନଦୀର ବ୍ରିଜ ମରାମତି କାର୍ଯ୍ୟ ହରକୁଲସ୍ ଷ୍ଟ୍ରକଚର ସିଷ୍ଟମ ନାମକ ସଂସ୍ଥା କରୁଛି। ଏଥିରେ ଶ୍ରମିକ ଭାବରେ ପଶ୍ଚିମବଙ୍ଗର କେତେ ଜଣ ବ୍ୟକ୍ତି କାର୍ଯ୍ୟ କରୁଥିଲେ। ସେମାନଙ୍କ ସହ ଲୋକମାନ ଶେଖ୍ ଥିଲେ। ଗତ ରବିବାର ରାତିରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା। ଲୋକମାନ ଶେଖ୍‌ଙ୍କୁ ଅନ୍ୟ କେତେ ଜଣ ଶ୍ରମିକ ମିଶି ମାରଣାସ୍ତ୍ରରେ ଆକ୍ରମଣ ସହ ହତ୍ୟା କରି ରାସ୍ତା ପାର୍ଶ୍ୱ ଲଟାବୁଦା ଭିତରେ ଫୋପାଡିଦେଇ ଫେରାର ହୋଇଯାଇଛନ୍ତି। ମୃତଦେହ ପଚି ଦୁର୍ଗନ୍ଧ ହେବାପରେ ଘଟଣା ପଦାକୁ ଆସିଛି। ନଂ. ୬୭୫/୨୫ରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲ ପଠାଇଛି। କାର୍ଯ୍ୟରେ ନିୟୋଜିତ ଥିବା ଅନ୍ୟଶ୍ରମିକ ଓ ଠିକା କମ୍ପାନୀର କର୍ମଚାରୀଙ୍କୁ ପୋଲିସ ପଚରାଉଚରା କରୁଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଅନ୍ୟ ଶ୍ରମିକ ଓ ଠିକାସଂସ୍ଥାର କର୍ମଚାରୀମାନେ ଏନେଇ ପୋଲିସକୁ ନ ଜଣାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

Business

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ନୂଆ ମାଇଲଖୁଣ୍ଟ

## ୧୪୮ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ

ଭୁବନେଶ୍ୱର,୨୭।୮(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷର ମାତ୍ର ୧୪୮ ଦିନ ମଧ୍ୟରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ କରି ପଣ୍ୟ ପରିବହନରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ୨୬ ସୁଦ୍ଧା ପୂର୍ବତଟ ରେଳପଥ ସଫଳତାର ସହିତ ୧୦୦.୫୫ ନିୟୁତ ଟନ୍ ପଣ୍ୟ ଅପସାରଣ କରିଛି। ଏହା ଗତ ବର୍ଷର ସମାନ ସମୟ ତୁଳନାରେ ୮% ଅଭିବୃଦ୍ଧିକୁ ଦର୍ଶାଇବା ସହ ୭.୪୩ ନିୟୁତ ଟନ୍ ଅଧିକ ପଣ୍ୟ ଅପସାରଣ କରିପାରିଛି। ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ୫୮.୧ ନିୟୁତ ଟନ୍ ପଣ୍ୟ ଅପସାରଣ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ୨୫.୪୬ ନିୟୁତ ଟନ୍ ଓ ସମ୍ବଲପୁର ରେଳ ମଣ୍ଡଳ ୧୭ ନିୟୁତ ଟନ୍ ପଣ୍ୟ ଅପସାରଣ କରିଛି। ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ଏବଂ ବନ୍ଦରଗୁଡିକର ଲଜିଷ୍ଟିକ ଆବଶ୍ୟକତାକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ରେଳପଥ ପାରାଦୀପ, ବିଶାଖାପାଟଣା, ଗଙ୍ଗାଭରମ, ଗୋପାଳପୁର ଏବଂ ଧାମରା ଭଳି ପ୍ରମୁଖ ବନ୍ଦରଗୁଡିକୁ ସେବା ପ୍ରଦାନ କରିଥାଏ ଏବଂ ଇସ୍ପାତ, ଶକ୍ତି, ଆଲୁମିନିୟମ, ସାର, ସିମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡିକର ପରିବହନ ଚାହିଦା ପୂରଣ କରିଥାଏ। ପୂର୍ବତଟ ରେଳପଥ ଦ୍ୱାରା ପରିବହନ କରିଥିବା ପ୍ରମୁଖ ଦ୍ରବ୍ୟଗୁଡ଼ିକ ମଧ୍ୟରେ କୋଇଲା, ଲୁହାପଥର, ଆଲୁମିନିୟମ, ମାଙ୍ଗାନିଜ ଏବଂ ବକ୍ସାଇଟ ରହିଛି। ଏହି ସଫଳତା ଆର୍ଥିକ ବର୍ଷ ୨୦୨୪-୨୫ (୧୬୦ ଦିନ) ତୁଳନାରେ ୧୨ ଦିନ ପୂର୍ବରୁ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ (୧୭୧ ଦିନ) ତୁଳନାରେ ୨୩ ଦିନ ପୂର୍ବରୁ ହାସଲ କରାଯାଇଛି।

# କଟକରେ ଭି-ଗାର୍ଡର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୨୭।୮ (ଅଭୟ ଦାଶ)



ଭି-ଗାର୍ଡ ଇଣ୍ଡିଆର ଏକ୍ସକ୍ଲୁସିଭ ଆଉଟଲେଟ (ଷ୍ଟୋର) ବୁଧବାର କଟକର ଚୌଧୁରୀ ବଜାରସ୍ଥିତ କେଉଟ ସାହିଠାରେ ଉଦଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଶ୍ରୀ ସାଇ ଇଲେକ୍ଟ୍ରିକାଲସ କଟକ ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ କରାଯାଇଛି। ଏହି ଅବସରରେ ଭି-ଗାର୍ଡ ଇଣ୍ଡିଆର ମୁଖ୍ୟ ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସାଇ ଇଲେକ୍ଟ୍ରିକାଲସର ମୁଖ୍ୟ ଇନ୍ଦର କୁମାର ଅଗ୍ରୱାଲ, ସୋହନ କୁମାର ଅଗ୍ରୱାଲ ଓ ମୋହନ କୁମାର ଅଗ୍ରୱାଲଙ୍କ ସମେତ ଭି ଗାର୍ଡ କମ୍ପାନୀର ସମସ୍ତ ଉଚ୍ଚ ପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ।

ଏ ନେଇ ସୁମନ୍ତ କୁମାର ପ୍ରଧାନ କହିଥିଲେ, କଟକରେ ଆମେ ଆମର ମେଗା ଶୋ'ରୁମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭି-ଗାର୍ଡର ସମସ୍ତ ଉତ୍ପାଦ ଏଠାରେ ଉପଲବ୍ଧ ହେବ। ସେହିପରି ଉଦଘାଟନୀ ଅବସରରେ ଭି-ଗାର୍ଡ ପ୍ରଡକ୍ଟସର ପ୍ରତ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ରହିଛି। ପ୍ରତ୍ୟେକ କ୍ରୟକର୍ତ୍ତାଙ୍କୁ ନିଃଶୁଳ୍କ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭି-ଗାର୍ଡର ଇନଭର୍ଟର ବ୍ୟାଟେରି ସାଙ୍ଗରେ ଗୋଟିଏ ଟ୍ରଲି ମାଗଣା ଉପହାର ଦିଆଯାଉଛି।

# ୨୦୪୭ ସୁଦ୍ଧା ସମସ୍ତଙ୍କ ନିକଟରେ ବୀମା

ଭୁବନେଶ୍ୱର,୨୭।୮

ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଅଭିନବ ତଥା ହେଲଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ରହିଛି।

ଏ ନେଇ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ କହିଛନ୍ତି, ଆମେ ଆମର ନୂତନ ଅଫରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। କିନ୍ତୁ ୨୦୪୭ ସୁଦ୍ଧା ସମସ୍ତଙ୍କ ନିକଟରେ ବୀମାର ମହତ୍ୱକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ ଜାରି ରହିଛି। ଏପରିକି ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ବିକଶିତ କରିବା ଜରୁରୀ ହୋଇପଡିଛି, ଏହା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବ। ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ଅଛନ୍ତି। ଆମେ ବିଶ୍ୱାସ କରୁ ଯେ ଚିନ୍ତାଶୀଳ ଭାବେ ଡିଜାଇନ୍ କରାଯାଇଥିବା ଏବଂ ଉପଯୁକ୍ତ ମୂଲ୍ୟର ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ କଭରେଜ୍‌କୁ ତ୍ୱରାନ୍ୱିତ କରିବା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଗ୍ରାମାଞ୍ଚଳରେ ଗ୍ରାମୀଣ ବ୍ୟାଙ୍କର ଉଲ୍ଲେଖନୀୟ ବ୍ୟାଙ୍କିଙ୍ଗ ସେବା




ଭୁବନେଶ୍ୱର,୨୭।୮

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଂଘ (ଓଜିବିଓଏ) ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ (ୟୁଜିବିଓଏ)ର ମିଳିତ ସାଧାରଣ ସଭା ନିକଟରେ ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଆଇଆରଆରବିଇଏ ଏବଂ ଏନଏଫଆରଆରବିଓର ସାଙ୍ଗଠନିକ ସମ୍ପାଦକ ମୟାଙ୍କ ବୈଦ୍ୟଙ୍କ ସମେତ ସାଧାରଣ ସମ୍ପାଦକ କୀର୍ତ୍ତି ରାଜ ହିଡକଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ତିନି ପ୍ରମୁଖ ମହାପ୍ରବନ୍ଧକ ବିଜୟ କେତନ ସାହୁ, ବାଲମୁକୁନ୍ଦ ପ୍ରସାଦ ଏବଂ ବାସୁଦେବ ରାଉତରାୟ ପ୍ରମୁଖ ଯୋଗ ଦେଇ ସଭାର ଆଭିମୁଖ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ସଂଘର ସଭାପତି ଅସିତ ଖଣ୍ଡାଇ ଏବଂ ଗୋପବନ୍ଧୁ ମଲ୍ଲିକ ପରିଚାଳନା କରିଥିଲେ। ସେହିପରି ଉଭୟ ସଂଘର ସାଧାରଣ ସମ୍ପାଦକ ପଦ୍ମଲୋଚନ ସାହୁ ଏବଂ ସାଗର ଗୁରୁ ବିସ୍ତୃତ ବିବରଣୀକୁ ଉପସ୍ଥାପନା କରିଥିଲେ। ଉଭୟ ସଙ୍ଗଠନ ମିଳିତ ଭାବେ ସମସ୍ତଙ୍କ ସହମତିରେ ନୂତନ ଭାବେ ସଙ୍ଗଠନର ନାମ ଆସୋସିଏଶନ ଅଫ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ(ଏଓଜିବିଓ) ବୋଲି ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରଫେସର ଚଣ୍ଡୀଚରଣ ରଥ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସେବାକୁ ସହଜ ଏବଂ ସୁବିଧାରେ ଯୋଗାଇ ଦେବାରେ ଗ୍ରାମୀଣ ବ୍ୟାଙ୍କର କିଭଳି ଯୋଗଦାନ ରହିଆସିଛି, ସେ ବିଷୟରେ ସେ ନିଜ ମତ ଉପସ୍ଥାପନ କରିଥିଲେ। ପରିଶେଷର ଓଡିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଦାୟିତ୍ୱ ସଭାପତି ରୂପେ ମାନଭଞ୍ଜନ ମିଶ୍ର ଏବଂ ସମ୍ପାଦକ ଭାବେ ପୀତବାସ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲାବେଳେ ଅନ୍ୟ ୧୦୬ ଜଣଙ୍କୁ ସଂଘର ସଦସ୍ୟ ରୂପେ ଚୟନ କରାଯାଇଥିଲା। ଏହି ସଭାରେ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ରହି ବ୍ୟାଙ୍କ ବିଷୟରେ ନିଜ ନିଜର ମତ ରଖିଥିଲେ। ପଦ୍ମଲୋଚନ ସାହୁ ଧନ୍ୟବାଦ ଅଭିଭାଷଣ ଦେଇଥିଲେ।

# ୧୮୧ଟଙ୍କାରେ ହୋମ୍ ଲୋନ୍ ସୁବିଧା

ଭୁବନେଶ୍ୱର,୨୭।୮

ଦେଶର ପ୍ରମୁଖ ଡିଜିଟାଲ ଫାଇନାନ୍ସିଆଲ ପ୍ଲାଟଫର୍ମ 'ଫୋନ୍‌ପେ'ର ବହୁ ପ୍ରତୀକ୍ଷିତ ତଥା ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହାକୁ ଘର ମାଲିକମାନଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଘରମାଲିକମାନେ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନର ଶୁଭାରମ୍ଭ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ହୋମ୍ ଲୋନ (ଗୃହ ବୀମା) ସୁବିଧା ଉପଲବ୍ଧ ଥିଲାବେଳେ ଫୋନ୍‌ପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ଏପରିକି ୧୦ ଲକ୍ଷ ଟଙ୍କାରୁ ୧୨.୫କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଞ୍ଚା ଓ ସେଥିରେ ଥିବା ସାମଗ୍ରୀଗୁଡ଼ିକୁ ବୀମାଭୁକ୍ତ କରିପାରିବେ। ଏ ସମ୍ପର୍କରେ ଫୋନପେ ଇନସ୍ୟୁରାନ୍ସ ବ୍ରୋକିଙ୍ଗ ସର୍ଭିସେସର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଭାରତର ଘର ମାଲିକାନା ଆକାଂକ୍ଷା ପୂର୍ବାପେକ୍ଷା ଆହୁରି ବୃଦ୍ଧି ପାଇଛି ଏବଂ ଫୋନପେ ଏହି ଯାତ୍ରାର ଏକ ଅଂଶ ହେବା ପାଇଁ ଆଗ୍ରହୀ ରହିଛି। ଏପରିକି ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବୀମାକୁ ପହଞ୍ଚଯୋଗ୍ୟ ଓ ସୁଲଭ କରିବାକୁ ପ୍ରତିବଦ୍ଧ ରହିଛୁ। ଆମର ନୂଆ ଗୃହ ବୀମା ଉତ୍ପାଦର ଶୁଭାରମ୍ଭ ସେହିଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି, ଏହା ଘର ମାଲିକଙ୍କୁ ନିଜର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ସଶକ୍ତ କରିଥାଏ। ଆମର ବିଶ୍ୱସନୀୟ ସମାଧାନ ସୁରକ୍ଷାର ଭବିଷ୍ୟତକୁ ପ୍ରତିନିଧିତ୍ୱ କରିଥାଏ ଏବଂ ଏକ ବିସ୍ତୃତ ଓ ସୁଲଭ କଭରେଜ ଯାହାକୁ ଫୋନପେ ମାଧ୍ୟମରେ କିଛି ମିନିଟରେ ହାସଲ କରାଯାଇପାରିବ। ସେହିଭଳି ଅଧିକାଂଶ ଗୃହ ବୀମା ଗୃହ ଋଣ ସହ ଜଡିତ ହୋଇ ରହିଥାଏ ଏବଂ ସେଗୁଡିକ ମହଙ୍ଗା ହେବା ସହ ସୀମିତ ନମନୀୟତା ଓ ପେପରୱର୍କର ଅତିରିକ୍ତ ବୋଝ ସହ ଆସିଥାଏ। ଅପରପକ୍ଷରେ ଫୋନପେ ଘର ମାଲିକଙ୍କୁ ବାଧାମୁକ୍ତ, ସ୍ୱଚ୍ଛ ଓ ପହଞ୍ଚଯୋଗ୍ୟ ସମାଧାନ ପ୍ରଦାନ କରି ଦକ୍ଷତାର ସହ ଏହି ଅନ୍ତରକୁ ଦୂର କରୁଛି। ଫୋନପେ ୧୦ଲକ୍ଷ ଟଙ୍କାରୁ ୧୨.୫କୋଟି ଟଙ୍କା ପର୍ଯ୍ୟନ୍ତ ଫ୍ଲେକ୍ସିବୁଲ କଭରେଜରେ ପ୍ରତ୍ୟେକ ଘର ଓ ବଜେଟ ସହ ମେଳ ଖାଇଥାଏ।

# ୨୯ରୁ ୨ ଦିନିଆ ଅନୁସୂଚିତ ଜାତି, ଜନଜାତି ଜାତୀୟ ସମ୍ମିଳନୀ

## ଉଦ୍‌ଘାଟନ କରିବେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା

ଭୁବନେଶ୍ୱର,୨୭।୮ (ରବିନାରାୟଣ ଜେନା)

ଆସନ୍ତା ୨୯ ତାରିଖଠାରୁ ରାଜ୍ୟରେ ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବାକୁ ରହିଥିବାବେଳେ ରାଜ୍ୟ ସଭାର ଉପାଧ୍ୟକ୍ଷଙ୍କ ସହିତ ଅନୁସୂଚିତ ଜାତି ଓ ଜନଜାତି କମିଟିର ସଦସ୍ୟ ଏବଂ ଉଭୟ ସଦନର ସଚିବମାନେ ଉପସ୍ଥିତ ରହିବେ। ଏହାସହିତ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନେ ଆସିବେ। ଏଥିରେ ଦେଶର ସବୁ ରାଜ୍ୟରୁ ୩୫୦ ଜଣ ଏମ୍‌ପି ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ସେନେଇ ବିଧାନସଭା ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାରଠାରୁ ବିଭିନ୍ନ ରାଜ୍ୟରୁ ସଦସ୍ୟମାନଙ୍କ ଓଡ଼ିଶା ଆଗମନ ଆରମ୍ଭ ହେବାକୁ ରହିଛି। ଏଥିଲାଗି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରସ୍ତୁତ ରହିବାକୁ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପତ୍ର ଲେଖି ଅବଗତ କରାଇଛନ୍ତି। ଏହି ସମୟ ମଧ୍ୟରେ ଅତିଥିମାନେ ରାଜ୍ୟ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନରେ ଯିବେ। ସେଠାରେ ଅତିଥିମାନଙ୍କୁ ସହାୟତା ଲାଗି ବିଭାଗ ପକ୍ଷରୁ ପ୍ରସ୍ତୁତ ରହିବାକୁ ସେ କହିଛନ୍ତି। ଏହାସହିତ ଜାତୀୟ ସମ୍ମିଳନୀରେ ଉଭୟ ବିଭାଗରେ ପ୍ରଣୟନ ହେଉଥିବା ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିବା ଲାଗି ସଚିବ କହିଛନ୍ତି।

# ସମୀକ୍ଷା ବୈଠକକୁ ନେଇ ସୋଫିଆ-ସୁବାସ ମୁହାଁମୁହିଁ

କଟକ,୨୭।୮(ଶିକ୍ଷା ପ୍ରିୟଦର୍ଶିନୀ)

**ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି: ସୋଫିଆ**

**ସୋଫିଆ ହେଉଛନ୍ତି ଆକ୍ସିଡେଣ୍ଟାଲ ବିଧାୟିକା: ସୁବାସ ସିଂ**



ବିଧାୟିକା ସୋଫିଆ ଫିର୍ଦ୍ଦୌସ।



ସିଏମ୍‌ସି ମେୟର ସୁବାସ ସିଂ।

ସିଏମ୍‌ସି ସମ୍ମିଳନୀ କକ୍ଷରେ ବିଧାୟିକା ସୋଫିଆ ଫିର୍ଦ୍ଦୌସ ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ବାଦ୍ ଦେଇ ସିଏମ୍‌ସି କମିଶନର କିରଣଦୀପ କୌର ସହୋତାଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଓ ଅଧିକାରୀଙ୍କ ସହ ସୋଫିଆଙ୍କ ବୈଠକକୁ ନେଇ ଖପ୍ପା ହୋଇଛନ୍ତି ମେୟର ସୁବାସ। ତେବେ ଏହା ପ୍ରଥମଥର ନୁହେଁ, ବରଂ ପୂର୍ବରୁ ହୋଇଥିବା ସମୀକ୍ଷା ବୈଠକକୁ ମଧ୍ୟ ମେୟରଙ୍କୁ ବିଧାୟିକା ଡାକି ନ ଥିଲେ। ଏଭଳି ଦ୍ୱିତୀୟଥର ହେବାରୁ ମେୟର ସୁବାସ ବିଧାୟିକାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବୈଠକରେ ମେୟରଙ୍କୁ ଡକା ନ ଯିବା ଘଟଣାରେ ବିଧାୟିକା ସୋଫିଆ କହିଛନ୍ତି, ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି। କାର୍ଯ୍ୟର ସମୀକ୍ଷା ଦାୟିତ୍ୱ ମେୟରଙ୍କର ରହିଛି, ହେଲେ ସେ ନିଜେ ଠିକ୍ ଭାବେ ସମୀକ୍ଷା କରିପାରୁନାହାନ୍ତି। ଫଳରେ ଅନେକ କାମ ହୋଇ ପାରୁନାହିଁ। ରାସ୍ତାଘାଟ ସମସ୍ୟାଠାରୁ ଆରମ୍ଭ କରି ଲୋକଙ୍କ ସମସ୍ୟା ସବୁ ଆମେ ବୁଝୁଛୁ। ମେୟର ସମସ୍ତ ବୈଠକରେ ଅଧାରୁ ଉଠି ପଳାଉଛନ୍ତି, ଲୋକଙ୍କ କଥା ବୁଝୁନାହାନ୍ତି, ସେ ତାଙ୍କ କାମ ଠିକ୍ ଭାବେ କରି ପାରୁନାହାନ୍ତି। ସିଏମ୍‌ସି କମିଶନର ଓ ଅଧିକାରୀମାନେ କାର୍ଯ୍ୟ ବିଷୟରେ ଅବଗତ କରିବେ, ଏଥିରେ ମେୟରଙ୍କ କୌଣସି କାମନାହିଁ। ମୁଁ ଜଣେ ବିଧାୟିକା ହିସାବରେ ସମୀକ୍ଷା କରି ପାରିବି, ସେଥିପାଇଁ ଆଜି ଏହି କାର୍ଯ୍ୟ କରିଛି ବୋଲି ଫିର୍ଦ୍ଦୌସ କହିଛନ୍ତି। ଏହାର କଡ଼ା ଜବାବ ଦେଇ ସୁବାସ କହିଛନ୍ତି, ସୋଫିଆ ଗୋଟେ ଆକ୍ସିଡେଣ୍ଟାଲ ବିଧାୟିକା। ତାଙ୍କୁ କେବଳ ସାନ ଭଉଣୀ ଭାବେ ଗ୍ରହଣ କରିଛି। ସେ ଇଟା ଖଣ୍ଡେ ଯୋଡି ପାରିନାହାନ୍ତି। ତାଙ୍କ ପରିବାର କଟକ ସହରକୁ ବିପର୍ଯ୍ୟସ୍ତକୁ ଠେଲି ଦେଇଛନ୍ତି। କଟକରେ ୧୮୬୦ଟି ପୋଖରୀ ଥିଲା, ହେଲେ ଏବେ ୧୫୦ଟି ପୋଖରୀ ନାହିଁ, ସବୁକୁ ପୋତିଦେଇ ବେପାର କରୁଛନ୍ତି। ବାପା ଓ ଝିଅ ଉଭୟ ମିଶି କଟକକୁ ଜଳମୁକ୍ତ କରିବେ ବୋଲି କହିଥିଲେ। ହେଲେ ସେ ଜାଣିରଖିବା ଉଚିତ୍ ଯେ କଟକକୁ ସେମାନେ ହିଁ ବିଦପକୁ ଠେଲି ଦେଇଛନ୍ତି। ବିଧାୟିକାଙ୍କ କାମ କେବଳ ପ୍ରସ୍ତାବ ଦେବା ଏବଂ କେଉଁ କାମ କେଉଁ ସ୍ଥିତିରେ ଅଛି ତାହା ପଚାରିବା। ବିଧାୟିକା କୌଣସି ଭାବେ ସମୀକ୍ଷା କରିପାରିବେ ନାହିଁ। ବିଧାୟକ ପାଣ୍ଠିକୁ ସିଏମ୍‌ସି ଅଞ୍ଚଳରେ ଖର୍ଚ୍ଚ ନ କରି ଅନ୍ୟ ସ୍ଥାନରେ ଦେଉଛନ୍ତି, ସେ କ'ଣ ସିଏମ୍‌ସି ବାବଦରେ କହିବେ। ତାଙ୍କ ବାପାଙ୍କୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଭଳି ବିଧାୟିକାଙ୍କୁ ଦେଖିବା କଟକବାସୀଙ୍କ ପାଇଁ ଏକ ଦୁର୍ଭାଗ୍ୟ ବୋଲି ସିଂ କହିଛନ୍ତି।

# ବିଦ୍ୟାଳୟରେ ନାଚୁଥିବା ବେଳେ ଟଳି ପଡ଼ିଲେ ଛାତ୍ର

**ଗଣେଶ ପୂଜାରେ ଅଘଟଣ**

ନୀଳଗିରି,୨୭।୮ (ପ୍ରଶାନ୍ତ ବିଶ୍ୱାଳ)



ପ୍ରିୟାଂଶୁ

ବୁଧବାର ଥିଲା ଗଣେଶ ପୂଜା। ସମସ୍ତେ ହସଖୁସିରେ ଗୀତର ତାଳେ ତାଳେ ନାଚି ମଜା ଉଠାଉଥିଲେ। ହେଲେ ନିମିଷକ ମଧ୍ୟରେ ଖୁସି ପାଣି ଫୋଟକା ପରି ମିଳେଇଗଲା। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଜଡ଼ିଦା ରାଧାମାଧବଜୀଉ ହାଇସ୍କୁଲରେ ନବମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ପ୍ରୀତମ ନାଚୁଥିବା ବେଳେ ହଠାତ୍ ପଡିଯାଇ ମୃତ୍ୟୁବରଣ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରିୟାଂଶୁଙ୍କ ଘର ସିଆଡ଼ିମାଳ ଗ୍ରାମରେ।

ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୫ ବର୍ଷୀୟ ପୁଅ ପ୍ରିୟାଂଶୁ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତଳେ ପଡ଼ିଯାଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଦୌଡି ଆସିଥିଲେ। ମାତ୍ର ସେହିଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ମା' ମାଳତୀ ଓ ବାପା ଲକ୍ଷ୍ମୀନାରାୟଣ ଦାସବାବୁଙ୍କର ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା: ସ୍ୱାମୀ ଗିରଫ

ବାଉଁଶୁଣୀ,୨୭।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ଗଡଭିତର ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବୀ ପ୍ରସାଦ ଥନାପତି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରଶନ୍ନ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗଡଭିତର ଜୈନିକା ମହିଳା ବଲାଙ୍ଗୀର ଜିଲାର ଦେବୀପ୍ରସାଦଙ୍କୁ ବିବାହ କରିଥିଲେ। ଉକ୍ତ ଦମ୍ପତି କିଛିବର୍ଷ ବଲାଙ୍ଗୀରରେ ରହିଥିଲେ। ପରେ ସେମାନେ ମହିଳାଙ୍କ ଗ୍ରାମ ଗଡଭିତରକୁ ଆସି ରହୁଥିଲେ। ଗତ ତା ୩।୭।୨୫ରିଖ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଦେବୀପ୍ରସାଦ ସ୍ତ୍ରୀର ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ସୋନପୁର ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ପରେ ମହିଳାଙ୍କ ପରିବାର ଲୋକେ ବାଉଁଶୁଣୀ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ନାବାଳକ ପେଟରୁ ତୀର ବାହାରକଲେ ଡାକ୍ତରୀ ଦଳ

ନୂଆପଡ଼ା,୨୭।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସୁନାବେଡା ପଞ୍ଚାୟତ ଯୋଗୀମୁଣ୍ଡା ଗାଁରେ ମଙ୍ଗଳବାର ଜଣେ ଯୁବକଙ୍କ ଧନୁତୀର ମାଡ଼ରେ ନାବାଳକ, ମହିଳାଙ୍କ ସମେତ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ମହିଳା ଶୁକ୍ରୁବାରୀ ପହରିଆ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଥିଲେ। ମଙ୍ଗଲୁ ପହରିଆଙ୍କ ପିଠିରେ ଲାଗିଥିବା ତୀର ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାର କରାଯାଇଥିଲା। ନାବାଳକ ସନ୍ତୋଷ ପହରିଆଙ୍କ ପେଟରେ ଲାଗିଥିବା ତୀର ସୁନାବେଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ବାହାର କରିବା ସମ୍ଭବ ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡା. ସ୍ୱସ୍ତିରେଖା ନାୟକ, ଡା. ରଶ୍ମିଜିତ ବେହେରା, ଡା. ସଚି ତ୍ରିପାଠୀ ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ଅସ୍ତ୍ରୋପଚାର କରି ନାବାଳକଙ୍କ ପେଟରୁ ତୀର କାଢିବାରେ ସଫଳ ହୋଇଛନ୍ତି। ୭ ସେମି ଲମ୍ବର ଏହି ତୀର ନାବାଳକଙ୍କ ପେଟରେ ୩.୫ ସେମି ଭିତରେ ପଶିରହିଥିଲା। ବର୍ତ୍ତମାନ ନାବାଳକ ସୁସ୍ଥ ହେବାରେ ଲାଗିଛନ୍ତି।

# ଝଞ୍ଜାବତୀରେ ଭାସିଗଲେ ନାବାଳକ

ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠସ୍ଥ ସିରିଗୁଡ଼ା ପାର୍ଶ୍ୱରେ ପ୍ରବାହିତ ଝଞ୍ଜାବତୀ ନଦୀରେ ଗାଧୋଇବା ସମୟରେ ଜଣେ ୯ ବର୍ଷର ନାବାଳକ ପାଣିରେ ଭାସି ନିଖୋଜ ହୋଇଯାଇଛନ୍ତି। ନାବାଳକ ହେଲେ ସିରିଗୁଡ଼ା ଗ୍ରାମର ରୋହନ ବିଡିକା। ରୋହନ ସ୍କୁଲରୁ ଫେରି ଘରେ କିଛି ନ କହି କେତେଜଣ ସାଙ୍ଗଙ୍କ ସହିତ ବୁଧବାର ଅପରାହ୍ନରେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ସମୟରେ ପ୍ରଖର ସ୍ରୋତରେ ସେ ଭାସି ନିଖୋଜ ହୋଇଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାବେଳେ ସାଙ୍ଗମାନେ କିଛି କହି ନ ଥିଲେ। ପରେ ସେମାନେ ପୁଅର ସାଙ୍ଗମାନଙ୍କୁ ପଚାରିବାରୁ ରୋହନ ନଦୀରେ ଭାସିଯାଇଥିବା କହିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ପଶି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, ODISHA
PHONE:(06854)-242001, FAX-(06854)242093 e-mail: sgmel.ukhep@gmail.com,
CIN: U40101OR1995SGC003963

**TENDER CALL NOTICE NO. UKHEP-24/2025-26, DATED 21/08/2025**

**No.CAD-1601:** Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Registered Firms/ Agencies/Contractors having minimum one experience in similar type of work executed during last 3 years.

| Sl. No. | Description of Work | Cost of Tender Paper in Rs.(Non-Refundable) | E.M.D. (in Rs.) (Refundable) |
|---|---|---|---|
| 1 | Erection of Oil Pipe Lines for Filtration System at Power House at UKHEP, Bariniput | Rs.2360/- (Rs.2000/-+ 18% GST) | Rs.2900.00 |

The Sale of Tender Paper will be from : **From Dt.30.08.25 to 11.00 Hrs. of Dt.15.09.2025**
The Last date & time of receipt of Tender : **Upto 12.00 Hrs of Dt.15.09.2025**
The date and time of opening of Tender: **At 12.30 Hrs. of Dt.15.09.2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
OIPR-04002/11/0119/2526 — Sd./- C&P Head, Upper Kolab H.E. Project, Bariniput



**ODISHA PUBLIC SERVICE COMMISSION, CUTTACK**
**NOTICE**
No.6120/PSC, Dt.25.08.2025
(PF-1E-08-2025-26) (DR-II)
Website- http://www.opsc.gov.in

No.D-:In partial modification of **this Office Notice No.5849/PSC, Dt.14.08.2025,** it is for information of all concerned that the Physical Verification of Original Certificates/Documents and Interview of the following candidates which was scheduled to be held on **29.08.2025** for recruitment to the posts of Assistant Executive Engineer (Civil) in pursuant to Advertisement No.19 of 2023-24, are hereby **rescheduled to 04.09.2025.**

| Date | Time of Verification | Time of Inter-view | PPSAN of Candidates |
|---|---|---|---|
| 04.09.2025 | 8.30 A.M. | 10.45 A.M. | P220002160, P220002202, P220002304, P220004024, P220004036, P220004504, P220004882, P220005784, P220006041, P220008730, P220008950, P220009888, P220014118, P220014422, P220015686, P220016114, P220016543, P220016590, P220016850, P220018936, P220019075, P220019435, P220019979, P220020168, P220022218, P220022277, P220022588, P220022609, P220022624, P220022896, P220022974, P220023874, P220025622, P220028116, P220028605, P220029142, P220029226, P220030681, P220032179, P220031174, P220037387, P220038041, P220039510, P220040719, P220043983, P220044219, P220044257 & P220045137 **= 48 Candidates** |
| 04.09.2025 | 12.30 P.M. | 2.45 P.M. | P220045544, P220046443, P220046837, P220049089, P220050626, P220051766, P220054112, P220054934, P220055301, P220055556, P220055631, P220055664, P220055682, P220057120, P220058714, P220059734, P220059972, P220060167, P220061496, P220062565, P220063414, P220065928, P220066453, P220067233, P220067391, P220068392, P220070133, P220071364, P220072403, P220075204, P220078816 & P220081794 **= 32 Candidates** |

All other terms & conditions of the previous Notice remain unchanged.
OIPR-12002/11/0307/2526 — Sd./- Secretary



**GOVERNMENT OF ODISHA** — E-Mail: serw.elect@yahoo.in
**OFFICE OF THE SUPERINTENDING ENGINEER, RURAL WORKS ELECTRICAL CIRCLE**
AT: M.I. COLONY, UNIT-9 (FLAT) PO: BHOI NAGAR, BHUBANESWAR-22
No.556, Date:26.08.2025

**CORRIGENDUM**
**1st Corrigendum to Bid Identification No.Tender-Online-SERWELBBSR-01/2025-26, Dated 16.08.2025**
**Invited vide this office Letter No.525, dated 16.08.2025**

**No.O-665:**1. The date of availability of tender, date of opening of Technical Bid & Financial Bid vide this office N.I.T. No. Tender-Online-SERWELBBSR-01/2025-26, Dated 16.08.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Electrical Circle, Bhubaneswar | Tender-Online-SERWELBBSR-01/ 2025-26 | 06.09.2025 at 12.30 P.M. | 21.09.2025 Upto 5.00 P.M. | 22.09.2025 at 11.30 A.M. | To be intimated later on |

2. In the Notice Inviting Tender (NIT), the next appearing in the table at Row-3 under the heading "Additional Performance Security" which presently read as: "Additional Performance Security in shape of Term Deposit Receipt pledged in favour of RW Elect. Circle, Bhubaneswar/Bank Guarantee in favour of RW Elect. Circle, Bhubaneswar from any Nationalised/ Scheduled Bank in India, counter guaranteed by its local Branch at Bhubaneswar."
**Shall be substituted with the following:**
"Additional Performance Security in shape of Term Deposit Receipt pledged in favour of RW Elect. Division, Sambalpur/Bank Guarantee in favour of RW Elect. Division, Sambalpur from any Nationalised/ Scheduled Bank in India, counter guaranteed by its local Branch at Sambalpur."
All other terms and conditions of the N.I.T. shall remain unchanged.
OIPR-25192/11/0003/2526 — Sd./- Superintending Engineer, Rural Works Elect. Circle, BBSR



**ODISHA PUBLIC SERVICE COMMISSION**
**NOTICE**
No. 6167/P.S.C. — Dt.: 26.08.25
(2PS-02-25-26, D.R.-IV)

**2nd Corrigendum for recruitment to the post of Assistant Section Officer in the Office of the Advocate General, Odisha, Advt. No. 02 of 2025-26**

No. D-188: It is for information of all concerned that, the Written Examination for recruitment to the post of Assistant Section Officer in the Office of the Advocate General, Odisha, pursuant to Advertisement No. 02 of 2025-26 scheduled to be held on 21.09.2025 is re-scheduled to **09.11.2025 (Sunday)**. The detailed programme of the said Written Examination shall be notified later.
The 1st Corrigendum issued vide this Office Notice No. 4772/PSC, Dtd.08.07.2025 shall be modified to above extent, and all other stipulations made in the said Notice shall remain unchanged.
2. The candidates are advised to visit the website of the Commission at **http://opsc.gov.in** for further information
OIPR-12002/11/0303/2526 — Sd./- Secretary



**ODISHA PUBLIC SERVICE COMMISSION, CUTTACK**
**NOTICE**
No.6161/PSC, Dt.26.08.25
(1R-19-24/25) (DR-V)
**Assistant Professor (Stage-I) in Sociology**
**(Advertisement No.27 of 2023-24)**

No.D-190-:In partial modification of **this Office Notice No.6012/PSC, Dt.21.08.2025,** it is for information of all concerned that the Document Verification of the following candidates which was scheduled to be held on **29.08.2025** for recruitment to the posts of **Assistant Professor (Stage-I) in the Discipline of Sociology** pursuant to Advertisement No.27 of 2023-24, are hereby rescheduled to **06.09.2025.**

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 06.09.2025 | 10.30 A.M. | P220007747, P240304503, P240308833 P240308906, P240309557, P240298093 P240301347, P240311967, P230113520 P240307923, P240307032, P240302238 P220042465, P220005854, P240303968 & P240306135 **= 16 Candidates** |
| | 2.30 P.M. | P230133116, P230151137, P230152801 P240284908, P220075344, P230120623 P240292840, P240301421, P230155733 P240299565, P240301788 & P240311846 **= 12 Candidates** |

All other terms & conditions of the previous Notice remain unchanged.
OIPR-12002/11/0304/2526 — Sd./- Secretary



**ODISHA PUBLIC SERVICE COMMISSION, CUTTACK**
**NOTICE**
No.6155/PSC, Dt.26.08.25
(1R-03-24/25) (DR-V)
**Assistant Professor (Stage-I) in Commerce**
**(Advertisement No.27 of 2023-24)**

No.D-189-:In partial modification of **this Office Notice No.5853/PSC, Dt.14.08.2025,** it is for information of all concerned that the Document Verification of the following candidates which was scheduled to be held on **29.08.2025** for recruitment to the posts of **Assistant Professor (Stage-I) in the Discipline of Commerce** pursuant to Advertisement No.27 of 2023-24, is hereby rescheduled to **02.09.2025.**

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 02.09.2025 | 10.30 A.M. | P240290079, P220032434, P240301681 P240307379, P240311055, P230092428 P220008736, P240303086, P230110382 P230213514, P220027488, P240283053 P220056044, P230164623, P240304836 & P240285033 **= 16 Candidates** |
| | 2.30 P.M. | P240310323, P240311561, P240305924 P240300668, P240300981, P230139505 P240306091, P220090422, P240308884 P230172493, P220068242 & P220045069 **= 12 Candidates** |

All other terms & conditions of the previous Notice remain unchanged.
OIPR-12002/11/0306/2526 — Sd./- Secretary



**OFFICE OF THE PCCF (WILDLIFE) & CWLW**
**FOREST ENVIRONMENT AND CLIMATE CHANGE DEPARTMENT**
**GOVT. OF ODISHA**
No.L-

**EOI FOR DEVELOPMENT OF WEBSITE OF ECO-TOUR ODISHA**

Wildlife Odisha invites Expressions of Interest (EOIs) from experienced and qualified software firms for the design and development of the Eco-Tour Odisha website, enabling online booking of accommodations and activities, along with an integrated Management Information System (MIS).
The EOI details can be found in the website link below:
**https://wildlife.odisha.gov.in**
The last date of submission of the EOI:
**5th SEPTEMBER 2025**
The detailed EOI can be sent via hardcopy in the office address given below:
OFFICE OF THE PRINCIPAL C.C.F. (WILDLIFE) & CHIEF WILDLIFE WARDEN, ODISHA
**PRAKRUTI BHAWAN, PLOT N0.1459, SAHEED NAGAR, BHUBANESWAR- 751007, ODISHA**
OIPR-08141/11/0019/2526



**BRAHMAPUR MUNICIPAL CORPORATION**
No. 12503 — Date: 25.08.25

**REQUEST FOR PROPOSAL**

No. C-961: Sealed RFP are invited to be reached from Professional agencies for **"Operation and Management of Goshala at Gosaninuagon and Hugulapata" under Brahmapur Municipal Corporation**. The detailed terms & conditions are available at our office website **www.berhampur.gov.in**. The last date of receipt of RFP in this office by 10.09.2025 by 05.00 P.M. and will be opened on 11.09.2025 at 11.00 A.M. in the office of the undersigned.
The authority reserves the right to accept or reject any RFP without assigning any reason thereof.
Sd./- Commissioner
OIPR-13035/11/0060/2526 Brahmapur Municipal Corporation



**OFFICE OF THE MUNICIPALITY, NABARANGPUR**
Nabarangpur (Odisha), PIN - 764059
E-mail: muncipalityngpr@gmail.com
Letter No. 3549/NM/2025 — Date: 26.08.2025

**CORRIGENDUM**

No. C-969: The quotation call notice issued vide this office Letter No. 3489/NM2023 Dated: 18.08.25 and published in Dharitri all edition and Odisha Bhaskar Odia Newspaper on Dated: 19.08.25, where the last date of purchase of quotation paper and date of opening has been mentioned as 29.08.25. Consequent upon declaration of 29th August 2025 as Govt. holiday. Hence the date of purchase of quotation paper and date of opening bid paper is hereby extended to 01.09.25 at 4.00 P.M. and 02.09.25 at 1.00 P.M. respectively.
Other terms & condition remain unchanged.
Sd./- Executive Officer
OIPR-13065/11/0025/2526 Nabarangpur Municipality



**OFFICE OF THE PARADEEP MUNICIPALITY, PARADEEP**

**QUOTATION CALL NOTICE NO.4848/ Dt.26.08.2025**

**No.C-971:**The Executive Officer, Paradeep Municipality, Paradeep invites sealed Quotation Call Notice from interested/intending eligible firms/ Fabricator Agencies/ Contractors for "Conducting stability test of the existing piers of the old incomplete R.C.C. Bridge in Paradeep Municipality" DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of Rs.2,000.00 (Rupees Two thousand) only (not refundable) and also available on office website www.paradeepmunicipality.in from dt.30.08.2025 to dt.11.09.2025. Paper cost shall be paid as per the same method noted in DTCN downloaded online. The firms/agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.12.09.2025 upto 1.00 P.M. and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.
Sd./- Executive Officer, Paradeep Municipality
OIPR-13120/11/0066/2526



No: CMGI/PCU/CMGI/PCU/AMC-SERV/2025/886/1381 — Date:26.08.2025

**NOTICE INVITING E- TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

No.CAD-1599: CMGI invites e-Tenders from eligible agencies for **"Providing Five Years AMC Services for the HRMS Server installed in the State Data Centre, OCAC Building, Acharya Vihar, Bhubaneswar.**
Tender Documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in)
The authority reserves the right to reject any or all the tenders without assigning any reason thereof.
The last date of submission of the e-Tender in Odisha e-Tender Portal (https://tendersodisha.gov.in) is 19.09.2025, at 3.00 P.M.
Procurement Officer, Centre for Modernizing Government Initiative (CMGI), A-2, 1st Floor, Toshali Bhawan, Satya Nagar, Bhubaneswar, Pin: 751007
Sd./- Executive Director CMGI
OIPR-09008/11/0013/2526



**Government of Odisha**
**Department of Women & Child Development**
Lokaseva Bhawan, Sachivalaya Marg, Bhubaneswar, PIN-751001

**NOTICE**
NO.WCD-CW-MISC-0050-2017-21785/WCD, Date:26.08.2025

**SUB:APPLICATION FOR SELECTION AS CHAIRPERSON AND MEMBER OF THE CHILD WELFARE COMMITTEE**

**No.g:**In pursuance of the provisions contained under section 27 of the Juvenile Justice (Care and Protection of Children) Act, 2015 alongwith section 9 of the Juvenile Justice (Care and Protection of Children) Amendment Act, 2021 read with Rules 22 and 105 of Odisha Juvenile Justice (Care and Protection of Children) Rules, 2018, applications in the prescribed format are hereby invited from eligible and intending applicants for the positions of Chairperson/Members of the Child Welfare Committee (in short "CWC") in respect of 3 CWCs of 3 districts i.e. Jajpur, Puri and Nabarangpur. The details of eligibility criteria, other conditions and format for application are available in the website of this Department, https://wcd.odisha.gov.in which may be accessed / downloaded.
Applications in the format prescribed alongwith self-attested copies of relevant certificates/documents etc. kept in a sealed cover superscribed with the words "Application for Selection as Chairperson/ Member of the Child Welfare Committee" may be sent by Speed Post/ Registered Post so as to reach the office of the District Child Protection Unit (DCPU) of the District concerned during the office hours on any working day on or before 5 PM of 9th September, 2025.
Sd./- Director, ICDS & SW-cum-Member Secretary
OIPR-33001/11/0108/2526 State Level Selection Committee

## ମିନିୟାପୋଲିସ ସ୍କୁଲରେ ଗୁଳିମାଡ଼: ଶୁଟର ସମେତ ୩ ମୃତ

ୱାଶିଂଟନ,୨୭।୮ : ଆମେରିକାର ମିନେସୋଟା ରାଜ୍ୟର ମିନିୟାପୋଲିସସ୍ଥିତ ଏକ କାଥୋଲିକ୍ ସ୍କୁଲରେ ବୁଧବାର ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଛନ୍ତି। ଶୁଟର ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମୃତ ୨ ପିଲାଙ୍କ ବୟସ ୮ ଓ ୧୦ ବର୍ଷ ବୋଲି ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ୨ ଜଣ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପୋଲିସ ମୁଖ୍ୟ କହିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ସାନଭି ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟପାଳ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପକାଇ ରଖିଲେ କୋର୍ଟ ବସିରହିବେ କି

### ଭାଜପାଶାସିତ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୭।୮ (ପି.ଟି.)

ରାଜ୍ୟପାଳ ଯଦି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିବାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବ କରନ୍ତି ତେବେ ଅଦାଲତ କ୍ଷମତାବିହୀନ ହୋଇ ବସିରହିବେ କି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ପ୍ରଶ୍ନ କରିଛନ୍ତି। ସାମ୍ବିଧାନିକ ପଦାଧିକାରୀଙ୍କ ସ୍ୱାଧୀନ କ୍ଷମତା ଯଦି ବିଲ୍‌କୁ ଅଟକାଇ ରଖେ, ତେବେ ଅର୍ଥ ବିଲ୍ ମଧ୍ୟ ଅଟକିଯାଇପାରେ ବୋଲି ସର୍ବୋଚ୍ଚ ଅଦାଲତ ବିସ୍ମୟ ପ୍ରକାଶ କରିଛନ୍ତି। ବିଧାନସଭା ଦ୍ୱାରା ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସ୍ୱାଧୀନ କ୍ଷମତା ସପକ୍ଷରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼ ସମେତ କେତେକ ଭାଜପାଶାସିତ ରାଜ୍ୟ ଯୁକ୍ତି ବାଢ଼ିବା ସହ ଏକ ଆଇନକୁ କୋର୍ଟ ମଞ୍ଜୁରୀ ଦେଇପାରିବେ ନାହିଁ ବୋଲି କହିଥିଲେ। ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଷ୍ପତ୍ତି ନେବା ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବ ନାହିଁ ଯୁକ୍ତିକୁ ଆମେ ଗ୍ରହଣ କରୁଛୁ, କିନ୍ତୁ ଯଦି ଜଣେ ବସିରହେ, ତେବେ ଅଦାଲତ କ୍ଷମତାବିହୀନ ହୋଇଯିବ କି ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ପ୍ରଶ୍ନ କରିଛନ୍ତି।

# ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଭାରତର ସର୍ବଶ୍ରେଷ୍ଠ ଅବଦାନ



### ୪୮ତମ ବର୍ଷା ମହୋତ୍ସବ ଉଦ୍‌ଯାପିତ

## କୌଶିକ୍ ଓ ଜ୍ୟୋତିଙ୍କୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ'

ଭୁବନେଶ୍ୱର, ୨୭।୮ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ଓ ନୃତ୍ୟ ହିଁ ପ୍ରକୃତିରୁ ସୃଷ୍ଟି ଓ ପ୍ରକୃତି ସହ ଜୀବନକୁ ଯୋଡ଼ିଥାଏ। ତେବେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ବିଶ୍ୱ ସମୁଦାୟକୁ ଭାରତ ବର୍ଷର ସର୍ବଶ୍ରେଷ୍ଠ ଅବଦାନ ବୋଲି କାଦମ୍ବିନୀର ସମ୍ପାଦିକା ଇତିରାଣୀ ସାମନ୍ତ ମତବ୍ୟକ୍ତ କରିଛନ୍ତି। ଚିନ୍ତା ଓ ଚେତନା ଏବଂ ସ୍ୱରାଞ୍ଜଳି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୮ତମ ବର୍ଷା ମହୋତ୍ସବର ବୁଧବାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇତିରାଣୀ କହିଲେ, ବର୍ତ୍ତମାନ ସମୟରେ ଯୁବ ପିଢ଼ିମାନେ ଭାଷା, ସାହିତ୍ୟ, କଳା ସଂସ୍କୃତିକୁ ପ୍ରଚୁର ପରିମାଣରେ ଭଲପାଉଛନ୍ତି। ଆମ କଳା, ପରମ୍ପରା, ସାହିତ୍ୟ ଓ ସଂସ୍କୃତିକୁ ବହୁତ ଆଗକୁ ଯିବ। ଆମେ ହାରିବା ନାହିଁ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ବରିଷ୍ଠ ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସ ଯୋଗଦେଇ ଆଗାମୀ ବର୍ଷ ଚିନ୍ତା ଓ ଚେତନା ଅନୁଷ୍ଠାନ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ଯୋଗଦେଇ କହିଲେ, ବର୍ଷା ହେଉଛି ଆପଣଙ୍କ ପର୍ବ। ବର୍ଷା ଋତୁରେ ବର୍ଷାରେ ଭିଜିଲେ ଯେମିତି ଆନନ୍ଦ ମିଳେ, ଠିକ୍ ସେହିପରି ବର୍ଷା ମହୋତ୍ସବର ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଲେ ଦ୍ୱିଗୁଣିତ୍ ଆନନ୍ଦପ୍ରାପ୍ତ ହୋଇଯାଏ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ କହିଲେ, ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାନ୍ତୁ। ଏବେ ସବୁଆଡେ ଗଛ କଟାଯାଉଥିବା ଦେଖାଯାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିବା ସହ ପରିବେଶ ଓ ପ୍ରକୃତିକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ସାଧକ ପଣ୍ଡିତ କୌଶିକ୍ ଭଟ୍ଟାଚାର୍ଯ୍ୟ, ନୃତ୍ୟ ବିଦୁଶୀ ଡ. ଜ୍ୟୋତି ରାଉତଙ୍କୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ବିଶିଷ୍ଟ ତବଲା ବାଦକ ଉସ୍ତାଦ୍ ଆସିଫ୍ ଖାଁ, ଡ. କମଳାକ୍ଷ ମୁଖାର୍ଜୀ ଓ ଭାରତ ନାଟ୍ୟମ୍ ନୃତ୍ୟଶିଳ୍ପୀ ଶୁଭମ୍ ଘୋଷଙ୍କୁ 'ବର୍ଷା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ଜ୍ୟୋତି ରାଉତ ନୃତ୍ୟ ପରିବେଷଣ କରିଥିଲେ। ପଣ୍ଡିତ କୌଶିକ୍ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରି ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷ ଶରଣରେ ଗୁରୁ ସଙ୍ଗାତା ଚାଖି ଓ ଶୁଭମ୍ ଭାରତନାଟ୍ୟମ୍‌ରେ ଗଣେଷ କିର୍ତ୍ତନମ୍ ଏବଂ ଶିବ କିର୍ତ୍ତନମ୍ ପରିବେଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ନୃତ୍ୟଙ୍ଗନା ଡ. ସଂଘମିତ୍ରା ପରିଡ଼ା, ସମାଜିକ କର୍ମୀ ମମତା ତ୍ରିପାଠୀ, ଅନୁଷ୍ଠାନର ପରିଚାଳନା ସମ୍ପାଦିକା ରେଣୁକା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା ଓ ରାଜ୍ୟ ସଭାପତି ସହଦେବ ସାହୁ ଧନ୍ୟବଦ ଦେଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲା।



ଜ୍ୟୋତି ରାଉତଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ

## ଆମେରିକାରୁ ଯୁଦ୍ଧବିମାନ ଇଞ୍ଜିନ କିଣିବ ଭାରତ

### ଖୁବ୍‌ଶୀଘ୍ର ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ, ୨୭।୮

ଟାରିଫ୍‌କୁ ନେଇ ଭାରତ ଓ ଆମେରିକା ମଧ୍ୟରେ ବିବାଦ ଦେଖିଦେଇଥିବା ବେଳେ ଆସନ୍ତା ମାସ ସୁଦ୍ଧା ଆମେରିକୀୟ କମ୍ପାନୀ ଜେନେରାଲ ଇଲେକ୍ଟ୍ରିକ୍ (ଜିଇ) ସହ ଭାରତ ପ୍ରାୟ ୧ ବିଲିୟନ ଡଲାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଥିବା ନେଇ ମଙ୍ଗଳବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଚୁକ୍ତି ଅନୁଯାୟୀ, ଜିଇ ପକ୍ଷରୁ ୯୭ଟି ଭାରତୀୟ ଯୁଦ୍ଧ ବିମାନ ଏଲ୍‌ସିଏ ମାର୍କ ୧ଏ ତେଜସ୍ ପାଇଁ ୧୧୩ଟି ନୂତନ ଜିଇ-୪୦୪ ଇଞ୍ଜିନ୍ ଯୋଗାଯିବ। ପୂର୍ବରୁ ୮୩ଟି ଏଲ୍‌ସିଏ ମାର୍କ ୧ଏ ଫାଇଟର ଜେଟ୍ ପାଇଁ ୯୯ଟି ଜିଇ-୪୦୪ ଇଞ୍ଜିନ୍ କିଣିବାକୁ ଜିଇ ସହ ଭାରତୀୟ ରାଷ୍ଟ୍ରାୟତ୍ତ ସଂସ୍ଥା ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ନିକଟରେ ୯୭ଟି ନୂତନ ଏଲ୍‌ସିଏ ତେଜସ୍ ମାର୍କ ୧ଏ ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

## କଲରାପତରିଆ ବାଘ ଛାଲ ଜବତ, ଜଣେ ଗିରଫ



ଖଡ଼ିଆଳ,୨୭।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ସିନାପାଲି ଫରେଷ୍ଟ ରେଞ୍ଜ ଚଟିଆଗୁଡ଼ା ନିକଟରୁ ବୁଧବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ସିନାପାଲି ଅଞ୍ଚଳର ହୋଇଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟିହେବ କହି ତାଙ୍କ ନାମ ବିଭାଗ ପକ୍ଷରୁ ପ୍ରକାଶ କରାଯାଇ ନାହିଁ। ଏସିଏଫ୍ ମହମ୍ମଦ ମୁସ୍ତଫା ସାଲିହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏ ନେଇ ବନ ବିଭାଗ ଅଧିକ ତଦନ୍ତ ଚଳାଇଥିବା ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ସୂଚନା ଦେଇଛନ୍ତି।

# ସାଟେଲାଇଟ୍ ଲଞ୍ଚ୍ କଲେ ୨ ଭାରତୀୟ ଷ୍ଟାର୍ଟଅପ୍

ନୂଆଦିଲ୍ଲୀ,୨୭।୮

ସ୍ପେସ୍‌ଏକ୍ସର ଫାଲକନ୍-୯ ରକେଟ ସହାୟତାରେ କାଲିଫର୍ନିଆର ଭନ୍ଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ ବୁଧବାର ୨ ଭାରତୀୟ ଷ୍ଟାର୍ଟଅପ୍ ପିକ୍ସେଲ ସ୍ପେସ୍ ଏବଂ ଧ୍ରୁବ ସ୍ପେସ୍‌ର ସାଟେଲାଇଟ୍‌କୁ ମହାକାଶକୁ ଛଡ଼ାଯାଇଛି। ପିକ୍ସେଲ ପଠାଇଥିବା ୩ଟି ଫାୟାରଫ୍ଲାଏ ସାଟେଲାଇଟ୍ ପୃଥିବୀ ଉପରେ ସ୍ପଷ୍ଟ ନଜର ରଖିବ ବୋଲି ବେଙ୍ଗାଲୁରୁସ୍ଥିତ ଏହି ଷ୍ଟାର୍ଟଅପ୍‌ର ସିଇଓ କହିଛନ୍ତି। ଗତ ଜାନୁଆରୀରେ ପିକ୍ସେଲ ୩ଟି ସାଟେଲାଇଟ୍ ଲଞ୍ଚ୍ କରିଥିଲା। ସେହିପରି ହାଇଦ୍ରାବାଦର ଧ୍ରୁବ ସ୍ପେସ୍ ଏହାର ପ୍ରଥମ ବ୍ୟବସାୟିକ ସାଟେଲାଇଟ୍ ଲିପ୍-୦୧କୁ ଲଞ୍ଚ୍ କରିଛି। ଏଥିରେ ଅଷ୍ଟ୍ରେଲିଆର ଆକୁଲା ଟେକ୍ ଏବଂ ଏସ୍‌ପର ସାଟେଲାଇଟ୍‌ର ପେଲୋଡ୍ ରହିଛି।

# ଡ୍ରାଇଭରଙ୍କ ମୃତଦେହ ଜବତ

### ସଫେଇ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲା ଟ୍ରେଲର

ବଡ଼ଗାଁ,୨୭।୮ (ଅଶୋକ ଷଡଙ୍ଗୀ )

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଡ ଗାଁ ନିକଟ ସଫେଇ ନଦୀରେ ମଙ୍ଗଳବାର ସକାଳେ ଜଣେ ଡ୍ରାଇଭର କୋଇଲା ବୋଝେଇ ଟ୍ରେଲରକୁ ନଦୀପାର କଲାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ଡ୍ରାଇଭରଙ୍କ ମୃତ ଦେହକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ ଝଣ୍ଟେଲବୁଡ ଗ୍ରାମର ସୁଜିତ ଆଇନ୍ଦ। ଟ୍ରେଲର ମଧ୍ୟ ଜବତ ହୋଇଛି। ଏନେଇ ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, କଲୁଙ୍ଗାରେ କୋଇଲା ଅନଲୋଡ କରିବାରେ ସାହାଯ୍ୟ ପାଇଁ ସୁଜିତ ଗ୍ରାମର ଅବିନାଶ ବର୍ଲାଙ୍କୁ ଡାକିଥିଲେ। ଅବିନାଶଙ୍କୁ ଧରି ସୁଜିତ ଟ୍ରେଲର ଯୋଗେ ଗ୍ରାମ୍ୟ ରାସ୍ତାରେ ଫେରୁଥିଲେ। ସଫେଇ ନଦୀ ପାରି ହେବା ପାଇଁ ବହୁତ କମ ଉଚ୍ଚତାର ଏକ ପୋଲ ରହିଛି। ନଦୀରେ ଅଳ୍ପ ପାଣି ଆସିଲେ ବି ଏହି ପୋଲ ବୁଡ଼ିଯାଇଥାଏ। ପୋଲ ବୁଡ଼ିଗଲେ ବି ଅନେକ ଅନୁମାନ ଲଗାଇ ପାରି ହୁଅନ୍ତି। କିନ୍ତୁ ଏବେ ଏହି ପୋଲ ଉପରେ ଅଧିକ ପାଣି ଥିଲେ ମଧ୍ୟ ସୁଜିତ ଟ୍ରେଲର ନେଇ ପାରି ହୋଇଯିବାକୁ ପ୍ରୟାସ କରିଥିଲେ। କେତେଜଣ ଏହିଭଳି ଦୁଃସାହସ କରିବାକୁ ମନା କରିଥିଲେ। କିନ୍ତୁ ସୁଜିତ ନ ମାନି କୋଇଲା ବୋଝେଇ ଟ୍ରେଲରକୁ ନଦୀ ପାରି କରିବାକୁ ଚେଷ୍ଟା କଲାବେଳେ ଭାସିଯାଇଥିଲେ। ଟ୍ରେଲର ଓଲଟି ଯାଉଥିବା ଦେଖି ଅବିନାଶ ବାର୍ଲା ଡେଇଁ ପଡି ପ୍ରାଣ ରକ୍ଷା କରିଥିଲେ। ହେଲେ ଡ୍ରାଇଭର ନିଖୋଜ ହୋଇଯାଇଥିଲେ। ବଡ଼ଗାଁ ଥାନା ପୋଲିସ ଓ ଦମକଳ କେନ୍ଦ୍ର କର୍ମଚାରୀମାନେ ବୁଧବାର ଟ୍ରଲରକୁ ବାହାର କଲାପରେ ମଧ୍ୟ ଡ୍ରାଇଭରଙ୍କୁ ପାଇ ନ ଥିଲେ। ଡ୍ରାଇଭରଙ୍କ ମୃତଦେହ ଘଟଣାସ୍ଥଳରୁ ଦେଢ଼ ଶହ ମିଟର ଦୂର ନଦୀ ଖଣ୍ଡିରେ ଥିବା ଏକ ଗଛ ଚେରରେ ଲାଖି ରହିଥିବା ଦେଖି ଉଦ୍ଧାର କରିଛନ୍ତି।


### ସପ୍ତମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା



ସାନଭି ପ୍ରିୟଦର୍ଶିନୀ(ପିହୁ)
ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ସପ୍ତମ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତରନାଥ ଜଗନ୍ନାଥ ଓ ଜଗତ୍ ଜନନୀ ମା ସାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛାସହ:
ବଡ଼ ମାମା,ବାବା,ମାମା,ସୌମ୍ୟା ଦିଦି, ଗୁଡୁ ଭାଇ, ଜଗା ମାମୁଁ, ସୁନୀତା ମାଇଁ, ଅମୁ ମାମୁ, ବସନ୍ତ ମାଆ, ମିନା ମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲ ଜେଜେ, ଗୁଡୁ ଭାଇ, ଗେଲୁ ଦିଦି, ତ୍ରିଶା ଦିଦି, ଲଭଲି ଦିଦି, ବନ୍ଧୁ ଓ ପରିବାରବର୍ଗ।
ଧ-1777

# Classified Everyday
0674-2580101, 9692975378




REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

Resort/ Cottage at Puri @14.90Lakhs, Lunching offer@ 9.90 Lakhs(Only on 31st August), Contact- 8917622925. D-1780

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



FOR RENT

Ashok Leyland mini truck with tiptop condition and all India/ Odisha permit available for rent purpose . Contact- 9668814120. D-1778

## AFFIDAVIT

I, Krushna Chandra Pradhan, CPO, S/o- Chakradhar Pradhan, R/o-Khanduali Nuagan, P.O.-Khuntakata, Cuttack, Odisha have changed my daughter's name from Aisha Priyadarshini to Akshara Priyadarshini for all future purposes. D-1775

I, Madana Jhodia, S/o- Damu Jhodia resident of Pandakamari, P.O.- Dongasil, P.S.- Doraguda, Dist.- Rayagada, PIN- 765015, Odisha declare by this affidavit No.-8424, Dated- 24.08.2025, that now onwards, I shall be known as Madan Jhodia for all furture purpose. D-1772

Email ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Balangir, dated 22-08-2025 I, Golapi Sa, W/o- Panchanana Sa, Address AT- Metaguda, P.O.- Gochadangen, P.S. M.Rampur, DISTRICT Kalahandi (Odisha), PIN Code-766102 declare that I have changed my name from Nalini Sa to Golapi Sa. Henceforth, I shall be known as Golapi Sa for all purposes. D-1773

By virtue of an affidavit sworn before the Executive Magistrate, Boudh, No.1020, date 11.07.25, I Anusuya Meher, D/o. Keshaba Meher R/o. Village/P.O.-Butupali, P.S./Dist.-Boudh, Odisha, PIN-762014 declare that I have changed my son's name from Anusaya Meher to Anusuya Meher. Henceforth I shall be known as Anusuya Meher for all purposes.
Anusuya Meher
D-1776

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

IR No.-1361
Date- 04.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS) ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ- ୨.
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍ କେସ୍ ନଂ.- ୪୩୨/୨୦୨୪
ସ୍ମିତାରାଣୀ ପଣ୍ଡା ....ବାଦୀ
ବନାମ
ସେଟେଲମେଣ୍ଟ ଅଫିସର, ଓଗେର ....ପ୍ରତିବାଦୀ
ନୋଟିସ ଅର୍ଡର- ୫ ରୁଲ-୨୦ C.P.C ମୁତାବକ
୩. ଶୁକଦେବ ପାଣ୍ଡିଆ, ପିତା- ପରମି ପାଣ୍ଡିଆ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ବସୁନ୍ଧରା ଇଷ୍ଟେଟ ଡେଭେଲପର, ସା- କାନନ ବିହାର, MIG-II, House No.- 11, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ତରଫ Chairman ପ୍ରଫୁଲ୍ଲ କୁମାର ବିଧାର, ପିତା- ମୃତ ବେଣୁଧର ବିଧାର, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିକି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ, ଅଦାଲତ ନଂ- ୨ ଇଜିଲାସ ଚତୁର୍ଥମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୦୯।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୧୧, ପ୍ଲଟ ନଂ.- ୩୮୯, ଏରିଆ ଏ୦.୦୮୪ ଡେସିମିଲ ସମ୍ପାନ୍ଧରୁ କ୍ରୟବୃତ୍ତି ଏ ୦.୦୫୫ ଡେସିମିଲ। ହାଲ ଖାତା ନଂ.- ୧୧୯୯, ହାଲ ପ୍ଲଟ ନଂ- ୧୯୨୨, ଏରିଆ ଏ୦.୦୫୫ ଡେସିମିଲ।
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ମାନେ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
D-1771

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ସବୀତା କୁମାରୀ ଦାଶ
ମାଣ୍ଡିଆ ପଲ୍ଲୀ, ସନ୍ତୋଷୀ ନଗର lane-3, ଗଞ୍ଜାମ
ଆବିର୍ଭାବ: ୦୧।୦୪।୧୯୫୯
ତିରୋଧାନ: ୨୦।୦୮।୨୦୨୦
ସମୟ ସ୍ରୋତରେ ୫ବର୍ଷ ବିତିଗଲା, ପ୍ରତିଟି ମୁହୂର୍ତ୍ତ ତମେ ଆମର ପାଖେ ପାଖେ ଅଛ। (ମାମା) ତମର ନାତୁଣୀ ତମକୁ ଦେଖିନାହିଁ ମାତ୍ର ତମର ଫଟୋ ଦେଖି ଆଈ ବୋଲି ଡାକୁଛି, ତମର ସମସ୍ତ ଲକ୍ଷଣ ତା'ର ପାଖରେ ଦେଖିବାକୁ ମିଳୁଛି ଭଗବାନଙ୍କ ଇଚ୍ଛାରୁ ତମେ ଯେଉଁଠାରେ ବି ଥାଅ ଭଲରେ ଥାଅ ଏହା ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ସ୍ୱାମୀ- ଗିରୀଶ, ପୁତ୍ର- ଦୀପୁ, ଝିଅ- ଦୀପା, ଜ୍ୱାଇଁ- ଆୟା, ନାତୁଣୀ- ମାମା, କୁନି, କାହ୍ନା ଏବଂ ଲୁନା।
ଧ-1779

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରୋଜିନୀ ଦାସ(ଶିକ୍ଷୟିତ୍ରୀ)
ଆବିର୍ଭାବ: ୦୪।୦୬।୧୯୬୪
ତିରୋଧାନ: ୨୮।୦୮।୨୦୧୮
ଆମକୁ ଛାଡ଼ି ଚାଲିଯିବାକୁ ଚାହୁଁ ଚାହୁଁ ସାତ ବରଷ ବିତିଗଲା। ଆଜି ବି ପ୍ରତ୍ୟେକ ମୁହୂର୍ତ୍ତରେ ତମକଥା ଆମର ମନେ ପଡୁଛି। ତମର ଆଦର୍ଶ, ସ୍ନେହ, ମମତା ଓ ଭଲ ପାଇବା ଆମର ଅଭୁଲା ସ୍ମୃତି ହୋଇରହିଛି। ତମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:- ସ୍ୱାମୀ ଚିତ୍ତରଞ୍ଜନ, ପୁତ୍ର- ସିଦ୍ଧାର୍ଥ, ପୁତ୍ରବଧୂ- ଅର୍ପିତା, ନାତି- ଶୀତକଣ୍ଠ ଓ ଅଗସ୍ତ୍ୟ ଏବଂ ସରୋଜିନୀ ସ୍ମୃତି ସଂସଦ ପରିବାର।
ଧ-1774

### ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତ ସନାତନ ଦାଶ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଧରାବତରଣ - ୨୬.୦୫.୧୯୪୬
ସ୍ୱର୍ଗାରୋହଣ - ୦୭.୦୯.୨୦୨୪
ସ୍ୱର୍ଗତା ଉର୍ବଶ୍ରୀ କୁମାରୀ ଦାଶ
ଧରାବତରଣ - ୨୦.୦୬.୧୯୫୧
ସ୍ୱର୍ଗାରୋହଣ - ୧୫.୦୯.୨୦୨୪
ମାର୍ଥାପୁର ଶାସନ, ଢେଙ୍କାନାଳ
ଆପଣ ଦୁହିଁଙ୍କର ଅନାବିଳ ସ୍ନେହ, ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହିତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୧୭୭୦

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।




'ଜଙ୍ଗଲ ଜଳୁଛେ' ଫିଲ୍ମର ଏକ ଦୃଶ୍ୟ ।

## କାହାଣୀ ଜଙ୍ଗଲର

'ଜଣେ ନିଶାଗ୍ରସ୍ତ ବ୍ୟକ୍ତି କେବଳ ନିଜ ପରିବାରର କ୍ଷତି କରେନା ଏହାଦ୍ୱାରା ସମାଜ ମଧ୍ୟ ପ୍ରଭାବିତ ହୁଏ। ନିଶାସକ୍ତ ଅବସ୍ଥାରେ ସେ କ'ଣ କରେ ନିଜେ ଜାଣିପାରେନା। ତେଣୁ ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ଏବଂ ସମ୍ବଲପୁରୀ ଫିଲ୍ମ 'ଜଙ୍ଗଲ ଜଳୁଛେ'। ଜଙ୍ଗଲ ସୁରକ୍ଷାର ବାର୍ତ୍ତା ମଧ୍ୟ ଏଥିରେ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାପାତ୍ର। କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କୁମାର ଲାବା। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଶ୍ରଦ୍ଧା ମହାରଣା ଏବଂ ମିଟୁ ମିଥୁନ ପ୍ରମୁଖ କଳାକାର।

## ଖାଇକେ ପାନ୍ ବନାରସୱାଲା...

ଥରେ ମନେପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ 'ଡନ୍' ଦର୍ଶକାଦୃତ ଗୀତ 'ଖାଇକେ ପାନ୍ ବନାରସୱାଲା'କୁ। କିଶୋର କୁମାର ଗାଇଥିବା ଅନ୍ୟତମ ହିଟ୍ ଗୀତରେ ଅମିତାଭ ବଚ୍ଚନଙ୍କ ନାଚକୁ ଏବେ ବି ଅନେକେ ମନେପକାଇଥାଆନ୍ତି। ଏକ କାର୍ଯ୍ୟକ୍ରମରେ ଅଭିଷେକ ବଚ୍ଚନଙ୍କୁ ଏହି ଗୀତରେ ନାଚିବାର ସୁଯୋଗ ମିଳିଥିଲା। ନାଚିବା ପରେ ସେ ଏହି ଗୀତକୁ ନେଇ ନିଜର ଅନୁଭୂତି ବଖାଣିବାକୁ ଭୁଲି ନ ଥିଲେ। ସେ କହିଥିଲେ, ଯେହେତୁ ମୋର ଜନ୍ମ ଏକ କଳାକାର ପରିବାରରେ ତେଣୁ ଅଭିନୟ ପ୍ରତି ପିଲାଟି ଦିନରୁ ରୁଚି ରହିଥିଲା। 'ଡନ୍'ର ସେହି ସୁପରହିଟ୍ ଗୀତ 'ଖାଇକେ ପାନ୍ ବନାରସୱାଲା' ମୋତେ ଜଣେ ଅଭିନେତା ହେବାକୁ ଅନୁପ୍ରାଣିତ କରିଥିଲା। ଅନେକ କାର୍ଯ୍ୟକ୍ରମରେ ଏହି ଗୀତଟିକୁ ଗାଇବାକୁ ମୋତେ ଅନୁରୋଧ କରାଯାଇଥାଏ। ଯେହେତୁ ମୁଁ ମଧ୍ୟ ଜଣେ ଗାୟକ ତେଣୁ ଶ୍ରୋତାଙ୍କ ଅନୁରୋଧକୁ ମୁଁ ଏଡ଼ାଇ ନ ଥାଏ।'' ଅଭିଷେକ ବଚ୍ଚନ ଦୀର୍ଘ ୨୫ ବର୍ଷ ଧରି ଅଭିନୟ ସହ ଜଡ଼ିତ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ରିଫ୍ୟୁଜି' ୨୦୦୦ରେ ରିଲିଜ ହୋଇଥିଲା।



ଅଭିଷେକ

## ଏବେ ବି ଭାବୁଛନ୍ତି ହୁମା

ହୁମା କ୍ୟୁରେସିଙ୍କ ଅଭିନୟ କ୍ୟାରିୟର ଥିଏଟରରୁ ଆରମ୍ଭ ହୋଇଥିଲା। ୨୦୧୨ରେ ସେ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଗ୍ୟାଙ୍ଗସ ଅଫ ୱାସେପୁର'। ଏଥିରେ ସେ ନୱାଜଉଦ୍ଦିନ ସିଦ୍ଧିକିଙ୍କର ପ୍ରେମିକା ଭୂମିକାରେ ଅଭିନୟ କରିଥିଲେ। ହେଲେ ନିଜ ଆକ୍ଟିଂ କ୍ୟାରିୟରର ଗୋଟିଏ ଘଟଣାକୁ ସେ ଭୁଲି ପାରୁ ନାହାନ୍ତି। ୨୦୦୮ରେ ରିଲିଜ ହୋଇଥିବା 'ରେସ୍' ଫିଲ୍ମର ନାୟିକା ଚରିତ୍ର (ମାହିରା ଖାନ୍)ରେ ସେ ଅଭିନୟ କରିଥାଆନ୍ତେ। ପ୍ରଯୋଜକଙ୍କ ସହ ତାଙ୍କର ଏ ନେଇ କଥାବାର୍ତ୍ତା ଶେଷ ହୋଇଥିଲା। ବାସ୍ ଦିନ କେଇଟା ପରେ ସେ ସାଇନ୍ କରିଥାଆନ୍ତେ। ହେଲେ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ କାଷ୍ଟିଂରୁ ତାଙ୍କୁ ଆଉଟ୍ କରିଦିଆଯାଇଛି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ଯଦି ଏଥିରେ ସେ ଅଭିନୟ କରିଥାଆନ୍ତେ ତେବେ ଏହା ହୋଇଥାଆନ୍ତା ତାଙ୍କ ଅଭିନୀତ ପ୍ରଥମ ସିନେମା। ଏ ନେଇ ହୁମା କହନ୍ତି, ''ମୋତେ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦିଆଗଲା। କଥାବାର୍ତ୍ତା ମଧ୍ୟ ସରିଥିଲା। କିନ୍ତୁ କ'ଣ ହେଲା କେଜାଣି ଦେଖୁଦେଖୁ ମୋତେ କାଷ୍ଟିଂରୁ ଆଉଟ୍ କରିଦିଆଗଲା। କିନ୍ତୁ ଯେତେବେଳେ ସିନେମାଟି ହିଟ୍ ହେଲା ତାହାକୁ ନେଇ ମୁଁ ବେଶ ଅନୁତାପ କରିଥିଲି। କିନ୍ତୁ ଅଭିନୟ ଜୀବନରେ ଏମିତି ଅନେକ ଘଟଣା ଘଟିଥାଏ। ହେଲେ ଏହି ଅଫରଟି ହାତରୁ ଖସିଯିବା କଥାକୁ ମୁଁ ଏପର୍ଯ୍ୟନ୍ତ ଭୁଲି ପାରୁନାହିଁ।''



ହୁମା



'ବିଘ୍ନ ବିନାଶିବେ ବିନାୟକ' ଫିଲ୍ମର ଏକ ଦୃଶ୍ୟ।

## ସେହି ତିନି ମାସ...

ନିକଟରେ ରିଲିଜ ହୋଇଛି ବିଗ୍ ବଜେଟ୍ ଫିଲ୍ମ 'ୱାର ୨'। ଆକ୍ସନ ପ୍ୟାକଡ୍ ଏହି ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରୁଛି। ଏଥିରେ ହ୍ରିତିକ ରୋଶନ, ଜୁନିୟର ଏନ୍‌ଟିଆର୍ ଏବଂ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ହେଲେ ଏହାର ଶୁଟିଂ ପୂର୍ବରୁ କିଛି ଘଟଣାକୁ ଏବେ ବଖାଣି ବୁଲୁଛନ୍ତି କିଆରା। ଏହି ସିନେମା ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଭୂମିକାଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେଇପାରିବେ ସେ ନେଇ ଦିନ ରାତି ଏକାଠି କରିଦେଇଥିଲେ। ବିଶେଷ ଭାବରେ ତିନି ମାସ ତାଙ୍କୁ କଠିନ ପ୍ରାକ୍ଟିସ କରିବାକୁ ପଡିଥିଲା। ଫିଜିକାଲ ଫିଟ୍‌ନେସ୍ ପାଇଁ ଏକ୍ସରସାଇଜ ବ୍ୟତୀତ ଡାଏଟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ କିଆରା। ରାତିରେ ଯେମିତି ହେଲେ ସେ ଆଠ ଘଣ୍ଟା ଶୋଉଥିଲେ। ଠିକ୍ ସମୟରେ ଖାଇବା ଏବଂ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ପାଇଁ ତାଙ୍କୁ ଏକ ସ୍ପେଶାଲ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥିଲା। ଏ ବିଷୟରେ କିଆରା କହନ୍ତି, ''ଯେତେବେଳେ ପ୍ରଯୋଜକ ଆଦିତ୍ୟ ଚୋପ୍ରା ମୋତେ ଏହି ଅଫରଟି ଦେଲେ ସେତେବେଳେ ମୁଁ ଏହାକୁ ବିଶ୍ୱାସ କରିପାରି ନ ଥିଲି। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଭଲ ଭାବରେ ଅବଗତ ହେବା ପରେ ସେ ନେଇ ମୁଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତି ଆରମ୍ଭ କରିଥିଲି। ଏଥିପାଇଁ ମୋତେ ମାରାଥନ ତିନି ମାସ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଏଥିରେ ମୋ ଭୂମିକାଟି ହେଉଛି ୱିଙ୍ଗ କମାଣ୍ଡର କାୟା ଲୁଥରା। ଏଥିପାଇଁ କିପରି ପ୍ରସ୍ତୁତ ହେବି ସେ ନେଇ କେବଳ ପ୍ରଯୋଜକ ନୁହନ୍ତି ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ମୋତେ ବିଶଦ ଭାବରେ ବୁଝାଇ ଦେଇଥିଲେ। ଯାହାହେଉ ମୋର ଏଭଳି ପ୍ରସ୍ତୁତି ମୋତେ ଶୁଟିଂ ସମୟରେ ଯଥେଷ୍ଟ ସାହାଯ୍ୟ କରିଥିଲା। ଫିଲ୍ମଟିକୁ ଯେତେବେଳେ ମୁଁ ପ୍ରେକ୍ଷାଳୟରେ ଦେଖିଲି ମୋ ପରିଶ୍ରମ ସାର୍ଥକ ହୋଇଛି ବୋଲି ଅନୁଭବ କରିଥିଲି।'' ୧୭୩ ମିନିଟ୍ ଅବଧି ବିଶିଷ୍ଟ ଏବଂ ପ୍ରାୟ ୪୦୦କୋଟି ବଜେଟରେ ପ୍ରସ୍ତୁତ 'ୱାର ୨' ଏପର୍ଯ୍ୟନ୍ତ ପାଖାପାଖି ୩୦୦ କୋଟି ଆୟ କରିସାରିଲାଣି।



କିଆରା

## ବିଘ୍ନ ବିନାଶିବେ ବିନାୟକ


ଏଥର ଗଣେଶ ପୂଜା ଅବସରରେ ତଥା ଚଳିତ ମାସ ୩୧ ତାରିଖ ସନ୍ଧ୍ୟା ୬.୩୦ରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ସିନେମା 'ବିଘ୍ନ ବିନାଶିବେ ବିନାୟକ'। ଏସ ପି ପି ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟ ନାୟକ। ଏହାପୂର୍ବରୁ ସେ ଦର୍ଶକଙ୍କୁ କଟା ହାତ, କଙ୍କଡା ବିଛା, ଏଲିୟନ ପରି ବିଷୟବସ୍ତୁକୁ ସୁନ୍ଦର ଭାବରେ ଦୃଶ୍ୟାୟନ କରି ନିଜର ନିର୍ଦ୍ଦେଶନା କ୍ଷମତା ଦେଖାଇ ସାରିଛନ୍ତି। ଏହି ଫିଲ୍ମର କାହାଣୀ ଅନୁସାରେ ପାଞ୍ଚବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି। ତାଙ୍କ ମାଆ ପାର୍ବତୀ ତାକୁ କହିଥାନ୍ତି ଯେ ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି। ସେପଟେ ବିଘ୍ନେଶ ନାମକ ଜଣେ ପୁଅ ମୁନିକୁ ସାଥୀ ଭାବରେ ସାହାଯ୍ୟ କରିଥାଏ। ସେପଟେ ବିକାଶ ଓ ପଲ୍ଲବୀ ମଧ୍ୟ କାହାଣୀକୁ ନୂଆ ମୋଡ ଦେଉଛନ୍ତି। ତେବେ ସତରେ କ'ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କ'ଣ? ଏସବୁ ପ୍ରଶ୍ନର ଉତ୍ତର ଫିଲ୍ମରେ ରିହଛି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା । ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ।



'ଲହରୀ' ଫିଲ୍ମରେ ଚୌଧୁରୀ ବିକାଶ ଦାସ (ଡାହାଣ)

## ଲହରୀକୁ ଅପେକ୍ଷା

ଅଭିନେତ୍ରୀ-କମ୍-ପ୍ରଯୋଜିକ ଝିଲିକ ଭଟ୍ଟାଚାର୍ଯ୍ୟଙ୍କ ନୂଆ ସିନେମା 'ଲହରୀ'କୁ ନେଇ ଏବେ ଚର୍ଚ୍ଚା। କାରଣ ଚିତ୍ରଟି ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟି ଚାଲିଛି। ଅନ୍ୟପକ୍ଷରେ ଏହି ସିନେମାଟି ଆସନ୍ତା ମାସ ୧୨ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ବଳିଷ୍ଠ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ଚିତ୍ରଟି କିପରି ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିପାରିବ ସେ ନେଇ ଏହାର ଶୁଟିଂ ସମୟରେ ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା। ବଡ଼ ପରଦାରେ ଫିଲ୍ମଟି ଦର୍ଶକମାନଙ୍କ ମନ ନିଶ୍ଚିତ ଜିଣିବ ବୋଲି ଆଶା ରଖିଛନ୍ତି ପ୍ରଯୋଜିକା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ଝିଲିକ ମୋସନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କିଶାଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇଡି।



'ଶୋଲେ' ଫିଲ୍ମରେ ଅମଜାଦ ଖାନ୍ ।

## ଜାଭେଦ ନା, ରମେଶ ହଁ

ବଲିଉଡ୍ ସିନେମା ଇତିହାସରେ 'ଶୋଲେ' (ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର) ଏପର୍ଯ୍ୟନ୍ତ ଏକ ମାଇଲଷ୍ଟୋନ୍ ହୋଇ ଠିଆ ହୋଇଛି। ହେଲେ ଏହାର କାଷ୍ଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଉକ୍ତ ସିନେମାର ଗବର ସିଂ ଚରିତ୍ର ପାଇଁ ଅମଜାଦ ଖାନ୍‌ଙ୍କୁ ଚୟନ କରାଯାଇଥିଲା। ହେଲେ ଯେତେବେଳେ ତାଙ୍କର ସ୍କ୍ରିନ୍ ଟେଷ୍ଟ ନିଆଗଲା ସେତେବେଳେ ଏହାର ସଂଳାପକାର ଜାଭେଦ ଅଖତର କହିଥିଲେ ଯେ, ଏହି ରୋଲ୍ ପାଇଁ ଅମଜାଦଙ୍କ ଭଏସ ସଫ୍ଟ ହେଉଛି। ତେଣୁ ତାଙ୍କୁ ଏହି ଫିଲ୍ମରେ ନ ନିଆଗଲେ ଭଲ ହୁଅନ୍ତା। କିନ୍ତୁ ନିର୍ଦ୍ଦେଶକ ରମେଶ ସିପ୍ପି ନିଜ ଜିଦ୍‌ରେ ଅଟଳ ଥିଲେ। ଶେଷରେ ତାଙ୍କୁ ହିଁ ସାଇନ୍ କରାଗଲା। ରିଲିଜ ପରେ ଫିଲ୍ମଟିର ପ୍ରମୁଖ ଆକର୍ଷଣ ସାଜିଥିଲେ ଅମଜାଦ ଖାନ୍। ତାଙ୍କର ସେହି ଅନ୍ୟତମ ସ୍ମରଣୀୟ ଡାଏଲଗ 'ଅବ୍ ତେରା କ୍ୟା ହୋଗାରେ କାଲିଆ..'କୁ ଏବେ ବି ଅନେକ ଗୁଣୁଗୁଣେଇ ଥାଆନ୍ତି।

ଶୁଟିଂଚାଲିଛି

## ବିନ୍ଦୁସାଗର

ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'ର ଶୁଟିଂ ଏବେ ଲଣ୍ଡନରେ ଚାଲୁରହିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଭାରତର ଅଗ୍ରଣୀ ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ସ୍ଲୁ ପ୍ଲାଟୁନ ୱାନ ଫିଲ୍ମସ ଓଲିଉଡ୍‌ରେ ପ୍ରବେଶ କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶିଳାଦିତ୍ୟ ବୋରା। ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ପ୍ରକୃତି ମିଶ୍ର। ଏହି ଫିଲ୍ମ ସମ୍ପର୍କରେ ପ୍ରଯୋଜକ ଶିଳାଦିତ୍ୟ କହନ୍ତି, ''ଓଡ଼ିଆ ଚଳଚିତ୍ର ଶିଳ୍ପ ଖୁବ୍‌ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି। ଆମେ ଏଭଳି ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛୁ ଯାହା ସମାନ ଭାବରେ ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ। 'ବିନ୍ଦୁସାଗର' ହେଉଛି ସମଗ୍ର ବିଶ୍ୱ ପାଇଁ ଓଡ଼ିଶାରେ ନିର୍ମିତ ଆମର ଦୃଷ୍ଟିକୋଣ।'' ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମ ୱାର୍କର୍ସ ସହ ସହଭାଗିତାରେ ବିନୟ ରେଡ୍ଡୀ, ଶୁଭ ଶେଖର ଭଟ୍ଟାଚାର୍ଜୀ (ବାଉଣ୍ଡଲେସ ବ୍ଲାକ ବର୍ଡ଼ ଫିଲ୍ମସ) ସହ ମିଳିତ ଭାବେ ଏହାକୁ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ଫିଲ୍ମଟିକୁ ବେଶ୍ ସୁନ୍ଦର ଭାବରେ ନିର୍ମାଣ କରିବାକୁ ପୂରାଦମ୍‌ରେ ଅଣ୍ଟା ଭିଡ଼ିଛନ୍ତି 'ଯାଯାବର ୨.୦'ର ଫେମ୍ ନିର୍ଦ୍ଦେଶକ ଅଭିଷେକ। ତେବେ ଏହି ବିଗ୍ ବଜେଟ୍ ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



'ବିନ୍ଦୁସାଗର' ଫିଲ୍ମର ଏକ ଦୃଶ୍ୟରେ ପ୍ରକୃତି ମିଶ୍ର ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୮/୨୦୨୫ Bhubaneswar, Thursday, August 28/ 2025

# ଦ୍ୱିତୀୟ ରାଉଣ୍ଡରେ ଜେଭରେଭ, ଗଫ

**ୟୁଏସ୍ ଓପନ**

ନ୍ୟୁୟର୍କ,୨୭।୮

ବର୍ଷର ଚତୁର୍ଥ ତଥା ଅନ୍ତିମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ୱାର୍ଲ୍ଡ ନଂ-୩ ଆଲେକଜାଣ୍ଡର ଜେଭରେଭ ଓ ତୃତୀୟ ର୍ୟାଙ୍କଧାରୀ ମହିଳା ସିଙ୍ଗଲ୍ସ ଖେଳାଳି କୋକୋ ଗଫ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ବୁଧବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡର ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଜେଭରେଭ ୬-୨, ୭-୬,(୭/୪),୬-୪ ସେଟ୍‌ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରିଷ୍ଟଫର ଓ କୋନେଲଙ୍କୁ, ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ ସେଟ୍‌ରେ ଏଲମର ମୋଲରଙ୍କୁ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ ୬-୪, ୭-୬(୧୦-୮), ୬-୪ ସେଟ୍‌ରେ ବିଲି ହାରିସଙ୍କୁ, ୨୬ତମ ସିଡ୍ ଷ୍ଟେଫାନସ ସିଟସିପାସ ୪-୬, ୬-୦, ୬-୧, ୭-୫ ସେଟ୍‌ରେ ଆଲେକଜାଣ୍ଡର ମୁଲରଙ୍କୁ, ଜ୍ୟାକବ ଫିଅର୍ନଲି ୭-୫, ୬-୨, ୫-୭, ୬-୪ ସେଟ୍‌ରେ ରୋବେର୍ଟୋ ବୌତିସ୍ତା ଅଗୁତଙ୍କୁ, ରୋମାନ ସାଫିଉଲିନ ୬-୪, ୨-୬, ୬-୧, ୩-୬, ୬-୪ ସେଟ୍‌ରେ ଗାଏଲ ମନଫିଲ୍ସଙ୍କ ଓ ନୁନୋ ବର୍ଜେସ ୬-୪, ୬-୨, ୬-୩ ସେଟ୍‌ରେ ବ୍ରାଣ୍ଡନ ହଲ୍ଟଙ୍କୁ ପରାସ୍ତ କରିଛନ୍ତି।



ଶଟ୍ ଖେଳିବା ଅବସରରେ ଆଲେକଜାଣ୍ଡର ଜେଭରେଭ।

ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଗଫ ୬-୪, ୬-୭ (୨/୭), ୭-୫ ସେଟ୍‌ରେ ଆଜଲା ଟମଜାନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ତାଙ୍କ ଭଳି ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୪, ୬-୧ ସେଟ୍‌ରେ ଆନାସ୍ତାସିଜା ସେଭାଷ୍ଟୋଭାଙ୍କୁ, ନାଓମି ଓସାକା ୬-୩, ୬-୪ ସେଟ୍‌ରେ ଗ୍ରୀଟ ମିନେନଙ୍କୁ, ଆନାସ୍ତାସିଆ ଜାଖାରୋଭା ୬-୩, ୬-୪ ସେଟ୍‌ରେ ଏଲିନା ଆଭାନେସିଆନଙ୍କୁ, ୨୧ତମ ସିଡ୍ ଲିଣ୍ଡା ନୋସ୍କୋଭା ୬-୪, ୭-୫ ସେଟ୍‌ରେ ଡାଲମା ଗଲଫିଙ୍କୁ, ଆଶଲିନ କ୍ରୁଗର ୫-୭, ୬-୪, ୬-୨ ସେଟ୍‌ରେ ୨୬ତମ ସିଡ୍ ସୋଫିଆ କେନିନଙ୍କୁ ଓ ଲୌରା ସିଜମଣ୍ଡ ୭-୬, ୨-୬, ୬-୩ ସେଟ୍‌ରେ ୨୦ତମ ସିଡ୍ ଡାଏନା ଶ୍ନିଡରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

# ବିଦୁସ୍ମିତା ଭୋଇଙ୍କୁ ସ୍ୱର୍ଣ୍ଣ ପଦକ

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

ଭୁବନେଶ୍ୱର,୨୭।୮ (ଅନାଦି କର)

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଓଡ଼ିଶା ଏଚ୍‌ପିସି (ହାଇ ପରଫର୍ମାନ୍ସ ସେଣ୍ଟର)ର ବିଦୁସ୍ମିତା ଭୋଇ ଏକ ରେକର୍ଡ ଭଙ୍ଗ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ବିଦୁସ୍ମିତା ଜୁନିୟର ମହିଳା ବିଭାଗର ୬୩ କେଜି ବର୍ଗରେ ସ୍ନାଚ୍‌ରେ ୮୯ କେଜି ଭାର ଉଠାଇଥିବା ବେଳେ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୫ କେଜି ଭାର ଉଠାଇଥିଲେ, ଯାହାକି ନୂଆ ରାଜ୍ୟଗୋଷ୍ଠୀ ରେକର୍ଡ। ଏଭଳି କରି ସେ ମୋଟ ୨୦୪ କେଜି ଭାର ଉଠାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେ ଢେଙ୍କାନାଳସ୍ଥିତ ଏଚ୍‌ପିସିରେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ମାର୍ଗଦର୍ଶନରେ ପ୍ରଶୀକ୍ଷଣ ନେଉଛନ୍ତି। ଏଭଳି ସଫଳତା ଲାଗି ତାଙ୍କୁ ଓଡ଼ିଶା ୱେଟଲିଫ୍ଟିଂ ଆସୋସିଏଶନ (ଓଡବ୍ଲ୍ୟୁଏ)ର ସମସ୍ତ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ତେବେ ଏହି ଟୁର୍ନାମେଣ୍ଟରେ ଏହା ଓଡ଼ିଶା ଲାଗି ଚତୁର୍ଥ ପଦକ। ବିଦୁସ୍ମିତାଙ୍କ ପୂର୍ବରୁ ପ୍ରୀତିସ୍ମିତା ଭୋଇ (ୟୁଥ୍ ବାଳିକା, ୪୪ କେଜି) ଓ ମୀନା ସାନ୍ତା (ଜୁନିୟର ମହିଳା, ୫୮ କେଜି) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ନେହା ସୋରେନ (ସିନିୟର ମହିଳା, ୫୩ କେଜି) ରୌପ୍ୟ ପଦକ ହାତେଇଥିଲେ। ଅନ୍ୟତମ ଓଡ଼ିଆ ୱେଟଲିଫ୍ଟର ଟିକି ମୋହିନୀ ମଲିକ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଟିକି ୟୁଥ ବିଭାଗର ୬୩ କେଜି ବର୍ଗରେ ସ୍ନାଚ୍‌ରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୯୧ କେଜି ସହ ମୋଟ ୧୬୨ କେଜି ଭାର ଉଠାଇଥିଲେ।




# ଧରମବୀର, ପ୍ରୀତି ଭାରତର ପତାକାବାହକ

**ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍**

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ଆଉ ୩୦ଦିନ ପରେ ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଅୟୋଜନ ହେବାକୁଥିବା ବେଳେ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ତରଫରୁ ବୁଧବାର ଅଫିସିଆଲ ଟିମ୍ ଜର୍ସିର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଧରମବୀର ଓ ପ୍ରୀତି ପାଲ୍‌ଙ୍କୁ ଭାରତର ପତାକା ବାହକ ଭାବେ ମନୋନୟନ କରାଯାଇଛି। ଚାମ୍ପିୟନଶିପ୍ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୫ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ। ଏଥିରେ ୭୩ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିବ। ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସ ପୁରୁଷ କ୍ଲବ ଥ୍ରୋ ଏଫ୍ ୫୧ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଧରମବୀର ଦୁଇଟି ବ୍ରୋଞ୍ଜ ପଦକ ବିଜେତା ପ୍ରୀତି ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ନେତୃତ୍ୱ ନେବେ। ଜର୍ସି ଉନ୍ମୋଚନ ଉତ୍ସବରେ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡ଼ର ଅଭିନେତ୍ରୀ କଙ୍ଗନା ରାନାୱତ, ପିସିଆଇ ସଭାପତି ଦେବେନ୍ଦ୍ର ଝାଜାରିଆ, ବିଶ୍ୱ ପାରା ଆଥଲେଟିକ୍ସ ମୁଖ୍ୟ ପଲ୍ ଫିଜରାଲ୍ଡ ଏବଂ ସିମରନ ରିଙ୍କୁ, ଦେବେନ୍ଦ୍ର କୁମାର, ଅମିଶା ରାୱତ, ଶ୍ରେୟାଂଶ ତ୍ରିବେଦୀ, ବରୁଣ ସିଂ ଭଟି ଏବଂ ପ୍ରଣବ ସୁର୍ମାଙ୍କ ଭଳି ଅଗ୍ରଣୀ ପାରା ଆଥଲେଟମାନେ ଉପସ୍ଥିତ ଥିଲେ।


ଧରମବୀର


ପ୍ରୀତି ପାଲ୍

# ବାସନ୍ଦ ଆଶଙ୍କାରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୨୭।୮ (ପି.ଟି.)

ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ) ଉପରେ ଅନ୍ତର୍ଜାତୀୟ ବାସନ୍ଦର ଭୟ ଦେଖାଦେଇଛି। ଫିଫା ଓ ଏସିଆନ ଫୁଟବଲ କନଫେଡେରେଶନ ପକ୍ଷରୁ ଏଆଇଏଫ୍‌ଏଫ୍‌କୁ ଅକ୍ଟୋବର ୩୦ ସୁଦ୍ଧା ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ ହେଲେ ବାସନ୍ଦ କରାଯିବ ବୋଲି କୁହାଯାଇଛି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ପଠାଯାଇଥିବା ଦୁଇ ପୃଷ୍ଠା ବିଶିଷ୍ଟ ଚିଠିରେ ୨୦୧୭ଠାରୁ ସୁପ୍ରିମକୋର୍ଟରେ ମାମଲା ବିଚାରାଧିନ ଥିବା ସତ୍ତ୍ୱେ ଫେଡେରେଶନ ଏହାର ସମ୍ବିଧାନକୁ ଚୂଡ଼ାନ୍ତ କରିବାରେ ବିଫଳ ହୋଇଛି। ଏଥିଯୋଗୁ ଦୁଇ ସଂସ୍ଥା ଚିନ୍ତା ପ୍ରକଟ କରିଛନ୍ତି। ଗୁରୁବାର ମାମଲାର ଶୁଣାଣି ହେବ।

ଯଦି ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଏ, ତେବେ ଜାତୀୟ ଦଳ ଓ କ୍ଲବ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଭଳି ହେଲେ ୨୦୩୬ ଅଲିମ୍ପିକ୍ ଗେମ୍ସ ଆୟୋଜନ କରିବାର ଭାରତର ଅଭିଳାଷ ଅନିଶ୍ଚିତତାରେ ଘେରି ହୋଇ ଯିବ।

ଫିଫା ଓ ଏଏଫ୍‌ସି ପକ୍ଷରୁ ଚୌବେଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍‌କୁ ସୁପ୍ରିମ କୋର୍ଟଙ୍କଠାରୁ ସଂଶୋଧିତ ସମ୍ବିଧାନ ଉପରେ ଏକ ନିଶ୍ଚିତ ଆଦେଶ ହାସଲ କରିବା ସହ ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରବର୍ତ୍ତୀ ସାଧାରଣ ପରିଷଦ ବୈଠକରେ ନୂଆ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଡ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

**୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ନୂଆଦିଲ୍ଲୀ,୨୭।୮(ପି.ଟି.)

ଗୁଜରାଟର ଅହମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଷ୍ପତ୍ତି ସମ୍ପର୍କରେ ବୁଧବାର ଘୋଷଣା କରାଯାଇଛି। ମନ୍ତ୍ରଣାଳୟ ଓ ବିଭାଗ ସହ ହୋଷ୍ଟ କୋଲାବରେଶନ ଏଗ୍ରିମେଣ୍ଟ(ଏଚ୍‌ସିଏ) ସ୍ୱାକ୍ଷର କରିବାକୁ ଏବଂ ବିଡ୍‌କୁ ସ୍ୱୀକାର କରାଯିବା କ୍ଷେତ୍ରରେ ଗୁଜରାଟ ସରକାରଙ୍କୁ ଆବଶ୍ୟକ ଅନୁଦାନ ପ୍ରଦାନ କରିବାକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭୨ ଦେଶର ଆଥ୍‌ଲେଟ୍ସ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ବିଡ୍ ଦାଖଲ ପ୍ରକ୍ରିୟା ଶେଷ କରିବାକୁ କ୍ୟାବିନେଟ୍ ଅନୁମତି ଦେଇଛି। ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ଲାଗି ଜରୁରୀ ଥିବା ମନ୍ତ୍ରଣାଳୟ ଓ ବିଭାଗ ସହିତ ଆବଶ୍ୟକ ସ୍ୱାକ୍ଷର କରିବାକୁ ମଧ୍ୟ ଅନୁମତି ଦିଆଯାଇଛି।



ବିଡ୍ ଦାଖଲ କରିବା ଲାଗି ଚଳିତ ମାସ ୩୧ ତାରିଖ ହେଉଛି ଶେଷ ଦିନ। ଏଣୁ ଆଇଓଏ ଆଗାମୀ ୪୮ ଘଣ୍ଟା ମଧ୍ୟରେ ସମସ୍ତ ଔପଚାରିକ କାର୍ଯ୍ୟ ଶେଷ କରିବ ବୋଲି ଆଶା କରାଯାଉଛି। ଅନ୍ତିମଥର ଭାରତ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଆଗାମୀ ନଭେମ୍ବର ଅନ୍ତିମ ସପ୍ତାହରେ ଗ୍ଲାସ୍‌ଗୋରେ ବସିବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ସଭାରେ ୨୦୩୦ ସଂସ୍କରଣର ଆୟୋଜକ ଦେଶ ନିର୍ଦ୍ଧାରଣ ହେବ। ଆୟୋଜନ ଅଧିକାର ଲାଗି ଚାଲିଥିବା ଦୌଡ଼ରୁ କାନାଡ଼ା ଓହରି ଯାଇଥିବାରୁ ଭାରତର ସମ୍ଭାବନା ବୃଦ୍ଧି ପାଇଛି। ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ ନରେନ୍ଦ୍ର ମୋଦି ଷ୍ଟାଡିୟମ ସହିତ ସହରର କ୍ରୀଡ଼ା ଭିତ୍ତିଭୂମି କାରଣରୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ଚୟନ କରାଯାଇଛି। ଏହି ଇଭେଣ୍ଟରେ ଅନ୍ତର୍ଜାତୀୟ ଆଥ୍‌ଲେଟ୍ସ, କୋଚ୍, ଟେକ୍ନିକାଲ ଅଫିସିଆଲ୍ସ, ପର୍ଯ୍ୟଟକ ଓ ଗଣମାଧ୍ୟମ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ବ୍ୟବସାୟ ଓ ଅଞ୍ଚଳର ରାଜସ୍ୱ ବୃଦ୍ଧି ପାଇବ। ଏଥିସହିତ ଇଭେଣ୍ଟ ଯୋଗୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଡୁରାଣ୍ଡ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ରାଷ୍ଟ୍ରପତି


ଡୁରାଣ୍ଡ କପ ଚାମ୍ପିୟନ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଟ୍ରଫି ପ୍ରଦାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟମାନେ।

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ନିକଟରେ ଶେଷ ହୋଇଥିବା ଡୁରାଣ୍ଡ କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନର୍ଥ ଇଷ୍ଟ ୟୁନାଇଟେଡ୍‌କୁ ପ୍ରେସିଡେଣ୍ଟ୍ସ କପ୍ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଯେଉଁ ୩ଟି ପ୍ରତିଷ୍ଠିତ ଟ୍ରଫି ପ୍ରଦାନ କରାଯାଇଥାଏ ତନ୍ମଧ୍ୟରେ ଏହା ଅନ୍ୟତମ। ୧୯୫୬ରେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସ୍ଥାପିତ ଏହି ଟ୍ରଫି ଉତ୍କର୍ଷ ଓ ସମ୍ମାନର ଏକ ପ୍ରତୀକ, ଯାହାକି ଟୁର୍ନାମେଣ୍ଟ ସହ ଦେଶର ଐତିହ୍ୟ ସମ୍ପର୍କକୁ ମଜଭୁତ କରିଛି। ରାଷ୍ଟ୍ରପତି ନର୍ଥଇଷ୍ଟ ୟୁନାଇଟେଡ୍ ମାଲିକ ଜନ୍ ଆବ୍ରାହମ, ଅଧିନାୟକ ରେଡିମ୍ ଟିଲାଙ୍ଗ ଏବଂ ସିଇଓ ମନ୍ଦର ତମହାନେଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଡୁରାଣ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋସାଇଟି ଏବଂ ଡୁରାଣ୍ଡ କପ୍ ଆୟୋଜକ କମିଟିର ସଦସ୍ୟବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ବିଜୟୀ ଦଳ ଏବଂ ଆୟୋଜକ କମିଟିର ସଦସ୍ୟମାନଙ୍କ ସହ ରାଷ୍ଟ୍ରପତିଙ୍କ ସ୍ମାରକୀ ଗ୍ରୁପ୍ ଫଟୋଗ୍ରାଫ ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଆଇପିଏଲ୍‌ରୁ ଅଶ୍ୱିନଙ୍କ ଅବସର

ଚେନ୍ନାଇ, ୨୭।୮(ପି.ଟି.)

ଭାରତର ଭେଟେରାନ୍ ଅଫ୍-ସ୍ପିନ୍ ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ବୁଧବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିବାର କିଛି ମାସ ପରେ ସେ ୧୬ ବର୍ଷ ଲମ୍ବା ଆଇପିଏଲ୍ କ୍ୟାରିୟର ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୮ ବର୍ଷୀୟ ଅଶ୍ୱିନ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି।

'ପ୍ରତ୍ୟେକ ଅନ୍ତର ଏକ ନୂଆ ଆରମ୍ଭ ରହିଥାଏ। ଜଣେ ଆଇପିଏଲ୍ କ୍ରିକେଟର ଭାବେ ମୋ କ୍ୟାରିୟରର ବୁଧବାର ଶେଷ ହେଉଛି। କିନ୍ତୁ ଏହିଠାରୁ ବିଭିନ୍ନ ଲିଗ୍‌ରେ ମୋର ଖେଳିବାର ସମୟ ଆରମ୍ଭ ହେଲା। ସମସ୍ତ ଚମତ୍କାର ସ୍ମୃତି ଓ ବର୍ଷ ବର୍ଷର ସମ୍ପର୍କ ଲାଗି ମୁଁ ସମସ୍ତ ଫ୍ରାଞ୍ଚାଇଜ୍, ଆଇପିଏଲ୍ ଓ ବିସିସିଆଇକୁ ଧନ୍ୟବାଦ୍ ଦେଉଛି' ବୋଲି ଅଶ୍ୱିନ ଏକ୍ସ'ରେ ପୋଷ୍ଟ କରିଛନ୍ତି। ୨୦୦୯ରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ସହ କ୍ୟାରିୟର ଆରମ୍ଭ କରିଥିବା ଅଶ୍ୱିନ ତାଙ୍କର ଅନ୍ତିମ ମ୍ୟାଚ୍ ମଧ୍ୟ ସମାନ ଫ୍ରାଞ୍ଚାଇଜ୍ ପାଇଁ ଖେଳିଥିଲେ। ସେ ଏକ ଦଶନ୍ଧି ପରେ ୯.୭୫ କୋଟି ଟଙ୍କାରେ ସିଏସ୍‌କେ ସହ ଯୋଡ଼ି ହୋଇଥିଲେ। କିନ୍ତୁ ଗତବର୍ଷ ଆଇପିଏଲ୍‌ରେ ସେ ମାତ୍ର ୯ଟି ମ୍ୟାଚ୍ ଖେଳିଥିଲେ। ସେ ଗତବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ତାଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି, ଯାହାକି ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ। ମୋଟ୍ ଉପରେ ସେ ୨୨୧ ଆଇପିଏଲ୍ ମ୍ୟାଚ୍ ଖେଳି ୩୦.୨୨ ଆଭରେଜ୍‌ରେ ୧୮୭ ଉଇକେଟ ନେଇଥିଲେ। ସେ ବ୍ୟାଟ୍‌ରେ ୧୩.୦୨ ଆଭରେଜ୍‌ରେ ଏକ ଅର୍ଦ୍ଧଶତକ ସହ ୮୩୩ ରନ୍ କରିଥିଲେ।





# ଆନିଶ ଭାନ୍‌ୱାଲାଙ୍କୁ ରୌପ୍ୟ ପଦକ

**ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍**




ଶିମ୍‌କେଣ୍ଟ, ୨୭।୮(ପି.ଟି.)

ଚଳିତ ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲକରି ଆନିଶ ଭାନ୍‌ୱାଲା ଭାରତର ଶ୍ରେଷ୍ଠ ରାପିଡ୍ ଫାୟାର ପିସ୍ତଲ ଶୁଟର ବୋଲି ପ୍ରମାଣିତ ହୋଇଛନ୍ତି। ଏହି ୨୨ ବର୍ଷୀୟ ମୋଟ୍ ୩୫ ସ୍କୋର ସହ ସ୍ୱର୍ଣ୍ଣ ବିଜେତା ଚାଇନାର ସୁ ଲିଆନବୋଫାନ୍‌ଙ୍କଠାରୁ ହାରି ରୌପ୍ୟ ହାତେଇଛନ୍ତି। କୋରିଆର ଲି' ଜେକ୍ୟୁନ୍‌ଙ୍କୁ ବ୍ରୋଞ୍ଜ ମିଳିଛି। ଭାରତୀୟ ଶୁଟର ପ୍ରଥମ ୪ ସିରିଜରେ ଗୋଟିଏ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲେ ମାତ୍ର ପରେ ସେ ବିଫଳ ହୋଇଥିଲେ। ଭାନ୍‌ୱାଲା ହେଉଛନ୍ତି ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣବିଜେତା। ମଙ୍ଗଳବାର ପ୍ରିସିସନ ରାଉଣ୍ଡ ଅଫ୍ ୩୦ ଶଟ୍‌ରେ ୨୯୦ ସ୍କୋର ସହ ୬ଷ୍ଠ ସ୍ଥାନରେ ରହିଥିଲେ। ହରିୟାଣାର ଏହି ଶୁଟର ବୁଧବାର ରାପିଡ୍ ଫାୟାର ରାଉଣ୍ଡରେ ଚମତ୍କାର ପ୍ରଦର୍ଶନକରି ୨୯୩ ପଏଣ୍ଟ ସହ ମୋଟ ୫୮୩ ପଏଣ୍ଟ କରି ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ